ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅପ୍ରେଲ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବନ୍ଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ବାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଅନୁଭବ ହେଉଛି, ସତର୍କ ଏବଂ ସୁରକ୍ଷିତ ରହିବା ଆବଶ୍ୟକ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୮ |
| **କାହାଣୀ ବିଭାଗ** | | **୨୦** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୯ | ଅଶୋକ ବିଶ୍ୱାଳ | ୨୧ |
| ଗୋଲାପର କାହାଣୀ | ଅନନ୍ତ କୁମାର ସାହୁ | ୩୩ |
| ସ୍ମୃତିର ଫଗୁଆ | କୁଞ୍ଜ ବିହାରୀ ସାହୁ | ୩୬ |
| ଜୀବନ୍ତ ଶବ | ଅମୃତ ନାରାୟଣ ଶତପଥୀ | ୪୮ |
| ସେଇ ଏକ ଟେଲିଫୋନ୍ କଲ୍ | ଆଶୁତୋଷ ମେହେର | ୫୪ |
| ରଙ୍ଗ ଖେଳରେ ଭାଙ୍ଗ | ଲିମନ୍ | ୫୯ |
| ପେନ୍ କିଲର୍ | ରୋଜାଲିନି ମିଶ୍ର | ୬୩ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୭ |
| **କବିତା ବିଭାଗ** | | **୭୩** |
| ବିଭ୍ରାନ୍ତ ବ୍ୟକ୍ତିତ୍ୱ | ଶିବ ନାରାୟଣ ଦାଶ | ୭୪ |
| ଉତ୍କଳମଣି ଚିର ଭାସ୍ୱର ବିଶ୍ୱ ମୋହେ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୮୪ |
| ଦେହ | ନିତ୍ୟରଞ୍ଜନ ନନ୍ଦ | ୮୭ |
| ଜାଗ୍ରତ ହୁଅ ଓଡ଼ିଆ | ସୁବ୍ରତ କୁମାର ପ୍ରଧାନ | ୮୯ |
| ସତ୍ୟର ସନ୍ଧାନେ | ସେବକ ବସନ୍ତ କୁମାର ମହାପାତ୍ର | ୯୧ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ମୋ ସିଲଟ | ଅମରନାଥ ବାରିକ | ୯୩ |
| ନିରୁଦ୍ଦିଷ୍ଟ ପ୍ରେମିକା | ସୁବ୍ରତ କୁମାର ଜେନା | ୯୪ |
| କହିବାକୁ ଭାଗ୍ୟ ଦୋଷ | ତାରା ପ୍ରସାଦ ଜେନା | ୯୬ |
| ଲୁହର ଜନମ ନୁହଁ ଖାଲି ଝରିବାକୁ | ନୀଳମଣି ଚାନ୍ଦ | ୯୮ |
| ପ୍ରଜାପତି ଯେବେ ଫୁଲରେ ବସେ | ପ୍ରତିମା ମେହେର | ୯୯ |
| ମୋ ପଲ୍ଲୀପଥ | ଶଙ୍କର ବିଶ୍ୱାଳ | ୧୦୦ |
| ସ୍ୱପ୍ନମୟୀ | ନିରଞ୍ଜନ ସାହୁ | ୧୦୧ |
| ଆମ ଗାଆଁ ସ୍କୁଲ | ସରୋଜ କୁମାର ସାହୁ | ୧୦୨ |
| ମୋ କବିତା | ସୁରେଶ ଚନ୍ଦ୍ର ପାଢ଼ୀ | ୧୦୩ |
| ଫୁଲ | ଦେବାର୍ଚ୍ଚନ ମେହେର | ୧୦୪ |
| ଉତ୍କଳୀୟ ମାଟି | ତ୍ରିନାଥ ନନ୍ଦୀ | ୧୦୫ |
| ଦୋଳ ପରବ | ନିଶିଥ ଚକ୍ରବର୍ତ୍ତୀ | ୧୦୬ |
| ଋତୁ ଏକ ସମସ୍ୟାର | ଡଃ ଜ୍ୟୋତ୍ସ୍ନା ମିଶ୍ର | ୧୦୭ |
| ଫଗୁଣର ସ୍ୱପ୍ନ | ଡଃ ମାଙ୍ଗଳିକା ମହାପାତ୍ର | ୧୦୮ |
| ଖୋଲିଲି ଯେବେ ଆଖି ମୁଁ ପ୍ରଥମ | ସୁଶ୍ରୀ ସିମ୍ରନ ଦେହୁରୀ | ୧୦୯ |
| ମିଛ | ପ୍ରିତିଶ କୁମାର | ୧୧୦ |
| ଗଳ୍ପ ନାୟିକା | ପୁଷ୍ପାଞ୍ଜଳି ପଣ୍ଡା | ୧୧୧ |
| ତୁମେ ଭାରି ମନେପଡ଼ | ବାଲାଜୀ ସେଠୀ | ୧୧୨ |
| ତଥାପି ତୁମେ ମୋର | ଆଦରମଣୀ ପ୍ରଧାନ | ୧୧୪ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ନାରୀରୁ ସେବିକା ଯାଏଁ | ଚିନ୍ମୟ ଶୁଭ୍ରାଂଶୁ ସିଂହ | ୧୧୫ |
| ଆହେ ପ୍ରଭୁ ହେ | ରାମ ପ୍ରସାଦ ସିଂହ | ୧୧୬ |
| ଅଚିହ୍ନା ଚିହ୍ନା | ଦିବାକର ନାୟକ | ୧୧୭ |
| ମାଟି ମା' | ଅନିଲ କୁମାର ମିଶ୍ର | ୧୧୮ |
| ଜୀବନ ଦୀପଟିଏ | ଜ୍ୟୋତିର୍ମୟୀ ଓଝା | ୧୧୯ |
| ଆହେ ଅନ୍ତର୍ଯାମୀ | ଭାଗିରଥୀ ଯାନୀ | ୧୨୦ |
| ଶାନ୍ତନୁ | ସ୍ମୃତିରଞ୍ଜନ ବାରିକ | ୧୨୨ |
| ମହାତ୍ମା ବିଦୁର | ବିଜୁ ମହେନ୍ଦ୍ର | ୧୨୪ |
| ଗର୍ବରେ କହୁଛି ମୁଁ ଓଡ଼ିଆ | ଶାନ୍ତନୁ କୁମାର ରାଉତ | ୧୨୯୬ |
| ସ୍ୱାଭିମାନୀ ଓଡ଼ିଆ | ଦୁଷ୍ମନ୍ତ ବେହେରା | ୧୨୭ |
| ପୂଜିବା ମହାକାଳ ଗୋସାଇଁ | ପଙ୍କଜ କୁମାର ମଙ୍ଗଳ | ୧୨୮ |
| ରହିବ ମୋ ମନେ | ରାକେଷ ଷଡ଼ଙ୍ଗୀ | ୧୩୦ |
| ଅତି ନିଜର | ନରେନ୍ଦ୍ର ପ୍ରସାଦ ବେହେରା | ୧୩୨ |
| ଏଇ ବୋଧେ ପ୍ରେମ | ଜନ୍ମଜୟ ନାୟକ | ୧୩୫ |
| କଙ୍କାଳ | ରାଜେନ୍ଦ୍ର କୁମାର ବିଷୋୟୀ | ୧୩୭ |
| ସାହିତ୍ୟ ମୋ ଜୀବନ | ଟୋନିସ୍ ରୋହିଦାସ୍ | ୧୩୯ |
| ମହାବିଷୁବ ସଂକ୍ରାନ୍ତି | ବାସନ୍ତୀଲତା ଜେନା | ୧୪୦ |
| କିଏ ତୁମେ ? | ଲିଟୁ ନାୟକ | ୧୪୨ |
| କହିଦେଲା କଥା | ଡା ନୀଳମାଧବ କର | ୧୪୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ହଁ, କୁହ... | ଉଦ୍ଧବ ପାତ୍ର | ୧୪୬ |
| ଦୃଢ଼ ନିଶ୍ଚୟ | ଅମୃତ ନାରାୟଣ ଶତପଥୀ | ୧୪୭ |
| ମୁଁ ମାଠିଆ କହୁଛି | ରାଧାମୋହନ ପୂଜାହାରୀ | ୧୪୮ |
| ଦୋଳପୂର୍ଣ୍ଣିମା | ପ୍ରହ୍ଲାଦ ସାହୁ | ୧୫୧ |
| ନିରସିତ ଯାତ୍ରା | ଅନସୂୟା ପଣ୍ଡା | ୧୫୩ |
| ନିର୍ବାଣୋନ୍ମୁଖୀ ଚେତନା | ସନ୍ତୋଷ କୁମାର ରାଉତ | ୧୫୫ |
| ଫେରିଯିବ ତୁମେ ? | ସନ୍ଦୀପ ଶେଖର | ୧୫୬ |
| ଯୁଦ୍ଧ: ୟୁକ୍ରେନ୍ ବନାମ ଋଷିଆ | ଦଣ୍ଡାସି ପ୍ରଧାନ | ୧୫୮ |
| ପ୍ରଶ୍ନରେ ଈଶ୍ବର | କୃଷ୍ଣଚନ୍ଦ୍ର ବାରିକ | ୧୬୩ |
| ପାଦସ୍ପର୍ଶ | କଲ୍ୟାଣୀ ଦାଶ | ୧୬୫ |
| ପୁରୁଷାକାର | ଡଃ ମନୋରଞ୍ଜନ ବିଷୋୟୀ | ୧୬୬ |
| **ସଂବଲପୁରୀ ବିଭାଗ** | | **୧୬୭** |
| ମନ୍ତ୍ରୀ ସୁଶାନ୍ତ ସିଂ | ବିଶ୍ବନାଥ ଭୁଏ | ୧୬୮ |
| **ପ୍ରବନ୍ଧ ବିଭାଗ** | | **୧୭୦** |
| ମୋହ | ପଙ୍କଜ କୁମାର ପାଣିଗ୍ରାହୀ | ୧୭୧ |
| ବିପ୍ଲବୀ ଭଗତ ସିଂ | ଅକ୍ଷୟ କୁମାର ରାଉତ | ୧୭୭ |
| ମାଆ ବୈଷ୍ଣୋଦେବୀ ଦର୍ଶନ | ପ୍ରହ୍ଲାଦ ସାହୁ | ୧୮୨ |
| ବିଶେଷ ସୂଚନା | | ୧୮୬ |


Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ–ପତ୍ରିକାର ଅପ୍ରେଲ ୨୦୨୨ ମସିହାର ସଂସ୍କରଣକୁ ମାସ ଶେଷରେ ନେଇ ଉପସ୍ଥିତ ହୋଇଥିବା ହେତୁ ମୁଁ କ୍ଷମାପ୍ରାର୍ଥୀ । ବିଗତ ଦିନରେ ଅନେକ କାର୍ଯ୍ୟବ୍ୟସ୍ତତା ହେତୁ ପତ୍ରିକା ପ୍ରକାଶନରେ ଏହି ବିଳମ୍ବ ହୋଇଛି । ସେ ଯା ହେଉ ବର୍ତ୍ତମାନ ଆପଣଙ୍କ ସମ୍ମୁଖରେ ଆହ୍ୱାନର ଏହି ସଂସ୍କରଣ ଉପସ୍ଥାପନ କରୁଥିବା ହେତୁ ମୁଁ ଆନନ୍ଦିତ । ଅନେକ ବନ୍ଧୁ ଭ୍ରାମ୍ୟଭାଷୀ ମାଧ୍ୟମରେ ଏହି ବିଷୟରେ ମୋତେ ଅବଗତ କରାଇଛନ୍ତି, ଆପଣଙ୍କ ଭଲପାଇବା ଆହ୍ୱାନ ଇ-ପତ୍ରିକାର ପ୍ରକାଶନରେ ଏକ ଅନନ୍ୟ ପ୍ରୋତ୍ସାହନ ଭାବେ ପ୍ରମାଣିତ ହେଉଛି ।

ବିଶ୍ୱ ବର୍ତ୍ତମାନ ଏକ ସଂକଟମୟ ସମୟ ଦେଇ ଗତି କରୁଛି । ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଏକ ନିର୍ଣାୟକ ଅବସ୍ଥାରେ ପହଞ୍ଚିବାର ନାମ ନେଉ ନାହିଁ । ତେଣେ ବିଶ୍ୱର ଅନେକ ଦେଶର ଦେଶାଧ୍ୟକ୍ଷମାନେ ଏହାକୁ ନେଇ କୌଣସି ନିଷ୍ପତ୍ତି ନେବାର ଅବସ୍ଥାରେ ବି ନାହାନ୍ତି । ଯେଉଁ ଦେଶ ସବୁ ବିଶ୍ୱର ଭାଗ୍ୟବିଧାତା ବୋଲି ନିଜକୁ ନିଜେ ମନେ କରି ନେଇଥିଲେ ଏବେ ସେମାନେ ଅତ୍ୟନ୍ତ ବିବଶ ଓ ଅସହାୟ ବୋଲି ଜଣାଉଛନ୍ତି । ବିଗତ ଦିନରେ ଆମେରିକାର ସରକାର ଭାରତକୁ ବିଶ୍ୱ ଦରବାରରେ ଅପମାନିତ କରିବା ଉଦ୍ଦେଶ୍ୟରେ ଯେଉଁ ସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ, ସେଇ କାର୍ଯ୍ୟକ୍ରମରେ ଭାରତର ବିଦେଶ ମନ୍ତ୍ରୀ ଶୀ ଏସ୍ ଜୟଶଙ୍କର ସ୍ୱୟଂ ଉପସ୍ଥିତ ରହି ଯେଉଁଭଳି ଭାବରେ ସବୁ ପ୍ରଶ୍ନର ଉତ୍ତର ଉପସ୍ଥାପନ କରିଥିଲେ, ଏଥିରୁ ଅନ୍ତତଃ ଏତିକି ତ ସ୍ୱଷ୍ଟ ହୋଇଗଲା ଯେ ବର୍ତ୍ତମାନ ବିଶ୍ୱରେ ଭାରତ ଏକ ନିର୍ଣ୍ଣାୟକ ଭୂମିକା ନିଭେଇବା ପାଇଁ ପ୍ରସ୍ତୁତ ରହିଛି । ଯଦିଓ ବିଶ୍ୱର ଅନେକ ଦେଶ ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବାବଦରେ ଭାରତକୁ ମଧ୍ୟସ୍ଥତା କରିବା ପାଇଁ ପରୋକ୍ଷ ଭାବରେ ଚାପ ପକାଇବାକୁ ଚାହୁଁଛନ୍ତି, ତଥାପି ଭାରତ ନିଜ ନିଷ୍ପତ୍ତିରେ ଅଚଳ ରହିଛି ।

ଅନେକ ଘଟଣାବଳୀ ମଧ୍ୟରେ ବିଗତ ସପ୍ତାହରେ ଦେଶବ୍ୟାପୀ ରାମନବମୀ ଏବଂ ହନୁମାନ ଜୟନ୍ତୀ ସମୟରେ ଆୟୋଜିତ ଜନସମାଗମ ଉପରେ ଅଣନିୟନ୍ତ୍ରିତ ମୁସଲମାନ ଭିଡ଼ ଦ୍ୱାରା ପଥର ବୃଷ୍ଟି ଘଟଣା ସମୁଦାୟ ଗଣମାଧ୍ୟମରେ ଶିରୋନାମା ଗ୍ରହଣ କରିଥିଲା । ଏହିଭଳି ଘଟଣା ଅବଶ୍ୟ ନୂତନ ନୁହେଁ, କିନ୍ତୁ ଏହା ଯେଉଁଭଳି ଭାବରେ ଦିନକୁ ଦିନ ବିସ୍ତାର ବା ବୃହତ ଆକାର ନେବାର ଲାଗିଛି ଏହା ଆମପାଇଁ ଚିନ୍ତାର ବିଷୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଘଟଣାପରେ ସରକାରଙ୍କ ଦ୍ୱାରା ଅତିକ୍ରମଣ ଦୂର କରିବାପାଇଁ ପଦକ୍ଷେପ ଭାବେ ବୁଲଡୋଜର ବ୍ୟବହାରକୁ ସୁପ୍ରିମ କୋର୍ଟ୍ କିଛି ସମୟ ପାଇଁ ବନ୍ଦ କରିଦେଇଥିଲେ ମଧ୍ୟ ଏହାକୁ ବେଆଇନ୍ ପଦକ୍ଷେପ ବୋଲି କହିନାହାନ୍ତି । ଯେଉଁ ଭଳି ଭାବରେ ଭାରତର୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ଅଶାନ୍ତ କରିବାର ପ୍ରଚେଷ୍ଟା ଉଭୟ ଦେଶ ଏବଂ ବିଦେଶରେ ଥିବା ସଂସ୍ଥା ମାନଙ୍କ ଦ୍ୱାରା କରାଯାଉଛି ତାହା ଆମ ପାଇଁ ଚିନ୍ତାର ବିଷୟ ହେଉଥିବା ବେଳେ ଆନନ୍ଦର ବିଷୟ ବୋଲି ମଧ୍ୟ କୁହାଯାଇପାରେ । ଅତୀତରେ ଭାରତ ପ୍ରାଧାନ୍ୟ ବିଶ୍ୱ ଦରବାରର ନଗଣ୍ୟ ଥିବା ବେଳେ ବର୍ତ୍ତମାନର ସରକାରଙ୍କ ପ୍ରଶଂସନୀୟ ପଦକ୍ଷେପ ହେତୁ ବର୍ତ୍ତମାନ ବିଶ୍ୱ ଦରବାରରେ ଭାରତର କାଟତି ଯେ ବଢିଛି ଏହା ସମସ୍ତେ ମାନିବାକୁ ବାଧ୍ୟ ହେବେ । ତେଣୁ କେମିତି ଆମେ ଭାରତକୁ ନ୍ୟୁନ ଦେଖାଇବା ସେଇ ଚେଷ୍ଟାରେ ସମସ୍ତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଛନ୍ତି ।

ବିଗତ ଦିନରେ ପ୍ରକାଶିତ ଏକ ଚଳଚ୍ଚିତ୍ର ଦି କାଶ୍ମୀର ଫାଇଲସ ପ୍ରବଳ ସଫଳତା ପାଇବା ପରେ ଏହାକୁ ନେଇ ଅନେକ କଥା ଓ କାହାଣୀ ବିଭିନ୍ନ ମାଧ୍ୟମରେ ଜାଣିବାକୁ ମିଳିଛି, ସେଇଭଳି ଏକ କଥା ଆମକୁ ହ୍ୱାଟସଆପ୍ ଦ୍ୱାରା ହସ୍ତଗତ ହୋଇଥିଲା ଯାହାର ଓଡ଼ିଆ ଭାଷାନୁବାଦ ଏଠାରେ ଆମେ ଉପସ୍ଥାପନ କରୁଛୁ । ଆଶା କରୁଛୁ ଏହାକୁ ଧୈର୍ଯ୍ୟର ସହ ପଢ଼ିବେ ଏବଂ ହୃଦୟଙ୍ଗମ କରିବେ ।

(ଅନ୍ୟ ସୂତ୍ରରୁ ପ୍ରକାଶିତ)

"୧୯ ଜାନୁଆରୀ ୧୯୯୦ରେ କାହିଁକି କାଶ୍ମୀର ଉପତ୍ୟକାର ଅଧିବାସୀମାନେ ଉତ୍ସବ ପାଳିଥିଲେ ?"

-- ଡା ରଜତ ମିତ୍ର, କାଶ୍ମୀର ଗବେଷକ ଏବଂ ମାନସିକ ରୋଗ ବିଶେଷଜ୍ଞ

"ଆପଣ କାହିଁକି କହିଲେ ଯେ ଆପଣଙ୍କ ପଡ଼ୋଶୀଙ୍କ ସହଭାଗିତା ବିନା କାଶ୍ମୀରରେ ପଳାୟନ ଓ ଗଣହତ୍ୟା ହୋଇପାରିବ ନାହିଁ ?" ଜଣେ ଯୁବତୀ ମୋର ବକ୍ତବ୍ୟ ସରିବା ପରେ ଏହି ପ୍ରଶ୍ନ ଉପସ୍ଥାପନ କରିଥିଲେ । ଗୋଟିଏ ବିଶ୍ୱବିଦ୍ୟାଳୟରେ ମୁଁ ସଦ୍ୟ ବକ୍ତବ୍ୟ ସମାପନ କରି ଦୀର୍ଘ ପ୍ରଶ୍ନୋତ୍ତର ପାଇଁ ନିଜକୁ ପ୍ରସ୍ତୁତ କରୁଥାଏ ।

କାଶ୍ମୀରରେ କିପରି ବ୍ୟବସ୍ଥିତ ଉପାୟରେ କାଶ୍ମୀରର ଶାନ୍ତ ଜୀବନଶୈଳୀକୁ ଅନ୍ତ କରି ଦିଆଗଲା ସେହି ବିଷୟ ସମ୍ବଳିତ ମୋର ପୁସ୍ତକ "The infidel Next Door"ର ପ୍ରଚାର ହେତୁ ଏକ ଦୀର୍ଘଦିନିଆ କାର୍ଯ୍ୟକ୍ରମର ଶେଷ ସୋପାନରେ ଥାଏ । ଅନେକ କାର୍ଯ୍ୟକ୍ରମ ସମୟରେ କାଶ୍ମୀରର ପଣ୍ଡିତମାନେ ସେମାନଙ୍କ ଦୁର୍ଦ୍ଦଶା ଓ ପଳାୟନର କାହାଣୀ ଜଣାଉଥାନ୍ତି । ଏମାନଙ୍କ ଅନୁଭବ ସତେ ଯେମିତି ପାହାଡ଼ ପର୍ବତ ଦେଇ ନିର୍ମଳ ଜଳ ସଦୃଶ ବହି ଯାଉଥାଏ । ନିଜର ଦେଶରେ ହିଁ ଅନ୍ୟଗ୍ରହର ପ୍ରାଣୀମାନଙ୍କ ପରି ଜୀବନ ବିତାଇବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଧ୍ୟ ହୋଇଥିବା ଗୋଟିଏ ସମାଜର ସେଇ ଅନୁଭୂତି ଦଶନ୍ଧିରୁ ଦଶନ୍ଧି ସେମାନଙ୍କ ଅନ୍ତରଆତ୍ମାରେ ଗଛିତ ହୋଇ ରହିଥିଲା, ଯାହା ଧାରା ୩୭୦ ଉଚ୍ଛେଦ ହେବାପରେ ଉଦଗୀରଣ ହୋଇପଡିଲା ।

"ଏଠାରେ ବଢ଼ିଥିବା, ମୁଁ ଦ୍ୱିତୀୟ ପିଢ଼ିର କାଶ୍ମୀର ପଣ୍ଡିତ ।" ସେ ଝିଅଟି କହିଲା । "ମୁଁ ସେତେବେଳେ ବହୁତ ଛୋଟ ଥିଲି, ଯେତେବେଳେ ମୋ ପିତାମାତା କାଶ୍ମୀରରୁ ପ୍ରାଣ ରକ୍ଷା କରିବା ପାଇଁ ୧୯୯୦ରେ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ । ଆମେ କେମିତି ସେଠାରୁ ବଞ୍ଚି ଆସିଥିଲୁ, ସେଇ ଅନୁଭୂତି ଆମ ପରିବାର ମଧ୍ୟରେ ସୀମିତ ଥିଲା ।"

"ମୋର ଗୋଟିଏ ପ୍ରଶ୍ନ, ଯାହା ମୋତେ ସବୁବେଳେ ଅଥୟ କରିଦିଏ । ଆମେ ପଳାୟନ କରିବା ସମୟରେ ଆମ ପଡ଼ୋଶୀମାନେ କିଭଳି ବ୍ୟବହାର କରିଥିଲେ ? ମୁଁ ଅନେକ ଥର ମୋ ପିତାମାତାଙ୍କୁ ଏଇ ବିଷୟରେ ପ୍ରଶ୍ନ କରିଛି, କିନ୍ତୁ ସେମାନେ କିଛି କହନ୍ତି ନାହିଁ । ବେଳେ ବେଳେ କହନ୍ତି, ଆମେ ପଳାୟନ କରିବା ପାଇଁ ଏତେ ବ୍ୟସ୍ତ ଥିଲୁ ଯେ କାହାର ପ୍ରତିକ୍ରିୟା ପ୍ରତି ଧ୍ୟାନ ଦେଇନାହୁଁ । କିନ୍ତୁ ମୁଁ ବିଶ୍ୱାସ କରେ ଏହାର ଉତ୍ତର କିଛି ଅଲଗା ହୋଇଥିବ ।"

"ମୁଁ ତୁମ ପାଇଁ ଏହାର ଏକ ଉତ୍ତର ଲେଖିଦେବି ।" ମୁଁ ପ୍ରତିଶ୍ରୁତି ଦେଇ ଚାଲି ଆସିଲି, ଜାଣିଥିଲି ଉତ୍ତର ବହୁତ ଲମ୍ବା ହେବ ଯାହାକୁ ଅଳ୍ପ ଶବ୍ଦରେ କହିବା ସମ୍ଭବ ହେବ ନାହିଁ । ଆମ ସଭାର ଉଦ୍ୟୋକ୍ତା ଆସି ଯାଇଥିଲେ ଏବଂ ଜଣାଉଥିଲେ, ଫ୍ଲାଇଟ ଧରିବା ପାଇଁ ସମୟ ହୋଇଗଲାଣି, ଏବଂ କିଛି ଉତ୍ତର ସର୍ବସମ୍ମୁଖରେ ପ୍ରକାଶ ନ କରି ବ୍ୟକ୍ତିଗତ ଭାବରେ ପଢ଼ିନେବା ଉଚିତ ବୋଲି ମୁଁ ମନେ କରୁଥିଲି ।

ଯେତେବେଳେ ମୁଁ ଏୟାରପୋର୍ଟ ପହଞ୍ଚି ବିମାନ ଭିତରେ ବସିଗଲି ସେତେବେଳେ ମୋ ମାନସପଟରେ ଅତୀତର ଛବି ଉଦଭାସିତ ହେଲା । ଭାରତର ଏକ ଅତି କୁଖ୍ୟାତ, ତିହାର ଜେଲରେ କତିପୟ ଆତଙ୍କବାଦୀଙ୍କ ସହ କଥା ହେଉଥାଏ । ସେମାନେ ହସୁଥାନ୍ତି ଅଥଚ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନଙ୍କ କଥାଗୁଡିକ ଭାରି କଷ୍ଟ ଦେଉଥାଏ ।

ସେମାନେ ସବୁ କାଶ୍ମୀର ଉପତ୍ୟକାର ଆତଙ୍କବାଦୀ ଥିଲେ ଏବଂ ଆମର ଚର୍ଚ୍ଚା ବର୍ତ୍ତମାନ କାଶ୍ମୀର ଉପତ୍ୟକାରୁ ୧୯ ଜାନୁଆରୀ ୧୯୯୦ରେ ପଣ୍ଡିତ ମାନଙ୍କ ପଳାୟନ ଉପରେ ହେଉଥିଲା । ସେମାନଙ୍କ ମଧ୍ୟରୁ ଜଣେ କହିଲା,

"ମୁଁ କେବଳ ଦେଖୁଥିଲି, ସେମାନଙ୍କ ପଳାୟନ ଆମ ପାଇଁ ସମ୍ପୂର୍ଣ୍ଣ ମନୋରଞ୍ଜନ ପରି ମନେ ହେଉଥିଲା । ଏଭଳି କିଛି ଘଟଣା କାଶ୍ମୀର ଉପତ୍ୟକାର ଆଦୌ ଦେଖିବାକୁ ମିଳି ନଥିଲା । ଲାଗୁଥିଲା ଯେମିତି ସର୍କସ ଚାଲିଛି । ପାକିସ୍ତାନ କ୍ରିକେଟ ଜିତିବା ସମୟରେ ବି ଏମିତି ଆନନ୍ଦ ଅନୁଭବ ହେଉନଥିଲା, ଆଉ ଆପଣ ଭାବୁଛନ୍ତି ଆମେ ସେମାନଙ୍କୁ ପୁଣିଥରେ ଉପତ୍ୟକାକୁ ସ୍ୱାଗତ କରିବୁ ? ସେମାନଙ୍କ ପଳାୟନ, ଆଜି ସୁଦ୍ଧା ଘଟିଥିବା ଉପତ୍ୟକାର ସବୁଠାରୁ ବଡ ଅମୋଦକର ଦୃଶ୍ୟ ଥିଲା । ଆମେ ଜାଣିଥିଲୁ ସେମାନେ ପଳାୟନ କରିବେ ଏବଂ ଆମେ ସେଇ ଦୃଶ୍ୟ ଦେଖିଥିଲୁ । ଏହା ଆମପାଇଁ ଏକ ଉତ୍ସବ ଥିଲା ଏବଂ ଆମେ ସମସ୍ତେ ଏଥିରେ ଆନନ୍ଦରେ ଅଂଶ ନେଇଥିଲୁ ।"

"ଆପଣ ଜାଣନ୍ତି ମୋ ମାଆ ମୋତେ ନୂଆ ପୋଷାକ ପିନ୍ଧାଇ ଛାଡିଥିଲା, ସେମାନଙ୍କ ପଳାୟନ ଦେଖିବା ପାଇଁ ? ସେଇଦିନ ଆମ ଘରେ ସ୍ୱାଦିଷ୍ଟ ଭୋଜନ ମଧ୍ୟ ହୋଇଥିଲା । ମୁଁ ଜାଣିବାରେ ପ୍ରାୟ ସବୁ ଘରେ ସମାନ ଉତ୍ସବ ଭଳି ପରିବେଶ ଥିଲା । ସମସ୍ତ ପରିବାରରେ ପାର୍ଟି ଭଳି ବାତାବରଣ ଥିଲା । ମୋର ଜଣେ ବନ୍ଧୁଙ୍କ ବାପା ତାକୁ ଗୋଟିଏ ଦୁରବୀକ୍ଷଣ ଯନ୍ତ୍ର ଦେଇଥିଲେ, ଏଇ ଦୃଶ୍ୟ ନିଜ ଘର ଛାତ ଉପରେ ରହି ଦୂରରୁ ଦେଖିବା ପାଇଁ ।

"ତା ହେଲେ, ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବା ଭଳି କୌଣସି ହଠାତ ସଂଘଟିତ ଘଟଣା ନଥିଲା ?" ମୁଁ ପଚାରିଲି ।

"ଜମା ନୁହେଁ । ଆମେ ସମସ୍ତେ ଜାଣିଥିଲୁ ସେମାନେ ଠିକ ସେଇ ଦିନ ହିଁ ପଳାୟନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବେ ।" ସେ ଉତ୍ତର ଦେଲା । "ଆପଣ ଜାଣନ୍ତି, ସବୁଠୁ ମଜାର କଥା ହେଲା, ଆଜି ଯାଏ କେହି ବି ଏଇ ବିଷୟରେ କଥା ହୋଇନାହାନ୍ତି । ଆଉ ଦ୍ୱିତୀୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହା ସ୍ୱଷ୍ଟ ଦିବାଲୋକରେ ଘଟିଥିଲା, ରାତିର ଅନ୍ଧକାରରେ ନୁହେଁ । ଏହା ଉପଭୋଗ୍ୟ ଦୃଶ୍ୟ ଥିଲା, ସର୍କସ ଭଳି, ଏକ ସମ୍ପୂର୍ଣ୍ଣ ନାଟକୀୟ ଘଟଣା, ଯାହା ଆମେ ଭବିଷ୍ୟରେ ଆମ ପରବର୍ତ୍ତୀ ପିଢିଙ୍କୁ ଏହି ଘଟଣା ବର୍ଣ୍ଣନା କରି ଶୁଣାଇ ପାରିବୁ, ଭବିଷ୍ୟତ ପାଇଁ ସୁସଂରକ୍ଷିତ ।

"ତା ହେଲେ, ତୁମେ ଏଇ ଘଟଣା ତୁମ ପିଲାଙ୍କୁ ଶୁଣାଉଛ, ଭବିଷ୍ୟତର ପିଢୀକୁ ?"

"ହଁ, କେବଳ ମୁଁ ନୁହେଁ, ପ୍ରତ୍ୟେକ ପରିବାର ଏମିତି କରୁଛନ୍ତି ।"

"କାହିଁକି, ଏଇ ଘଟଣା ଏମିତି ଘଟିଲା ?" ମୁଁ ପ୍ରଶ୍ନ କରିଥିଲି ?

"ସେମାନେ ପଳାୟନ କରୁଥିବା ସମୟରେ ଆମେ ସେମାନଙ୍କ ମୁହଁରେ ଭୟ ଦେଖିବାକୁ ଚାହୁଁଥିଲୁ" ସେ କହିଲା ।

ରୋମ ସଭ୍ୟତା ବିଷୟ ସମ୍ବଳିତ ଚଳଚ୍ଚିତ୍ର ମାନଙ୍କରେ ପ୍ରାୟତଃ କ୍ୟାମେରା ସେଇ ବ୍ୟକ୍ତିମାନଙ୍କ ଆଖି ଉପରେ କେନ୍ଦ୍ରିତ ହେଉଥିଲା ଯେଉଁମାନେ ଯୁଦ୍ଧକ୍ଷେତ୍ରରେ ବନ୍ଦୀ ହୋଇ ରହୁଥିଲେ ଏବଂ କୌଣସି ଯୋଦ୍ଧା କିମ୍ବା ଭୋକିଲା ସିଂହ ମୁଖରେ ନିଜର ନିଶ୍ଚିତ ମୃତ୍ୟୁକୁ ଅପେକ୍ଷା କରୁଥିଲେ । ମୃତ୍ୟୁ ଅମୋଦକର ନଥିଲା, କିନ୍ତୁ ସେମାନଙ୍କ ଆଖିରେ ଭୟ ଦେଖିବା ରୋମାଞ୍ଚକର ଥିଲା । ଦର୍ଶକ ଏଇଥିପାଇଁ ଅର୍ଥ ଦେବାକୁ ରାଜି ହେଉଥିଲେ । ସେମାନେ ରୋମଞ୍ଚିତ ହୋଇ ଦେଖୁଥିଲେ ଏବଂ ଚାହୁଁଥିଲେ ଯେ ଏଇ ଦୃଶ୍ୟ ଅଧିକ ସମୟ ଧରି ଚାଲୁଥାଉ । ଏହା ଏକ ରୋମାଞ୍ଚକର ଅନୁଭବ ଥିଲା, ଶରୀରର ଶିରା ଓ ଧମନୀରେ ହର୍ମୋନର ଗତିକୁ ବୃଦ୍ଧି କରିଦେବା ଭଳି ଅନୁଭବ ।

"କାଶ୍ମୀର ହିନ୍ଦୁମାନଙ୍କ ପଳାୟନ ସେମାନଙ୍କ ପଡ଼ୋଶୀଙ୍କ ଚକ୍ଷୁରେ କୌଣସି ପ୍ରକାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିନ୍ନ ଥିଲା କି ?" ମୁଁ ଭାବୁଥିଲି ।

"ଆମେ ସେମାନଙ୍କୁ ଭୟଭୀତ କରିବା ପାଇଁ ସ୍ଲୋଗାନ ଦେଇଥିଲୁ । ଉପତ୍ୟକାର ସମସ୍ତ ମସ୍‌ଜିଦରୁ ଇମାମ ମାନଙ୍କ ଦ୍ୱାରା ସମାନ ସ୍ଲୋଗାନ ଦିଆଯାଇଥିଲା, 'ପରିବାରର ମହିଳା ସଦସ୍ୟଙ୍କୁ ଏଇଠି ଛାଡି କାଫିର ମାନେ ଉପତ୍ୟକା ଛାଡି ପଳାଇ ଯାଅ' " ।

"ଆପଣ ଜାଣନ୍ତି ଆମେ ଏପରି କାହିଁକି କରିଥିଲୁ ? କାରଣ ଆମେ ଅନୁଭବ କରିଥିଲୁ, ଚାରି ଲକ୍ଷ ହିନ୍ଦୁଙ୍କ ଗୁଳି କରି ହତ୍ୟା କରିବା ସମ୍ଭବ ନୁହେଁ ।" ସେ କହୁଥିଲା । "ଅବଶ୍ୟ ଆବଶ୍ୟକ ପଡ଼ିଥିଲେ ସେଇୟା ବି କରିଥାନ୍ତୁ । ସେମାନଙ୍କ ମହିଳା ମାନଙ୍କ ଉପରେ ଆମର ଆଖି ରହିଛି ବୋଲି ଜଣାଇବା ପରେ ସେମାନେ ସହଜରେ ଉପତ୍ୟାକା ତ୍ୟାଗ କରି ପଳାୟନ କରିବାକୁ ବାଧ୍ୟ ହେବେ ବୋଲି ଆମେ ଅନୁଭବ କଲୁ । ଥରେ ସେମାନେ ପଳାୟନ କରିଲେ ସେମାନେ ଗରମ, ପରିଶ୍ରମ ଏବଂ ସଂକ୍ରମଣ ଇତ୍ୟାଦିରେ ମୃତ୍ୟୁବରଣ କରିବେ, ଯାହା ସେମାନେ କେବେ ଆଗରୁ ଅନୁଭବ କରି ନଥିଲେ । ଆମ ଉପରେ କୌଣସି ପ୍ରକାର ଦୋଷ କେହି ଥୋପି ପାରିବେ ନାହିଁ । କେହି କହିପାରିବ କି ଯେ କାଶ୍ମୀରରେ ଗଣହତ୍ୟା ହୋଇଥିଲା ବୋଲି ?

ତା ଶବ୍ଦ ଗୁଡିକ ମନ୍ତ୍ରିତ ଏବଂ ଆଦର୍ଶ ପ୍ରେରିତ ଭଳି ମନେ ହୁଏ ତିରିଶି ବର୍ଷ ପରେ । ବିଶ୍ୱରେ କେହି ବି କାଶ୍ମୀର ମୁସଲମାନମାନଙ୍କୁ ହିନ୍ଦୁମାନଙ୍କ ପଳାୟନ ପାଇଁ ଦୋଷୀ ବୋଲି କହିନାହାନ୍ତି । ଏହାର ବିପରୀତ କାଶ୍ମୀର ମୁସଲାମାନ ମାନେ ସେମାନଙ୍କ ମୋବାଇଲ ସେବା ବନ୍ଦ କରାଯାଉଛି କହି ନିଜକୁ ପୀଡ଼ିତ ଭାବରେ ଉପସ୍ଥାପନ କରୁଛନ୍ତି ଏବଂ ବିଶ୍ୱବ୍ୟାପୀ ସିକ୍ୟୁଲର ନେତା, ବାମପନ୍ଥୀ, ଶ୍ରମିକ ସଂଗଠନ ଇତ୍ୟାଦି ସେମାନଙ୍କ କଥାକୁ କେବଳ ଶୁଣୁନାହାନ୍ତି ବରଂ ସମର୍ଥନ ବି କରୁଛନ୍ତି ଏବଂ ମାନବ ଅଧିକାର କ୍ଷୁର୍ଣ୍ଣ ହେଉଥିବାର ଅଭିଯୋଗ ବି କରୁଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଣ ଏହା ସର୍ବକାଳୀନ ସର୍ବବୃହତ ଭ୍ରାନ୍ତ ଧାରଣା ପରି ମନେ ହୁଏନି ଯେ ଚାରିଲକ୍ଷ କିମ୍ବା କିଛି ଅଧିକ କାଶ୍ମୀର ହିନ୍ଦୁ ଯେଉଁମାନେ ଦେଶର ବିଭିନ୍ନ ସ୍ଥାନରେ ଶରଣାର୍ଥୀ ଭାବରେ ଜୀବନ ଯାପନ କରୁଛନ୍ତି ପୁଣିଥରେ ଉପତ୍ୟକାକୁ ଫେରିବେ ଏବଂ ସେଇ ଲୋକମାନଙ୍କ ସହ ରହିବେ ଯେଉଁମାନେ ସେମାନଙ୍କୁ ମାରିବା ପାଇଁ ପ୍ରଚେଷ୍ଟା କରିଥିଲେ ! ! !

ମୁଁ ସବୁ ଘଟଣାବଳୀ ସେମାନଙ୍କ ଠାରୁ ବିମୋହିତ ହୋଇ ଶୁଣୁଥିଲି, ଯାହା ଅବିଶ୍ୱସନୀୟ ଭାବେ ମୋର ଅସ୍ଥିମଜ୍ଜାଗତ ହୋଇ ରହିଯାଇଛି । ସେଇ ନିର୍ଭୁଲ ଯୋଜନା, ସ୍ଥିରନିଶ୍ଚିତ କାର୍ଯ୍ୟାନ୍ୱୟନ, ସମୁଦାୟ ଘଟଣାର ଶେଷ ପର୍ଯ୍ୟନ୍ତ ସଠିକ ଥିଲା । ଆମ ଦଳଗତ ଚର୍ଚ୍ଚାରେ ପରିବେଶ ଅବିଶ୍ୱସନୀୟ ଭାବେ ଗମ୍ଭୀର କିନ୍ତୁ ସତ୍ୟଘଟଣା ଆଧାରିତ ଥିଲା ଯାହା ମୋତେ ଅଣନିଶ୍ୱାସୀ କରି ଦେଉଥିଲା । ଘଟଣାର ପ୍ରତ୍ୟେକ ଧାରାକୁ ସଠିକ ଧ୍ୟାନ ଦିଆଯାଇ ନିର୍ଭୁଲ ଭାବରେ କାର୍ଯ୍ୟକାରୀ କରାଯାଇଥିଲା । ପ୍ରତ୍ୟେକ ଗାଁରେ ରହୁଥିବା ହିନ୍ଦୁମାନଙ୍କ ଜନସଂଖ୍ୟା ଗଣନା ଠାରୁ ଆରମ୍ଭ କରି ସେମାନଙ୍କୁ ଭୟଭୀତ କରିବା ପାଇଁ ନିର୍ଦ୍ଧାରିତ ବ୍ୟକ୍ତିମାନଙ୍କ ସଂଖ୍ୟା ପର୍ଯ୍ୟନ୍ତ, ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ କାର୍ଯ୍ୟଶୈଳୀ ସବୁ ବିଷୟରେ ସଠିକ ଭାବରେ ଗବେଷଣା କରାଯାଇ କାର୍ଯ୍ୟକାରୀ କରାଯାଇଥିଲା ଯାହା ଅତୀତର ଗଣହତ୍ୟାକାରୀ ହିଟଲରକୁ ବି ଲଜ୍ଜ୍ୟାନ୍ୱିତ କରିଦେଇପାରେ ।

ଯେତେବେଳେ ଆମର ଚର୍ଚ୍ଚା ସମାପ୍ତ ହେଲା, ମୁଁ ସେଠାରୁ କୌଣସି ମାନବୀୟ ସମ୍ବେଦନାହୀନ ପ୍ରାଣୀଟିଏ ପରି ବାହାରି ଆସିଥିଲି । ତାର ପ୍ରତ୍ୟେକ କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । କାଶ୍ମୀର ହିନ୍ଦୁମାନଙ୍କ ହତ୍ୟା ଏକ ଯୋଜନାବଦ୍ଧ ଉପାୟରେ ହୋଇଥିଲା, ଯାହାର ବିବରଣୀ ସଠିକ ଭାବରେ ପରିଗଣନା କରାଯାଇଥିଲା । ଏବଂ ସେଇ ଦୁର୍ଭାଗ୍ୟଜନକ ଦିବସ ୧୯ ଜାନୁଆରୀ ୧୯୯୦ ମଧ୍ୟ ଦେଶର ସୀମାରେ ଅନୁପ୍ରବେଶକୁ ସୁହାଉଥିବା ଭଳି ଅନୁଭବ କରି ଯୋଜନା ପରେ ସ୍ଥିର କରାଯାଇଥିଲା ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆତଙ୍କବାଦୀ ଏବଂ ସ୍ଥାନୀୟ ଅଧିବାସୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଥିଲା । ହିନ୍ଦୁମାନଙ୍କୁ ସ୍ୱଷ୍ଟ ଦିବାଲୋକରେ ହତ୍ୟା କରାଗଲା, ଏହା ଏକ ବିପଦସଂକେତ ଥିଲା ଯାହାଫଳରେ ସେମାନଙ୍କ ମଧ୍ୟରେ ଭୟର ଏଭଳି ଏକ ବାତାବରଣ ସୃଷ୍ଟି ହୋଇପାରିବ ଯେ ସେମାନେ ପୁଣିଥରେ ନିଜ ଘର ବା ଗାଁକୁ ଫେରିବା କଥା ସ୍ୱପ୍ନରେ ବି ଚିନ୍ତା କରିବେ ନାହିଁ । କାଶ୍ମୀରର ମୁସଲମାନ ମାନେ ଏଠାରେ କେବଳ ନିରବଦ୍ରଷ୍ଟା ନଥିଲେ ବରଂ ସେମାନେ ଏହି ଘଟଣାରେ ସହଭାଗୀ ଥିଲେ । ଏହି ଯୋଜନାକୁ କାଶ୍ମୀରୀୟତ (ଅର୍ଥାତ ଏହା ଆଦୌ ଘଟିତ ହୋଇନାହିଁ) ଭାବରେ ପରିଗଣିତ କରାଇ ଅତ୍ୟନ୍ତ ଗୋପନ ଭାବରେ ହିନ୍ଦୁମାନଙ୍କୁ ତଥା ସମୁଦାୟ ଦେଶ ଏବଂ ବିଶ୍ୱବାସୀଙ୍କୁ ଅନ୍ଧାରରେ ରଖି କାର୍ଯ୍ୟକାରୀ କରାଯାଇଥିଲା ।

ଅନେକ ବର୍ଷଧରି, ସଂଖ୍ୟାଗରିଷ୍ଠ ଭାରତବାସୀ ହିଂସା ଏବଂ ହତ୍ୟାର ଶିକାର ହୋଇ ଆସୁଥିଲେ । କାଶ୍ମୀରରେ, ବଙ୍ଗଳାରେ, ପଞ୍ଜାବରେ ଏବଂ ଆହୁରି ଅନେକ ସ୍ଥାନରେ, କିନ୍ତୁ କେହି କେବେ ପ୍ରଶ୍ନ କରିନାହାନ୍ତି କାହିଁକି ହଠାତ କିଛି ପଡ଼ୋଶୀ ବିଶେଷ ଦିନରେ ଧମକ ଦେଉଛନ୍ତି ଯେ ଧର୍ମ ପରିବର୍ତ୍ତନ କର କିମ୍ବା ପଳାୟନ କର ଏବଂ "ମୋ ଭଗବାନ ହିଁ କେବଳ ଭଗବାନ" । କାହିଁକି ସେମାନେ ଯେଉଁମାନଙ୍କ ସହ ଅନେକ ଦିନରୁ ଏକାଠି ବସତି ସ୍ଥାପନ କରି ରହିଥିଲେ ସେମାନଙ୍କୁ ହିଁ ହତ୍ୟା କରିବା, ଅପମାନିତ କରିବା ଏବଂ ଭୟଭୀତ କରିବା ପାଇଁ ଧମକ ଦିଅନ୍ତି । ସତ୍ୟତାର ଉପସ୍ଥାପନ କରିବାପାଇଁ ପ୍ରତିଜ୍ଞାବଦ୍ଧ ସାମ୍ବାଦିକଙ୍କ ସମେତ, କେହି କେବେ ପ୍ରଶ୍ନ କରନ୍ତି ନାହିଁ, ଏହା ସବୁ କିଏ ଆଉ କାହିଁକି ଆରମ୍ଭ କରିଥିଲା ? ପ୍ରତିକ୍ରିୟା ଏବଂ ଲୋକଙ୍କ ଘଟଣାପ୍ରତି ଆଭିମୁଖ୍ୟ ପ୍ରଧାନ୍ୟତା ପାଏ କିନ୍ତୁ ଘଟଣାରେ ମୂଳରେ ଥିବା କାରଣକୁ ଲୁଚେଇ ରଖି ଦିଆଯାଏ ।

ସବୁବେଳେ ସରକାରୀକଳ ଦ୍ୱାରା ନିଷ୍ପେଶିତ ରହି ଆସିଥିବା ଗୋଷ୍ଠୀମଧ୍ୟରେ ଏକ ଯାଦୁକାରୀ ଚିନ୍ତା ସବୁବେଳେ କାମ କରେ ଏବଂ ସେମାନେ ଏଇୟା ଭାବନ୍ତି ଯେ ଯଦି ଆମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରବ ରହିବା ବା କୌଣସି କଠିନ ପ୍ରଶ୍ନ ନ ପଚାରିବା ତା ହେଲେ ହୁଏତ ସବୁକିଛି ସାମାନ୍ୟ ହୋଇଯିବ ଏବଂ ଦମନକାରୀଙ୍କୁ ଉସୁକାଇବା ଭଳି ପ୍ରଶ୍ନ ଉତ୍‌ଥାପନ କରିବା ଅନୁଚିତ । ପରିସ୍ଥିତି ଠାରୁ ଭିନ୍ନ ଆଡ଼କୁ ମୁହଁ କରିଦେଲେ ହୁଏତ ପରିସ୍ଥିତି ସୁଧୁରିପାରେ ବା ବଦଳି ଯାଇପାରେ । ଦମନକାରୀର ଆଖିରେ ଆଖି ମିଶେଇ କେବେ ବି ପ୍ରଶ୍ନ କରିବା ଉଚିତ ନୁହେଁ ସେ ଏଭଳି କାହିଁକି କରନ୍ତି ! ଏବଂ ଏଇଥିପାଇଁ କେହି ବି ପ୍ରଶ୍ନ କରନ୍ତି ନାହିଁ, କିଏ ଏବଂ କାହିଁକି ବଙ୍ଗାଳରେ ଡାଇରେକ୍ଟ ଏକ୍ସନ୍ ଡେ ଆରମ୍ଭ କରିଥିଲେ, ବା କାହିଁକି ଗୋଧ୍ରାରେ ମହିଳା ଏବଂ ଶିଶୁଙ୍କ ସମେତ ଅଗଣିତ ନିରୀହ ଲୋକଙ୍କୁ ଟ୍ରେନର ବଗିରେ ନିଆଁ ଲଗାଇ ଜଳାଇ ଦିଆଯାଇଥିଲା ।

ଆଜି, ଆମେ ସେମାନଙ୍କ ନୁଆ ପଡ଼ୋଶୀ । ସୀମା ଧିରେ ଧିରେ ସଙ୍କୁଚିତ ହେବାକୁ ଲାଗିଛି ଏବଂ ଆମ ଦ୍ୱାର ଦେଶରେ ଆସି ପହଞ୍ଚିଲାଣି । ସେମାନଙ୍କୁ ଆବଶ୍ୟକ ଥିବା ବେଳେ ଆମେ ନିରବ ରହିଥିଲେ, କୌଣସି ପ୍ରଶ୍ନ ଉତଥାପନ କରିନଥିଲେ । କାଶ୍ମୀରରେ, ବଙ୍ଗାଳରେ, ପଞ୍ଜାବରେ । ଆମେ ନିରବ ରହିଲେ କାରଣ ଆମେ ଭାବୁଥିଲେ ଏହା ଆମସହ ଏଭଳି ପରିସ୍ଥିତି କେବେ ବି ଉପୁଜିବ ନାହିଁ ।

ମୁଁ ଏଇ କଥା ଲେଖିବା ବେଳକୁ ବଙ୍ଗାଳରେ ଗୋଟିଏ ହିନ୍ଦୁ ପରିବାର ଯାହାକୁ ସମୂଳେ ନିପାତ କରିଦିଆଗଲା, ସେମାନଙ୍କ ନିରୀହ ଆଖି ଆମକୁ ଆଶାବାନ ହୋଇ ନ୍ୟାୟର ଭିକ୍ଷା ମାଗୁଥିବା ଭଳି ଚାହିଁ ରହିଥିବା ଅନୁଭବ କରୁଛି । ହତ୍ୟାକାରୀମାନେ ଅନ୍ୟ ସମସ୍ତ ହତ୍ୟାପରି କେବଳ ଗଣହତ୍ୟାର ଆନନ୍ଦକୁ ଅନୁଭବ କରୁଛନ୍ତି ଯାହା ସେମାନେ ଏଇ ଭାରତବର୍ଷରେ ଶତାବ୍ଦୀ ଶତାବ୍ଦୀ ଧରି କରି ଆସିଛନ୍ତି ।

କେବଳ, ଯଦି ଆଜି ଆମେ ଏକତ୍ରିତ ହୋଇ ସେଇ ଦମନକାରୀଙ୍କୁ ଜବାବ ଦେବାରେ ସକ୍ଷମ ହୋଇପାରିବା, ପ୍ରଶ୍ନ ଉତଥାପନ କରି ପାରିବା, ତା ହେଲେ ହୁଏତ ଆମର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଭବିଷ୍ୟତର ବଂଶଧରମାନେ ନିର୍ଭୟରେ ସ୍ୱଧର୍ମ ସ୍ୱେଚ୍ଛାକୃତ ଭାବରେ ପାଳନ ପାଇଁ ନ୍ୟାୟୋଚିତ ପନ୍ଥା ଦେଖିପାରିବା ।

ଆମ ଏଇ ଦେଶର ଇତିହାସରେ ଧାର୍ମିକ ଆସ୍ଥାକୁ ଆଧାର କରି ଅସଂଖ୍ୟ ଲୋକଙ୍କୁ ହତ୍ୟା କରାଯାଇଛି । ଆମେ ଏଇ ଦେଶର ସ୍ୱତନ୍ତ୍ର ନାଗରିକ ଭାବରେ ଏଇଥିପାଇଁ ଉତ୍ତରଦାୟୀ ରହିବା ଯେ ଆମର ପୂର୍ବପୁରୁଷ ମାନଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ ।

(ହ୍ୱାଟ୍ସଆପ୍ ମାଧ୍ୟମରେ ମିଳିଥିବା ଏକ ଆଲେଖ୍ୟର ଓଡ଼ିଆ ଭାଷାନୁବାଦ ।)

ଆଶା କରୁଛି, ବିଳମ୍ବରେ ପ୍ରକାଶିତ ହେବା ସତ୍ତ୍ୱେ ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ପସନ୍ଦ ଆସିବ । ଆଗାମୀ ମାସର ସଂସ୍କରଣ ପାଇଁ ଶୀଘ୍ର ଆଲେଖ୍ୟ ପ୍ରେରଣ କରନ୍ତୁ ।

ବିଗତ ଦିନରେ ଓଡିଶାର ଦୁଇଜଣ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ପ୍ରଫୁଲ୍ଲ କର ଏବଂ ବୀଣାପାଣୀ ମହାନ୍ତିଙ୍କ ବିୟୋଗ ଘଟିଛି । ସେମାନଙ୍କ ବିୟୋଗ ଓଡ଼ିଆ ସାହିତ୍ୟରେ ଏକ ଅପୂରଣୀୟ କ୍ଷତି ଘଟାଇଛି । ସେମାନଙ୍କର ଆତ୍ମାର ସଦଗତି ପାଇଁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣକମଳରେ ପ୍ରାର୍ଥନା କରୁଛୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୦



ଅଶୋକ ବିଶ୍ୱାଳ

ପିଞ୍ଜରାବଦ୍ଧ ବାଘ

ପାଓଲି ଏବେ ସୁନ୍ଦରବନ ରିସର୍ଚ୍ଚରେ ପୂରା ସମୟ ଦେବା ଆରମ୍ଭ କଲେଣି । ଆଉ କଲିକତା କଦବା କ୍ୱଚିତ ଯାଉଛନ୍ତି । ମଜୁମଦାରବାବୁ ତାଙ୍କର ଗାଇଡ । ଅତି ଜ୍ଞାନୀ ବ୍ୟକ୍ତି । ତାଙ୍କର ଉପଦେଶ ହିସାବରେ ସେ ଆଜିକାଲି ନିଜର ପ୍ରାୟ ସବୁ ସମୟ ସୁନ୍ଦରବନ ଆଖପାଖ ଅଞ୍ଚଳ ଆଉ ପାଣି ଭିତରେ କଟାଉଛନ୍ତି । ମଜୁମଦାରବାବୁଙ୍କ କଥା ହିସାବରେ-ନିଜେ ଜଙ୍ଗଲ ଭିତରେ ରହି ଜଙ୍ଗଲର ବୋହିଯାଇଥିବା ଶିହରଣକୁ ଅନୁଭବ କର । ଲୋକମାନଙ୍କର ମନର ବିଶ୍ୱାସ ସେମାନଙ୍କ ହିସାବରେ ସେମାନଙ୍କ ଭିତରେ ରହି ଆହରଣ କର । ତାପରେ ବିଷୟ ଉପରେ ଭାବ । ସେହି ପରିବେଶରେ, ସେହି ଲୋକମାନଙ୍କ ମଧ୍ୟରେ ରହି । ତାହେଲେ ବିଷୟକୁ ଭଲ ଭାବରେ ବୁଝିହେବ ଆଉ ଗବେଷଣା ପ୍ରକୃତରେ ଉପାଦେୟ ହୋଇପାରିବ । ପାଓଲି ଜାଣିଶୁଣି ଏକ କଠିନ ପରିବେଶ ଭିତରେ ନିଜର ଗବେଷଣା କରିବେ । ନହେଲେ ଦିନ ଦିନ, ସପ୍ତାହ, ସପ୍ତାହ, ମାସ ମାସ ସୁନ୍ଦରବନ ଭିତରେ କଟାଇବା କିଛି ସହଜ ନୁହେଁ । ବାଘ ଆଉ ଜଙ୍ଗଲ ତାଙ୍କର ରିସର୍ଚ୍ଚର ବିଷୟବସ୍ତୁ । ବାଘର ଏ ଆକ୍ରମଣମୁଖୀ ବ୍ୟବହାର ଉପରେ ସେ ରିସର୍ଚ୍ଚ ଜାରି ରଖିଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନ୍ଦରବନର ବାଘ କଣପାଇଁ ଏତେ କୁଖ୍ୟାତ ? ଆଉ କଣପାଇଁ ଏତେ କାହାଣୀ ସୁନ୍ଦରବନରେ ଖେଳିବୁଲୁଛି ? ଆଉ ତାଙ୍କର ମନର ଗହୀର କନ୍ଦରରେ ଆଲେୟାର ଆଲୋକ ବିଷୟରେ ଜାଣିବାପାଇଁ ଏକ ଗଭୀର ଇଚ୍ଛା ଅଛି । ସେଥିପାଇଁ ସେ ପାଣି ଭିତରେ ଅନ୍ୟମାନଙ୍କ ସହ ଘୁରିବୁଲନ୍ତି ।

ଶନିବାର ସକାଳ । ପାଓଲି କଲିକତା ଫେରିନଥିଲେ । ସେ ବଶିରହାଟ ଅଞ୍ଚଳର ବାଗନା କ୍ୟାମ୍ପରେ ଥିଲେ । କ୍ୟାମ୍ପଟା ସେମିତି କୋଳହଳରେ ଭରି ନଥିଲା । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ଥିଲେ । ଆଖପାଖରେ ଅଜଣା ଲୋକେ କେହି ନଥିଲେ । ରେଞ୍ଜ ଅଫିସର ଆସି ଯାଇଥିଲେ । ସେ ନିଜ ଚେୟାରରେ ବସି ବାହାରକୁ ଅନାଉଥିଲେ । ବାହାରେ ଲୁଣା ଗଛରେ ପକ୍ଷୀମାନେ ଭରିଯାଇଥିଲେ । ପାଓଲି ପ୍ରାୟ ସକାଳେ ରେଞ୍ଜ ଅଫିସ ଆସିଯାଆନ୍ତି । ବାଘ ଉପରେ ହେଉଥିବା ବିଭିନ୍ନ କାମ ଉପରେ ତଥ୍ୟ ସଂଗ୍ରହ କରନ୍ତି । ଏସ ଟି ଆର ଲୋକମାନେ ତାଙ୍କୁ ନିଜର ଏକ ଅଂଶ ବୋଲି ଭାବିଲେଣି । ସବୁ କଥାରେ ସେ ଏସ ଟି ଆର କର୍ମଚାରୀଙ୍କୁ ହାତ ବଢାନ୍ତି । ସେମାନଙ୍କ ସହ ମିଶି ଚଳନ୍ତି । ପ୍ରଥମେ ପ୍ରଥମେ ଏତେ ଶିକ୍ଷିତା ମହିଳାଙ୍କ ସହ ମିଶିବା ପାଇଁ ଲୋକଙ୍କୁ ସଙ୍କୋଚ ଲାଗୁଥିଲା । କିନ୍ତୁ ପାଓଲିଙ୍କ ଅତି ସାଧାରଣ ଚାଲିଚଳଣି ଆଉ ମଧୁର ବ୍ୟବାହାର ଦେଖି ସମସ୍ତେ ତାଙ୍କ ସହ ଭଲଭାବେ ମିଶନ୍ତି । କିଛି ବଡ଼ ଘଟଣା ଘଟିଲେ ରେଞ୍ଜ ଅଫିସରଙ୍କ ପାଖକୁ ଖବର ଯିବା ସାଙ୍ଗେସାଙ୍ଗେ ପାଓଲିଙ୍କ ପାଖରେ ଖବର ପହଞ୍ଚିଯାଏ । ରେଞ୍ଜ ଅଫିସର ବୟସ୍କ ବ୍ୟକ୍ତି । ସେ ପାଓଲିଙ୍କୁ ନିଜର ଝିଅ ଭଳି ସ୍ନେହ କରନ୍ତି ଆଉ ତାଙ୍କର ଯେମିତି କିଛି ଅସୁବିଧା ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତି । କୁହାଯାଇଛି ମଧୁର ବଚନ, ଭଦ୍ର ବ୍ୟବହାରରେ କାହାକୁ ଜିତି ନହୁଏ ? ପାଓଲିଙ୍କ ଏଇଟା ଜନ୍ମଗତ ଗୁଣ । ସେ ସମସ୍ତଙ୍କୁ ସମ୍ମାନ ଦିଅନ୍ତି । ଏଣୁ ତାଙ୍କୁ ସମ୍ମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳେ । ସେ ଯୁଆଡେ ଯାଆନ୍ତି ତାଙ୍କ ସାଙ୍ଗରେ କିଏ ନା କିଏ ଥାଏ ।

ଗୋଟାଏ କାଉ କୁଆଡୁ ଉଡି ଆସି କା'କା' ହେଲା । ପାଓଲି ସେତେବେଳକୁ ଏକ ଚେୟାରରେ ବସି ଅଫିସରେ ପଡିଥିବା ରେଜିଷ୍ଟରକୁ ଘାଣ୍ଟୁଥାନ୍ତି । ସେଥିରେ ଷ୍ଟାଫମାନଙ୍କ ଯାତାୟତ ଆଉ ଜଙ୍ଗଲରେ କଣ ଦେଖିଥିବା ବିବରଣୀ ଥାଏ । କେଉଁ ସମୟରେ ସେମାନେ କୁଆଡେ ବୁଲିଲେ ଆଉ କେବେ ଫେରିଲେ । ଯେଉଁଠି ବାଘ, ଅନ୍ୟ ବିରାଡିମାନଙ୍କ କଥା ଲେଖାଥାଏ ସେଇଠି ତାଙ୍କ ଆଖି ଲାଗି ଯାଉଥାଏ । ବେଶ ବଡ଼ ରେଜିଷ୍ଟର । ସେ ସ୍ଥାନ, ସମୟ ଆଉ ଜୀବଙ୍କ ବିବରଣୀ ଟିପି ନେଉଥାନ୍ତି । ଏ ସବୁ ତଥ୍ୟ ସହ ମଣିଷର ଯାତାୟାତ ଆଉ ବ୍ୟବହାର ତଥ୍ୟକୁ ପରେ ମିଶାଇ ଏକ ନିର୍ଣ୍ଣୟ ବାହାର କରିବେ । ପାଣିପାଗ, ଯାତାୟତ, ଦୂରତା, ଜୁଆର ଏମିତି ଅନେକ ତଥ୍ୟ ଏ ଅଫିସରେ ମିଳିବନି । ସେ ଅନ୍ୟ ଅଫିସରୁ ତାହା ସଂଗ୍ରହ କରିବେ । ସେ କାଉଟିକୁ ଅନାଇଲେ । ବାହାରେ ଏକ ନଡିଆଗଛର ଲମ୍ବା ବାହୁଙ୍ଗାରୁ ପତ୍ରସବୁ ତଳକୁ ଓହଳି ପଡିଛି । ବାହୁଙ୍ଗା ଉପରେ କାଉଟି ବସି କା' କା' ହେଉଥିଲା ।

ଜଣେ ମଝି ବୟସର ଲୋକ ଜୋରରେ ଗେଟ ରେଞ୍ଜ ଅଫିସ ଆଡକୁ ଚାଲି ଆସୁଥିଲେ । କମ୍ପାଉଣ୍ଡର ଲୁହା ଗେଟକୁ ପ୍ରାୟ ଧକ୍କା ଦେଇ ଦୌଡି ଆସିଲେ । ଗେଟକୁ ବନ୍ଦ ମଧ୍ୟ କଲେନି । ଗେଟରୁ ଏକ ଜୋରରେ କେଁ ଶବ୍ଦ ଆସିଲା । ପକ୍ଷୀର ଶବ୍ଦଠାରୁ ଭିନ୍ନ । ପାଓଲି ଲୋକଟିକୁ ଅନାଇଲେ । ଅଣ୍ଟାତଳେ ଚେକ ଲୁଙ୍ଗି ଆଉ ଦେହରେ ହାଫ ଶାର୍ଟ । ଏଇଟା ଏଠାକାର ଲୋକଙ୍କର ନିତିଦିନିଆ ପୋଷାକ । ସେ କାହାକୁ ନଅନାଇ ସିଧା ରେଞ୍ଜରବାବୁଙ୍କ ରୁମ ଆଡକୁ ମାଡିଗଲେ । ସାଧାରଣ ଲୋକମାନେ ପ୍ରଥମେ ବିଟବାବୁଙ୍କ ଖୋଜନ୍ତି । କିନ୍ତୁ ଲୋକଟି ତାହା ନକରି ସିଧା ରେଞ୍ଜରବାବୁଙ୍କ ପାଖକୁ ଦୌଡୁଥିଲା । ପାଓଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବିନେଲେ ଯେ କିଛି ଗୋଟେ ଘଟିଛି । ଏଣୁ ଲୋକଟି ପ୍ରଥମେ ରେଞ୍ଜରବାବୁଙ୍କୁ ଦେଖାକରିବା ପାଇଁ ଧପାଲୁଛି । ଏଇଠି ରେଞ୍ଜରବାବୁଙ୍କୁ ଦେଖା କରିବା ଅର୍ଥ ହେଉଛି ବାଘ ଆକ୍ରମଣ ବା ବାଘ ଖସି ଗାଁ ଭିତରକୁ ଆସିଯିବା । ଏଇଟା ପ୍ରାୟ ସବୁବେଳେ ଘଟେ । ଏଣୁ କଥାଟା ବାଘ ଉପରେ କେନ୍ଦ୍ରିତ ହୋଇଥିବ । ପାଓଲି ନିଜ କୋଠରିରୁ ବାହାରି ଆସି ରେଞ୍ଜରବାବୁଙ୍କ ରୁମକୁ ଚାଲିଲେ ।

ସେତେବେଳକୁ ଲୋକଟି ରେଞ୍ଜରବାବୁଙ୍କ ଆଗରେ ଠିଆହୋଇ ଧଇଁସଇଁ ହେଉଥାଏ । ତା' କଥା ସେ ଜୋରରେ କହି ସାରିଥିଲା । କୁମୀରମାରି ଗାଁର ଲୋକ । ଗାଁରେ ଲୋକେ କାଲି ବାଘକୁ ଦେଖିଛନ୍ତି । ବାଘ କଥାଶୁଣି ରେଞ୍ଜରବାବୁ ପାଓଲି ପହଞ୍ଚିଲା ବେଳକୁ ନିଜର ଚୌକିଛାଡି ଠିଆହୋଇ ଯାଇଥିଲେ । ସେ ବଡବଡ ଆଖିରେ ଲୋକଟିକୁ ଅନାଉଥିଲେ । ସେତେବେଳକୁ ସାଧନବାବୁ ମଧ୍ୟ ରେଞ୍ଜରବାବୁଙ୍କ କୋଠରିରେ ପହଞ୍ଚିଗଲେଣି । କେହି ଚୌକିରେ ବସି ନଥିଲେ । ଲୋକଟି ଗୋଟେପଟେ ଆଉ ଅନ୍ୟପଟେ ଏସ ଟି ଆରର କର୍ମଚାରୀମାନେ । ସମସ୍ତେ ଏକାସଙ୍ଗେ ବାଘର ବିବରଣୀ ଶୁଣୁଥିଲେ । ଗତକାଲି ବାଘକୁ ସଂନ୍ଧ୍ୟାବେଳେ ଲୋକେ ଗାଁରୁ ଦୂରରେ ଦେଖିଛନ୍ତି । ଆଜି ସକାଳୁ କୁମୀରମାରି ଗାଁ ପାଖ ଜଙ୍ଗଲରେ ବାଘକୁ ଦେଖିଲେଣି । କେହି ପାଖକୁ ଯାଇନାହାନ୍ତି । ଆଜିକାଲି ସବୁ ଗାଁବାଲାଙ୍କୁ ଅନୁରୋଧ କରାଯାଇଛି ଯେ ବାଘ ଆସିଲେ ସାଙ୍ଗେସାଙ୍ଗେ ବିଭାଗୀୟ ଅଫିସରେ ଖବର ଦିଅ । ଏ ଲୋକଟି ସେହି ଗାଁର ଜେ ଏଫ ଏମ ସି (ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ କମିଟି) ର ସଦସ୍ୟ । ଏମାନଙ୍କ ତତ୍ପରତା ଯୋଗୁ ଗ୍ରାମରେ ପ୍ରାୟ ବାଘସହ ଲୋକମାନଙ୍କ ସଂଘର୍ଷ ପ୍ରାୟ ଘଟୁନି । ଏ ସଦସ୍ୟମାନେ ବାଘ ଖବର ପ୍ରଥମେ ଅଫିସରେ ଦେଇଦିଅନ୍ତି । ଫଳରେ ବହୁତ ଜଲଦି ଏସ ଟି ଆର ତରଫରୁ କାମ ଆରମ୍ଭ ହୋଇଯାଏ । ସରକାରୀ ସ୍ତରରେ ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନଙ୍କୁ ଗ୍ରାମର ବିକାଶପାଇଁ ପ୍ରୋତ୍ସାହନ ଦିଆଯାଏ । ଏବେ ଧିରେ ଗାମବାସୀ ଆଉ ଏସ ଟି ଆର କର୍ମଚାରୀଙ୍କ ଭିତରେ ସମ୍ବନ୍ଧ ଭଲ ହୋଇଆସୁଛି । ଆଗରୁ ଲୋକମାନେ କର୍ମଚାରୀମାନଙ୍କ ପ୍ରତି ବହୁତ ବିଦ୍ୱେଷ ପୋଷଣ କରୁଥିଲେ ।

ଗାଁରେ ଅନେକ ଲୋକ । କୁମୀରମାରି ଗାଁଟି ରାଇମଙ୍ଗଳ ନଦୀପାଖରେ ଝିଲ୍ଲା ଜଙ୍ଗଲ ଧାରରେ । ସେପଟେ ଝିଲ୍ଲା କମ୍ପାର୍ଟମେଣ୍ଟ । ମଝିରେ ନଦୀ ଆଉ କିଛି ନାଳ ବୋହିଯାଇଛି । ନଦୀରେ ଭଲ ପାଣି ରହେ । ଝିଲ୍ଲା କମ୍ପାର୍ଟମେ ଆଉ ଗାଁ ଭିତରେ ପ୍ରାୟ ଅଧ କିଲୋମିଟର ଦୂରତା । ପାଣି କମିଗଲେ ଦୂରତା ଆହୁରି କମିଯିବ ଅର୍ଥ ସହଜରେ ନଦୀ ପାର ହୋଇହେବ । ନଦୀ ପାରହେଲେ ଗାଁ ପଟକୁ ଏକ ମାଟି ବନ୍ଧ । କୂଳରେ ଲୋକମାନେ ଡଙ୍ଗା ବାନ୍ଧନ୍ତି । ବନ୍ଧପରେ ତଳକୁ ଗଡିଗଲେ ଘରସବୁ । ଗାଁରେ ପ୍ରାୟ ସବୁଘର ମାଟିକାନ୍ଥଅର ଆଉ ଉପରେ ନଡା ଛପର । ଗାଁ ପାଖରେ ତିନି ଚାରି ଯାଗାରେ ଚଡାଏ ଚଡାଏ ଜଙ୍ଗଲ ଅଛି । ସେ ସବୁ ଜଙ୍ଗଲ ଧାରରେ ନାଳମାନ ବୋହୁଛି ଆଉ ବଡ଼ ନଦୀକୁ ବୋହିଯାଇଛି । ଏମିତିଆ ଏକ ଗାଁକୁ ବାଘ ଆସିଯାଇଛି ବୋଲି କମିଟି ସଦସ୍ୟ ଆସି କହୁଛନ୍ତି ।

ରେଞ୍ଜରବାବୁ ଚଞ୍ଚଳ ହୋଇଗଲେ । ବେଶି ବାଟ ନୁହେଁ । ରେଞ୍ଜ ଘାଟରେ ସରକାରୀ ବୋଟ ଅଛି । ପନ୍ଦର ମିନିଟରୁ -ଅଧଘଣ୍ଟା ଭିତରେ ଗାଁରେ ପହଞ୍ଚିହେବ । ବାଘ ଧରିବାପାଇଁ ସାଧାରଣତଃ ଟ୍ରାଙ୍କୁଲାଇଜେସନ ଡାର୍ଟ ବ୍ୟବାହାର କରାଯାଏ କିମ୍ବା ଖାଞ୍ଚା (ପିଞ୍ଜରା) ବସାଇ ବାଘକୁ ଧରାଯାଏ । ଦୁଇ ପ୍ରକାର ଧରିବାପାଇଁ ରେଞ୍ଜ ଅଫିସରେ ବନ୍ଦୋବସ୍ତ ଅଛି । ତାହାଛଡା ବାଘକୁ ମଧ୍ୟ ଘଉଡାଇ ଦିଆଯାଇପାରେ । ତେଣୁ ଯାଗାଦେଖି କି ଉପାୟ ଗ୍ରହଣ କରିବ ସେ ବିଷୟରେ ସ୍ଥିର କରାଯାଏ । ଏ ଗାଁ ବିଷୟରେ ପ୍ରାୟ ସମସ୍ତେ ଜାଣିଥିଲେ । ଝିଲ୍ଲା କମ୍ପାର୍ଟମେଣ୍ଟରେ ଜାଲି ଲଗାଯାଇଛି । ତେଣୁ ବାଘକୁ ଆସିବା ସମ୍ଭବ ନୁହେଁ । ତଥାପି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଥାଟା କଣ ? ସେଇଟା ଗାଁକୁ ଗଲେ ଯାଇ ଜଣା ପଡିବ । ତାପରେ ଯାହା କରାଯିବା କଥା ସ୍ଥିର କରାଯିବ । ବାଘ ଗାଁକୁ ଆସିଥିବା ଖବର ସାଙ୍ଗେ ସାଙ୍ଗେ ଉପର ମହଲକୁ ଦେଇ ଦିଆଗଲା । ପାଓଲିଙ୍କ କୋଅର୍ଡିନେଟର ଆଉ ଗାଇଡ ମଜୁମଦାରବାବୁଙ୍କ ମଧ୍ୟ ଖବର ଦିଆଗଲା । ମଜୁମଦାରବାବୁ ଅଭିଜ୍ଞ ବ୍ୟକ୍ତି । ବାଘ ଆଉ ସ୍ଥାନ ବିଷୟରେ ତାଙ୍କର ଅଗାଧ ଜ୍ଞାନ । ସେ ଆସିବେ କିନ୍ତୁ ଟିକେ ବିଳମ୍ବ ହେବ । ସେ ସପନବାବୁଙ୍କୁ ମଧ୍ୟ ଖବର ଦେଇଦେଲେ । ସପନବାବୁ ଅଲଗା ଯାଗାରେ ଥିଲେ । ତଥାପି ସେ ଆସିବେ । ପାଓଲି ପହଞ୍ଚୁ ପହଞ୍ଚୁ ସେ ଆସି ପହଞ୍ଚିବେ ।

ରେଞ୍ଜରବାବୁ ନିର୍ଦ୍ଦେଶରେ ସାଧନବାବୁ ସାଙ୍ଗେସାଙ୍ଗେ ସଦସ୍ୟ କ୍ରିଷ୍ଣପଦ ସହ ସରକାରୀ ବୋଟରେ ଗାଁକୁ ବାହାରି ପଡିଲେ । ଗାଁ ବାଲାଙ୍କ ସହ କଥାବାର୍ତ୍ତା କରିବା ଦରକାର । ଲୋକମାନେ ଡରରେ ଏମିତି କିଛି ନକରନ୍ତୁ । ବାଘ ଧରାହେବା ଆଗରୁ ବାଘକୁ କେହି ହଇରାଣ ନକରନ୍ତୁ । ତାଙ୍କ ସହ ଆଉ ଚାରିଜଣ ଷ୍ଟାଫ ଗଲେ । ଗାଁରେ ପହଁଞ୍ଚି ସେମାନେ ସ୍ଥିର କରିବେ କେଉଁ ଉପାୟରେ ବାଘ ଧରାଯିବ । ଯଦି ବାଘ ଜଙ୍ଗଲ ଭିତରେ ଥିବ ତେବେ ଖାଞ୍ଚା ବସାଇବା ଦରକାର । ସେ ଗାଁର ଦୁଇଟା ବଡ଼ ଜଙ୍ଗଲ । ଅନ୍ୟ ଦୁଇଟାକୁ ବଡ଼ ତୋଟା କୁହାଯାଇପାରେ । ଛୋଟ ନାଳି କେତେଟା ଅଛି । ଅଣ୍ଟାଏ ପାଣି ଜୁଆର ହେଲେ ରହେ । ଭଟ୍ଟାରେ ମଧ୍ୟ ଆଣ୍ଠୁଏ ପାଣି ରହେ । ତେଣୁ ସେ ଜଙ୍ଗଲରେ ଟ୍ରାଙ୍କୁଲାଇଜେସନ କରିବା ସମ୍ଭବ ନୁହେଁ । କିନ୍ତୁ ଯଦି ବାଘ ଗାଁ ପାଖରେ କିଛି ଛୋଟ ତୋଟାରେ ଥିବା ତେବେ ଚାରିଆଡେ ଜାଲର ପାଚେରୀ କରି ଟ୍ରଙ୍କୁଲାଇଜେସନ କରାଯିବ ।

ଗାଁରେ ପହଁଞ୍ଚିଲା ବେଳକୁ ବେଳ ଦି ଘଡି । ଲୋକମାନେ ବ୍ୟସ୍ତ ଥିଲେ । କିନ୍ତୁ ସାଧନବାବୁ ଆଉ ତାଙ୍କ ଦଳକୁ ଦେଖି ସେମାନେ ଟିକିଏ ଆଶ୍ୱସ୍ତ ହେଲେ । କ୍ରିଷ୍ଣପଦ ମଧ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ହିସାବରେ ବୁଝାଇଲା । ଏ ସଦସ୍ୟମାନେ ବହୁତ ଜଲଦି କାମ କରୁଛନ୍ତି । ସାଧନବାବୁ ଲୋକମାନଙ୍କ ସହ କଥା ହେବାକୁ ଲାଗିଲେ । ସେ ଏ ବାଘର ବ୍ୟବହାର ଆଉ ବାଘର ରହିବା ସ୍ଥଳ ବିଷୟରେ ସଠିକ ତଥ୍ୟ ସଂଗ୍ରହ କରିବେ । ଏଥିରେ ବାଘକୁ ଧରିବା ସହଜ ହେବ । ଆଗକୁ ପ୍ଲାନିଙ୍ଗ କରିହେବ । ଏଇ ସମୟରେ ପାଓଲି ଗାଁ ବୁଲିବାକୁ ଚାଲିଗଲେ । ତାଙ୍କୁ ବାଘଛଡା ଲୋକମାନଙ୍କ ବ୍ୟବହାର ଆଉ ବାଘପ୍ରତି ଲୋକମାନଙ୍କ ଏବେକାର ପ୍ରତିକ୍ରିୟା ଜାଣିବାର ଥିଲା । ସାଧନବାବୁଙ୍କଠାରୁ ଲୋକମାନଙ୍କ ବିଷୟରେ ପରେ ଶୁଣିନେବେ ।

ସେ ଧିରେ ରାସ୍ତାରେ ଏକା ଚାଲିବାକୁ ଲାଗିଲେ । ଏକ ନୂଆ ବୋହୂ ପାଓଲିଙ୍କୁ ବଡ଼ ଧ୍ୟାନରେ ଅନାଇଥିଲା । ପାଓଲି ତା'କୁ ଅନାଇଲେ । ଝିଅଟିର ବୟସ ୨୦ରୁ ଉର୍ଦ୍ଧ୍ୱ ହେବ ନାହିଁ । ଖୁବ୍ ସୁନ୍ଦର ଗଠଣ । ଗୋଟିଏ ଚାଉଳରେ ଗଢ଼ା । ଝିଅଟି ମୁହଁରେ ବଡ଼ ସରଳ ଭାବ । ତା' ଆଖି ଗୁଡ଼ିକ ଭସା ଭସା, ସ୍ୱପ୍ନ ପୁରିରହିଛି । ସେଥିରେ କେତେଯେ କାହାଣୀମାନ ବୁଲୁଥିବ । ବୋହୁଟି ନିଜ ଘରର କବାଟ ଅଧା ଖୋଲି ଦେଖୁଥିଲା । ପାଓଲି ସେ ବୋହୁଟି ପାଖକୁ ଚାଲିଗଲେ । ଫିକ୍ କିନା ହସିଦେଲା ବୋହୁଟି । ପାଖରେ ଲାଲ୍ ମନ୍ଦାର ଗଛ । ସେଥିରେ ଅନେକ ମନ୍ଦାର ଫୁଲ ଫୁଟିଛି । ଏଠି ଅଧିକାଂଶ ଘରର ଆଗରେ ଲାଲ୍ ମନ୍ଦାର ଫୁଲର ଗଛ ଅଛି । କାଳୀ ପୁଜାରେ ଆବଶ୍ୟକ ହୁଏ ଲାଲ ମନ୍ଦାର । ସମସ୍ତେ ମା' କାଳୀଙ୍କୁ ବିଶ୍ୱାସ କରନ୍ତି ଆଉ ପୂଜା କରନ୍ତି । ପାଖରେ ଗୋଟିଏ ଛୋଟ ପୋଖରୀ । ସେଠିରେ ଏକ ସୁନ୍ଦର ନୀଳକଇଁ ଫୁଟିଥିଲା । ନୀଳକଇଁର ପାଖୁଡ଼ା ଗୁଡ଼ିକ ଟିକିଏ ମଉଳି ନଥିଲା । ଚମତ୍କାର ହାଲ୍କା ନୀଳରଙ୍ଗ । ସାମାନ୍ୟ ଧଳା ଛାଇ ଅଛି । ମଝିରେ ହଳଦିଆର କେଶର । ଫୁଲର ପରିଷ୍କାର ଛବି ପାଣିରେ ପଡିଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲି ତା' ଘର ମୁହଁରେ ପହଞ୍ଚିବାରୁ ଦୁଆରମୁହଁରେ ଅନାଉଥିବା ନୂଆ ବୋହୁଟି ଆଉଥରେ ହସିଦେଲା । ଝିଅମାନେ ଏମିତି । ଅନ୍ୟଝିଅ ଦେଖିଲେ ତା' ସହ କଥା ହେବାକୁ ଇଚ୍ଛା କରିବେ । ଏ ତ କଲିକତାରୁ ଆସିଛନ୍ତି ବୋଲି ସେ ଭାବୁଥିଲା । ପାଓଲି ତା'କୁ ଦେଖି ହସିଦେଲେ । ସେ ଝିଅଟି ସହ କିଛି ସମୟ କଥାବାର୍ତ୍ତା କରାଯାଇପାରେ । ସେ ଟିକେ ରହିଗଲେ । ତାଙ୍କ ମନରେ ବାଘ କଥା ତ ଥିଲା । କିନ୍ତୁ ମନରେ ଏକ ତରୁଣୀ ମଧ୍ୟ ବୁଲୁଥିଲା । ଏକ ସରଳ ଝିଅକୁ ଦେଖି ତା' ସହ ଅତି ସାଧାରଣ କଥା ହେବାକୁ ତାଙ୍କର ଇଚ୍ଛା ହେଲା । ତା'ର ଜୀବନର କଥା ଜାଣିବେ ।

"ବାପଘର କେଉଁ ଗାଁର ?"- ପାଓଲି ପଚାରିଲେ ।

ଝିଅଟି ତା' ହାତ ବଢ଼ାଇଦେଲା । ସେପଟେ ଏକ ବିରାଟ ବଡ଼ ପାଟ । ପାଟରେ ସବୁଜ ଧାନ ଲହଡ଼ି ମାରୁଛି । ଜମିରେ ହାଲ୍କା ପାଣି ଅଛି । ସେ ପାଟ ପରେ ଆଉ ଏକ ଗାଁ ଦେଖାଯାଉଛି । ଝିଅଟି ସେ ଗାଁରୁ ଏ ଗାଁକୁ ବୋହୂ ହୋଇଆସିଛି ।

"କେମିତି ଅଛ ?"-

"ଭଲ । ଅସୁବିଧା କେମିତି କିଛି ନାହିଁ । ଏ ଗାଁ ସେ ଗାଁ ଭିତରେ ସେମିତି କିଛି ଫରକ୍ ନାହିଁ ।"

ପାଓଲି ଭାବୁଥିଲେ ଇଏ ସେ ଗାଁର ଝିଅ ଆଉ ଏଗାଁର ବୋହୂ । ଏଠି ଅନେକ ବାହାଘର ଲଭ୍ ମ୍ୟାରେଜ୍ ବା ପ୍ରେମ ବିବାହ । ବୋଧେ ଝିଅଟିର ଲଭ୍ ମ୍ୟାରେଜ୍ ହୋଇଥିବ । ଏମିତିକା ସୁନ୍ଦରୀ ଝିଅମାନେ ଜଲଦି ଚମତ୍କାର ପ୍ରେମିକା ହୋଇଯାଆନ୍ତି । ସବୁ ଝିଅମାନେ ପ୍ରେମର ନଉକାରେ ଭାସି ଯିବାକୁ ଚାହାନ୍ତି । ଆଉ ତା'ପରେ ପୁଅଟି ଗ୍ରହଣ କରିଥିବ ଆଉ ଝିଅଟି ଏ ଘରକୁ ବୋହୂହୋଇ ଆସିଯାଇଥିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଘରେ ସବୁ କିଏ ଅଛନ୍ତି ।"-

"ଶାଶୁ, ଶ୍ୱଶୁର, ଆଉ ସେ ।"-

"ତୁମ ସ୍ୱାମୀ କୁଆଡେ ଯାଇଛନ୍ତି ?"-

"ମାଛ ଧରିବାକୁ ।" – ଏକ ଅତି ସହଜ ଉତ୍ତର ସେ ଝିଅଟି ଦେଉଥିଲା । ତାହେଲେ ମାଛ ଧରାଟା ଏ ଘରର ବେଉସା । ସମୟ ସମୟରେ ଲୋକେ ମାଛ ଧରନ୍ତି ଆଉ ଅନ୍ୟ ସମୟରେ ସେମାନେ ଚାଷବାସ କରନ୍ତି । ସେମିତି ହେଇଥିବ । ସ୍ୱାମୀ ଚାଷବାସରୁ ଟିକିଏ ଖାଲିହେଲେ ମାଛ ଧରିବାକୁ ଯାଇଥିବ । ମାଛ ଧରିବାକୁ ଯିବାମାନେ ବାଘର ଘରକୁ ଯିବା । ଏଠି ଲୋକମାନେ ଚୋରାଛୁପାରେ ଜଙ୍ଗଲ ଭିତରକୁ ପଶିଯାଉଛନ୍ତି । ଅନେକ ଦୁର୍ଘଟଣା ଘଟୁଛି । ସବୁଯାଗା ଜଗିବା ସମ୍ଭବ ନୁହେଁ ।

"ବାଘ କଥାଟା ?"-ପାଓଲି ପଚାରିଲା । ବାଘର ଡର ତ ଥିବ । ଗାଁରେ ବାଘ ଆସିଛି । ତେଣୁ ଏ ତରୁଣୀ ବୋହୂଟି ବଡ଼ ଡରୁଥିବ । ଏଣୁ ସେ ବାଘକଥା ପଚାରିଲେ ।

"ବାଘ ତ ଅଛି ବୋଲି ଶ୍ୱଶୂର ମଧ୍ୟ କହିଲେଣି । ଏଇ ସେ ବନ୍ଧକୂଳ ଜଙ୍ଗଲରେ ଅଛି । ଭାରି ଡର ଲାଗୁଛି ।"– ତା'ର ଆଖିରେ ଡର ଫୁଟି ଉଠୁଥିଲା । ସେ ତା' ବାଁ ଆଡକୁ ଅନେକ ଦୂରରେ ଥିବା ସବୁଜ ରେଖାକୁ ଚାହୁଁଥିଲା । ସେଇଟା ତା' ଗାଁର ଠିକ ବିପରୀତ ଦିଗରେ । ମଝିରେ ବଡପାଟ । ବାଘ ସହଜରେ ସେ ପାଟକୁ ଅତିକ୍ରମକରି ଗାଁକୁ ଆସିଯିବ । ଘରମାନଙ୍କରେ ତାଟିକବାଟ ପଡିବା ଆରମ୍ଭ ହେଲାଣି । ଲୋକମାନେ ସାବଧାନ ହୋଇ ବୁଲୁଛନ୍ତି । ଏକୁଟିଆ ବୁଲୁନାହାନ୍ତି । ପାଣିରେ କେମିତିଆ କାଳିଚିଆ ଛାଇ ପଡିଥିଲା ।

"ସେ ବେଳେ ବେଳେ ନଦୀର ସେକୂଳକୁ ମାଛ ଧରିବାକୁ ଯାଆନ୍ତି । ଡଙ୍ଗାଟା କୂଳରେ ଲଗାଇଦିଅନ୍ତି । ଆମର ତ ଛୋଟ ଡଙ୍ଗା ଏଣୁ ବେଶୀ ଲୋକ ନଥାନ୍ତି । ୩-୪ଜଣ ଲୋକ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଘଟା ପାଇଁ ଖୁବ୍ ଡର ଲାଗୁଛି ।"-ବୋହୁଟି କହିଲା ।

ପାଓଲି ତା' କଥାକୁ ତଉଲୁଥିଲେ । ଝିଅଟିକୁ ସତରେ ବହୁତ ଡର ଲାଗୁଥିବ । ନୂଆ ବୋହୁକୁ ସବୁ କଥାରେ ଡର ଲାଗେ । ଯଦି ତା'ର ସ୍ୱାମୀର କିଛି ହୋଇଯାଏ ତେବେ ଜୀବନସାରା ତା' ଉପରେ ଏକ ଦୋଷ ଲଦି ହୋଇଯିବ । ସମସ୍ତେ କ'ଣ ନା କ'ଣ କହିବେ । ଆଗକୁ ଜୀବନ ଦୁଃଷ୍କର ହୋଇଯିବ । ପ୍ରଭୁ ତା' ସ୍ୱାମୀର କିଛି ନହେଉ । ୩-୪ଜଣ ଲୋକ ଥିଲେ ଅନେକ ସମୟରେ ବାଘ ଆକ୍ରମଣ କରିଦିଏ । ଏ ଗାଁମାନଙ୍କର ଛୋଟ ଡଙ୍ଗାରେ ସାଧାରଣତଃ ୨-୩ଜଣ ଲୋକ ଥାଆନ୍ତି । ୪ଜଣ ବି ହେବା କମ୍ । ତେଣୁ ପାଖରେ ଥିଲେ ବାଘ ଏମିତି ଡଙ୍ଗାକୁ ଖୁବ୍ ଜଲ୍‌ଦି ଆକ୍ରମଣ କରିଦେଇପାରେ । ସବୁଆଡ଼େ କୂଳରେ ଜଙ୍ଗଲ ତ ଅଛି । ତେଣୁ ସେମାନଙ୍କୁ ବଡ଼ ସାବଧାନ ସହ ରହିବାକୁ ପଡ଼େ ।

"ବାଘଟା ଏପଟକୁ କେମିତି ଆସିଲା ?"- ପାଓଲି ତା'କୁ ପଚାରିଲେ ।

"ମୁଁ ଜାଣିନି । କିନ୍ତୁ ଶ୍ୱଶୁର କହୁଥିଲେ ବାଘ ନଦୀପାର ହୋଇ ଆସିଛି ।"– ସେ କହିଲା ।

ପାଓଲିଙ୍କୁ ଆଉ କିଛି ପଚାରିବାକୁ ନଥିଲା । ସେ ତା'କୁ ଦେଖି ଆଉଥରେ ହସିଦେଲେ ଏବଂ ଆଗକୁ ଗୋଡ ବଢାଇଲେ । ଏମିତି କିଛି ସମୟ ବୁଲି ଦଳ ପାଖକୁ ଫେରି ଆସିଲେ । ତାଙ୍କ ଦଳ ପାଖରେ ଗାଁର କେତେ ଲୋକ ଏକାଠି ହୋଇଥିଲେ । କ୍ରିଷ୍ଣପଦ ସାଙ୍ଗରେ ଥିଲା । ସେମାନେ ପାଓଲିଙ୍କ ଦଳ ସହ ତାଳ ମିଶାଇ ଚାଲିଥିଲେ । ଯେଉଁଠି ପାଓଲିଙ୍କ ଦଳ ଅଟକୁ ଥିଲେ ସେଠି ଅଟକି ଯାଉଥିଲେ । ଏଠିକାର ଲୋକଙ୍କର ଏଇଟା ଲକ୍ଷଣ । କିଛି ବାହାରର ଲୋକ ଆସିଲେ ସେମାନଙ୍କ ସହ ପ୍ରାୟ ସବୁବେଳେ ରୁହନ୍ତି, ଡକା ହେଉବା ନହେଉ । ଉତ୍ସୁକତାର ସହ ଯୁବକ କ୍ରିଷ୍ଣପଦ ସମସ୍ତଙ୍କୁ ଅନାଇଲା । ଏ ପଟକୁ ବାଘ କେମିତି ଆସିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ସାଧନବାବୁ ଅନେକ ପ୍ରଶ୍ନ କଲେଣି । ତା'ର କଣ ଉତ୍ତର ଦେବ ବୋଲି ଭାବି ହେଉଥିଲା । ପାଓଲି ମାଡାମ ମଧ୍ୟ ତା'କୁ ସେହି ପ୍ରଶ୍ନ ପଚାରିଦେଲେ । ସେ କମିଟି ସଦସ୍ୟ । ତେଣୁ ଭାବିଚିନ୍ତି ଉତ୍ତର ଦେବା ଆବଶ୍ୟକ । ଗାଁବାଲାଙ୍କ ଭଳି ଅବାନ୍ତର ଉତ୍ତର ଦେଇପାରିବନି । ତେଣୁ କି ଉତ୍ତର ଦେବ ବୋଲି ଭାବିହେଉଥିଲା ।

"ବାଘକୁ ଅସାଧ୍ୟ କ'ଣ ?"- ପାଖରେ ଥିବା ବୁଢ଼ା ଲୋକଟି କହିଲେ । ତାଙ୍କ ମୁହଁରେ ମେଞ୍ଚାଏ ଧଳା କଳା ଦାଢ଼ି । ବେଶ କିଛିଦିନ ହେଲା ଖିଅର ହୋଇନାହାନ୍ତି । ସେ ନିଜ ଭିତରେ ଥିବା ବିଶ୍ୱାସକୁ ପାଓଲି ଆଉ ତାଙ୍କ ଦଳ ଆଗରେ ବଖାଣୁଥିଲେ । ସେ ଟିକିଏ ରହି ନିଜର ପୁରୁଣା କଥାକୁ ଦୋହରାଇଲେ ।

"ଏଠାକାର ବାଘ ପାଇଁ ଅସାଧ୍ୟ କ'ଣ ? ସୁନ୍ଦରବନର ବାଘ ସବୁକିଛି ତ କରିପାରେ । ମଣିଷଯାଗାକୁ ଯେମିତି ହେଲେ ଆସେ ।"-ତାଙ୍କ କଥାରେ ଅନ୍ୟମାନେ ମୁଣ୍ଡ ହଲାଉଥିଲେ ।

"ସେ ଜଙ୍ଗଲ କମ୍ପାର୍ଟମେଣ୍ଟରେ ଏତେବଡ଼ ଜାଲ ସବୁ ଲାଗିଛି । ବାଘ କେମିତି ଡେଇଁ ଆସିବ ? ମଝିରେ ନଦୀ ।"- ପାଓଲି ପଚାରିଲେ ।

"ସୁନ୍ଦରବନର ବାଘର ଶକ୍ତି ତମେ ଜାଣିନ । ସେ ୨୦ଫୁଟ ଉଚ୍ଚ ବାଡକୁ ସହଜରେ ଡେଇଁପାରେ ।"-ଆଗର ବୁଢ଼ା ଲୋକ କହୁଥିଲେ । ସେ ଆଉ ବୁଢାଙ୍କୁ ଅନାଇଲେ । ଗାଁରେ ବୁଢାମାନେ ଜଲଦି କୁହନ୍ତି । ସବୁକଥାରେ ସେମାନେ ଦେଖିଥିବା ଆଉ ଶୁଣିଥିବା କଥାକୁ ମିଶାଇ ଏକ ନୂଆ ମିଶ୍ରଣ ତିଆରି କରି ବାଗେଇ କୁହନ୍ତି । ଏ କଥାଟା ଏଠି ମଧ୍ୟ ଥିଲା । ତାଙ୍କର ସାଙ୍ଗ ଜଣେ ବୁଢା ମୁଣ୍ଡ ହଲାଉଥିଲେ ।

"ବାଘ ଥରେ ଗୋଟିଏ ଗଛ ଉପରୁ ତଳକୁ ଡେଇଁପଡିଥିଲା । ତା'ପରେ ଦୁମ୍‌କିନା ପାଣିରେ ପଡିଥିଲା । ଏମିତିଆ ଏଠି ହୋଇଥିବା"- ସେ ବୁଢ଼ାଲୋକଟି କହିଲେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅନେଗୁଡିଏ ଛୁଆ ତାଙ୍କ ପାଖରେ ଏକାଠି ହୋଇଯାଇଥିଲେ ।

ପାଓଲି କିଛି କହିଲେ ନାହିଁ । ସୁନ୍ଦରବନର ବାଘ ଯେତେ ଶକ୍ତିଶାଳୀ ହେଉ, କିନ୍ତୁ ଗଛ ଚଢ଼ି ଏତେ ଉଚ୍ଚରୁ ବାଘ ଡେଇଁବା କେମିତି ଅସମ୍ଭବ ଲଗୁଥିଲା । ବାଘ ତଳୁ ଡେଇଁକି ଉଚ୍ଚ ଜାଲ ଅତିକ୍ରମ କରି ଆସିବା କଥା ପ୍ରାୟ ଅସମ୍ଭବ । ଏ କଥା ଏଠି ଗ୍ରାମର ସାଧାରଣ ଲୋକ ବିଶ୍ୱାସ କରିବେ ନାହିଁ । ଅନ୍ଧବିଶ୍ୱାସ ଭିତରେ ରହି ରହି ସେମାନେ ସବୁ କଥାକୁ ଅସମ୍ଭବ ଭାବରେ ବଡ଼ ଆଉ ଅବିଶ୍ୱାସନୀୟ ଭାବରେ ସତ ଭାବୁଛନ୍ତି । ବାଘ ତାହାହେଲେ କ'ଣ ଆଉ ଅନ୍ୟ କେଉଁ ଦ୍ୱୀପରୁ ଏତେବାଟ ପହଁରିଆସିବ ? ଆଉ ଜଙ୍ଗଲିଆ ଦ୍ୱୀପଟା ତ ଏଠୁ ୫ କିଲୋମିଟର ଦୂରରେ ।

"ବାଘ ମୋଟେ ଡେଇଁ ନଥିବ । ସେ ଅଲଗା ଜଙ୍ଗଲରୁ ପହଁରି ଆସିଥିବ । ତଳକୁ ସବୁ ଜଙ୍ଗଲର ଚାରିଆଡେ ଫେନସିଙ୍ଗ ଲାଗିନି । ତେଣୁ ସେଇଠୁ ପହଁରି ଆସିଥିବ ।"- ଆଉ ବୁଢାଟି କହିଲେ । ସେ ଗଛକୁ ଆଉଜି ହୋଇ ବସିଥିଲେ । ତାଙ୍କ ମୁହଁରେ ଏକ ହୁକା । ସେ ହୁକାରୁ ଜୋରରେ ଟାଣ ଦେଉଥିଲେ ଆଉ ଭକ୍ ଭକ୍ କରି ଧୂଆଁ ଛାଡୁଥିଲେ । ତାଙ୍କୁ କିଛି ଚିନ୍ତା ଅଛି ବୋଲି ଲାଗୁ ନଥିଲା । ତାଙ୍କ କଥାଗୁଡାକ କେମିତି ଦୁନିଆରୁ ବାହାର ଭଳି ଲାଗୁଥିଲା । ବାଘ ଗାଁରେ ଥାଉ, ଜଙ୍ଗଲରେ ଥାଉ ସେତିକିରେ ତାଙ୍କର କିଛି ଚିନ୍ତା ନାହିଁ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଲାପର କାହାଣୀ



ଅନନ୍ତ କୁମାର ସାହୁ

ଗୋଟିଏ ବଗିଚାର ମଉଳା ଗୋଲାପ ଗଛ ଥାଏ ସେ ଗଛଟି ଧୀରେ ଧୀରେ ମରି ଯିବାକୁ ଯାଉଥାଏ, ହଟାତ ମାଳିର ନଜର ପଡିଲା ସେହି ଗୋଲାପ ଗଛ ଉପରେ, ମାଳି ସଙ୍ଗେ ସଙ୍ଗେ ସେହି ଗୋଲାପ ଗଛଟିକୁ ଅନ୍ୟ ଯାଗାକୁ ସ୍ଥାନାନ୍ତର କରି ଲଗାଇ ମାଳି ତାର ଯତ୍ନ ନେଲା, କିଛି ଦିନ ପରେ ଗୋଲାପ ଗଛ ସତେଜ ହେଇ, ଧୀରେ ଧୀରେ କଢରୁ ଫୁଲ ହେଲା, ହଟାତ ସେଦିନ ଏକ ଭଅଁର ସେହି ସୁନ୍ଦର ଗୋଲାପ ଫୁଲ ଉପରେ ବସିଲା, ଗୋଲାପ ଆଉ ଭଅଁର ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ, ଧୀରେ ଧୀରେ ଭଅଁର ଆଉ ଗୋଲାପ ଫୁଲ ଭିତରେ ଏତେ ଭଲ ପାଇବା ହେଇଗଲା ଭଅଁର ଗୋଲାପ ଫୁଲ ପାଖକୁ ଟିକେ ଆସିବା ବିଳମ୍ବ ହେଲେ ଗୋଲାପ ଫୁଲ ର ମନ ଭାରି କଷ୍ଟ ହୁଏ, ସେଥି ପାଇଁ ଗୋଲାପ ଫୁଲ ଦିନେ ଭଅଁରକୁ କହିଲା ଏ ତୁମେ ମୋତେ କଥା ଦିଅ କେବେ ଛାଡି ମୋତେ ଯିବନି ତ, ଭଅଁର କହିଲା ମୁଁ କଥା ଦେଉଛି ମୋ ଦେହରେ ଯିବନ ଥିଲା ଯାଏଁ ମୁ ତୁମ ସାଥୀରେ ରହିବ, ଗୋଲାପ ଏହି କଥା ଶୁଣି ବହୁତ ଖୁସି ହେଲା, ଦିନେ ଦୁଇ ଦିନ ଭଅଁର ଆଉ ଗୋଲାପ ଫୁଲ ପାଖକୁ ଆସିଲାନି, ଗୋଲାପ ପୁରା ଦୁଃଖରେ ଝାଉଁଳି ଗଲା, ସତେଜ ଥିବା ଫୁଲଟା ମଉଳି ଗଲା, ହଟାତ ସେହି ବାଟ ଦେଇ ପବନ ଯାଉଥିଲା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଲାପ ପଚାରିଲା ପବନ ଭାଇ ତୁମେ ଆସିଲା ବେଳେ ଭଅଁରକୁ ବାଟରେ ଦେଖିଥିଲ କି ? ପବନ କହିଲା ହଁ ଭଅଁର ଏଇ ମଲ୍ଲୀ ସାଙ୍ଗରେ ବସି କେତେ ଭାବ ଦିଆ ନିଆ, ଚୋରା ପିରତି ହେଉଛି, କେତେ ପ୍ରେମ ଆଳାପ ମଲ୍ଲୀ ଆଉ ସେ ଭଅଁର ହେଉଛନ୍ତି, ପବନ ପାଖରୁ ଗୋଲାପ ଫୁଲ ଏହି କଥା ଶୁଣି ନିଜର ଜୀବନ ଚାଲିଗଲା ପରି ତାକୁ ଲାଗିଲା, ଶେଷରେ ମନ ଦୁଃଖ କରି ଭଗବାନଙ୍କୁ କହିଲା ହେ ପ୍ରଭୁ ସତରେ କଣ କାହାକୁ ଅଧିକ ଭଲ ପାଇବା ଭୁଲ୍ ଥିଲା,ଏମିତି ଅନେକ ପ୍ରଶ୍ନ ପଚାରି ମନ ଦୁଃଖରେ ଝାଉଁଳି ପଡି ରହିଲା ଡାଳରେ, ସେଦିନ ବଗିଚାକୁ ବଗିଚାର ମାଲିକ ଆସିଥିଲା, ଫୁଲ ଟିକୁ ଦେଖି ବହୁତ ଖୁସି ହେଲା, ମାଲିକ ସେହି ଫୁଲରେ ପାଣି ଛିଞ୍ଚି ଦେଲା ବେଳକୁ ଗୋଲାପ ହଟାତ ସତେଜ ହେଇ ଖୁସିରେ ଉଠି ପଡିଲା ତାକୁ ଲାଗିଲା ସତେ ତା ଭଅଁର ଆସି ତା ଉପରେ ବସିଗଲା କି ? ଦେଖିଲା ବେଳକୁ ବଗିଚାର ମାଲିକ, ବଗିଚାର ମାଲିକ ସେହି ଫୁଲଟିକୁ ଡାଳରୁ ଛିଡାଇ ଆଣିଲା, ଗୋଲାପ ପୁଣି ପ୍ରଭୁଙ୍କୁ ପ୍ରଶ୍ନ କଲା ପ୍ରଭୁ ନିଜର ଭଲ ପାଇବାକୁ ହରାଇ, ଝାଉଁଳି ପଡିଥିବା ଗୋଲାପର କଣ ଥିଲା ଯେ ପୁଣି ଏ ମଣିଷ ମୋତେ ବାସ ହିନ କରିଦେଲା, ଏହା ପଚାରି ମନେ ମନେ ଦୁଃଖ କରି କହିଲା ଛାଡ ମୋ ଭଲ ପାଇବା ମୋତେ ନ ମିଳିଲା ନାହିଁ, ମୋ ଖୁସି ନ ମିଳିଲା ନାହିଁ, ମୋତେ ନେଇ ଆଉ କିଏ ହୁଏ ତ ଖୁସି ହେବ ହେଉ, ଆଉ କାହାର ଭଲ ପାଇବା ମିଳିତ ପାରିବ ମୋତେ ନେଇ, ଏହା କହି ଚୁପ୍ ଚାପ ରହିଲା,ବଗିଚାର କିନ୍ତୁ ମାଲିକ ସେହି ଫୁଲଟିକୁ ନେଇ ଏକ ସୁନ୍ଦରି ଝିଅ ହାତକୁ ଦେଲେ, ସେହି ସୁନ୍ଦରି ଝିଅ କିଛି ସମୟ ହାତରେ ଧରିଲା ବେଳେ ଗୋଲାପକୁ , ଗୋଲାପ ଫୁଲକୁ ଦୁଃଖ ହେଲେବି, ଖୁସି ହେଲା ତଥାପି, ଭାବିଲା ମୋ ଭଲ ପାଇବା ସିନା ମୋତେ ମିଳିଲାନି,ମୋତେ ନେଇକି ଏମାନଙ୍କ ଭଲ ପାଇବା ତ ମିଳିଲା, ବହୁତ ଖୁସି ହେଇ ଯାଇଥିଲା ଗୋଲାପ, କିନ୍ତୁ କିଛି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସମୟ ପରେ ସେହି ସୁନ୍ଦରି ଝିଅଟି ଗୋଲାପ ଫୁଲଟି ମାଲିକ ମୁହଁକୁ ଫିଙ୍ଗି କହିଲା ମୁଁ ତୁମକୁ ଭଲ ପାଏନି, ଗୋଲାପ ତଳେ ପଡି ଯାଇ ପାଖୁଡା ଗୁଡିକ ଖଣ୍ଡ ବିଖଣ୍ଡିତ ହେଇ ଗଲା, ବହୁତ ମନ ଦୁଃଖରେ ଭାଙ୍ଗି ପଡି ଭଗବାନଙ୍କୁ ଶେଷଥର ପ୍ରଶ୍ନ କଲା କହିଲା ପ୍ରଭୁ ସବୁ ଦୁଃଖ ମୋ ପ୍ରେମକୁ ଭୁଲି ଯାଇ ଝାଉଁଳି ଯାଇ ମୁଁ ତ ମୋ ଡାଳରେ ପଡି ରହିଥିଲି, ପୁଣି କଣ ପାଇଁ ମୋତେ ଏମିତି ଛିନ୍ନଭିନକରି ମୋ ଶରୀରକୁ କଷ୍ଟ ଦେଲ ମୋର କଣ ଭୁଲ ଥିଲା ପ୍ରଭୁ, ଜୀବନରେ ଭଲ ପାଇବା କାହାକୁ ଭୁଲ, ନା କାହା ଓଠରେ ହସ ଟିକେ ଦେବା ଭୁଲ, ଏତିକି କହି ଗୋଲାପ ଫୁଲ ଝାଉଁଳି ଗଲା, ମଲା ପରି,

ତିହିଡି, ଭଦ୍ରକ,

ଯୋଗାଯୋଗ:୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିର ଫରୁଆ



କୁଞ୍ଜ ବିହାରୀ ସାହୁ

ସେଦିନ ମୋର ପଢାଘରର ବହିପତ୍ରଗୁଡିକ ସଜେଇଲାବେଳକୁ ନଜରରେ ପଡିଲା ସେକସ୍ପିଅର୍ କାହାଣୀ ବହିଟି । ସେକସପିଅର୍ ଜଣେ ଖ୍ୟାତନାମା ନାଟ୍ୟକାର, କବି ଯାହାଙ୍କ ପ୍ରତିଭା ସୁଦୂରଗାମୀ । ତାଙ୍କର ପ୍ରତ୍ୟେକ କାହାଣୀ ଏକ ଚିନ୍ତନଶୀଳ ବାର୍ତ୍ତା ବହନ କରେ ।

ଗୋଟିଏ ଗପ ଉପରେ ଆଖି ପଡ଼ିଲା । ଗପର ଶିରୋନାମ ରୋମିଓ ଓ ଜୁଲିଏଟ୍ । ପୁଅର ନାଁ ରୋମିଓ ଆଉ ଝିଅର ନାଁ ଜୁଲିଏଟ୍ । ଏକ ବିଚ୍ଛକ ପ୍ରେମ କାହାଣୀ । କିନ୍ତୁ ସେମାନେ ଥିଲେ ଦୁଇ ପଡ଼ୋଶୀ । ବିବାଦୀୟ ସମ୍ପର୍କ ଭିତରେ ସେ ଦୁହିଁଙ୍କର ଆନ୍ତରିକତା ଆକାଶ ପରି ପ୍ରଶାନ୍ତ ଓ ନୀଳ ସାଗର ପରି ସୁନ୍ଦର ଥିଲା ।

ବୟସ ବୟସକୁ କରେ ଅନୁକରଣ ଓ ଅନୁସରଣ । ଯୌବନର ପ୍ରଥମ ପାଦରେ ପରସ୍ପରକୁ ଭଲପାଇ ବସିଲେ ରୋମିଓ ଓ ଜୁଲିଏଟ୍ । ଏକ ପବିତ୍ର ବନ୍ଧନକୁ ଆପଣେଇନେଲେ ଅହେତୁକ ଭାବରେ । ସେ ଦୁହିଁଙ୍କ ପ୍ରେମର ନାଗଫାଶରୁ ମୁକୁଳିବାର ବାଟ ନଥିଲା । ଦେହରେ ଭରିଥିଲା ଭଲପାଇବାର ନିଶା ।

ସେହିପରି ଏକ ଅଛପା ପ୍ରେମ କାହାଣୀଟିଏ ଗଢି ଉଠିଥିଲା ମିତ୍ରଭାନୁ ଓ ଅନିନ୍ଦିତା ମଧ୍ୟରେ । ଦୁଇ ପଡ଼ୋଶୀ ସେମାନେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସେମାନଙ୍କ ଭିତରେ ଆବିଳତା ବିହୀନ ପ୍ରେମ । କିନ୍ତୁ ଦୁଇ ପରିବାର ଭିତରେ କଳହର ଇନ୍ଦ୍ରଜାଲ ବୁଣିହେଇଥିଲା ଅନେକ ଦିନୁ । ଛୋଟ କଥାରେ ନଥା ପୂରାଇ ପାରସ୍ପରିକ ଅବୁଝାମଣାରେ କଳହର ସୂତ୍ରପାତ ଆରମ୍ଭ ହୋଇଥିଲା । ମୁଁ କିନ୍ତୁ ଜାଣେନା ସେକସ୍ପିଅରଙ୍କ କଥାବସ୍ତୁର ନାୟକ ନାୟିକାଙ୍କର ବୟସର ତାରତମ୍ୟ । ମାତ୍ର ମିତ୍ରଭାନୁ ଓ ଅନିନ୍ଦିତା ଭିତରେ ବୟସର ପାଖୁଡ଼ାଟି ଲାଗିଲାଗି ରହିଛି । ରଥଚକ୍ର ପରି ସମୟର ଆବର୍ତ୍ତନରେ ସେ ଦୁହେଁ ବହୁତ ବାଟ ଅତିକ୍ରମିଛନ୍ତି । ଅନିନ୍ଦିତାର ରୂପଲାବଣ୍ୟରେ ମିତ୍ରଭାନୁ ଆକୃଷ୍ଟ ହାେଇଛି । ଆଖିର ମିଳନ ପିପାସାରେ ସେ ଆତ୍ମହରା । ମିତ୍ରଭାନୁର ଜୀବନ ବସନ୍ତରେ କେଉଁ ଦୂର ବିଟପୀ ଶାଖାରେ କୋଇଲିଟିଏ ଗୀତ ଗାଇବା ଆରମ୍ଭ କରିଦେଇଛି । ରୂପ ମିଶିଯାଇଛି ରୁପରେ , ମନ ମିଶିଯାଇଛି ମନରେ । ଅନିନ୍ଦିତାକୁ ପାଇବାପାଇଁ ବ୍ୟାକୁଳ ହେଇଛି ମନ । ସ୍ୱପ୍ନ ଦେଖିଛି ଅନେକ ଥର । ଗପିବାକୁ ଚେଷ୍ଟା କରିଛି । ମାତ୍ର ମନରେ ଭୟ ...କେବଳ ଭୟ । କରଣ ଅନିନ୍ଦିତାର ମା ଏକ କାଳ ନାଗୁଣୀ ।

ମିତ୍ରଭାନୁ ମଧ୍ୟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ମିତ୍ରଭାନୁ ନବମ ଶ୍ରେଣୀର ଛାତ୍ର । ଯେତେବେଳେ ପାଠ୍ୟପୁସ୍ତକର ଆବଶ୍ୟକତା ପଡ଼ିଲା ଅନିନ୍ଦିତାର ସାହାଯ୍ୟ ଲୋଡ଼ିଲା । କିନ୍ତୁ ତା ପ୍ରତ୍ୟୁତ୍ତରରେ ମିଳିଲା ଆଶା ଆଙ୍ଗାକ୍ଷାର ନୂଆ ପରିପ୍ରକାଶ । ସେ ହଠାତ୍ ଶଙ୍କିତ ହୋଇଗଲା । ମନେ ମନେ ଭାବିଲା ଅନିନ୍ଦିତା କିଛି ଅନ୍ୟଥା ଭାବିବନାହିଁ ତ ! ସନ୍ଦେହର ଜାଲ ବୁଣିହୋଇଗଲା ଅକସ୍ମାତ୍ । କିଛି ସମୟପରେ ଚିତ୍ରଲେଖା (ଅନିନ୍ଦିତାର ସାଙ୍ଗ) ଖୋଜୁଥିବା ବହିଟିଏ ଆଣି ମିତ୍ରଭାନୁ ହାତକୁ ବଢାଇଦେଲା । ମିତ୍ରଭାନୁ ବହିଟିକୁ ଦେଖି ସ୍ୱପ୍ନ ରାଇଜରେ ଘେରାଏ ବୁଲିଆସିଲା । ଭାବିନଥିଲା ଅନିନ୍ଦିତା ତାକୁ ବହିଟିଏ ପଠେଇବ ଚିତ୍ରଲେଖା ହାତରେ । ବିଶ୍ୱାସ ଅବିଶ୍ୱାସର ଦୋ ଛକିରେ । ସତରେ ଅନିନ୍ଦିତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିତ୍ରଭାନୁକୁ ଭଲପାଉଛି ନା ସାହାଯ୍ୟ କରିବା ବାହାନାରେ ବହିଟିଏ ଦେଇଛି ? ବହିଟିର ସତ୍ ବ୍ୟବହାର କରି ଦୁଇଦିନ ପରେ ଫେରସ୍ତ କରିଦେଲା ମିତ୍ରଭାନୁ । ଛୋଟକାଗଜରେ 'ଅନିନ୍ଦିତା ଦାସ' ଲେଖି ବହି ଭିତରେ ରଖିଦେଲା ସନ୍ତର୍ପଣ ସହକାରେ ।

ତା ପରଦିନ ଏକ ଆକସ୍ମିକ ସମୟ ଉପନୀତ ହେଲା । ମିତ୍ରଭାନୁର ଗନ୍ତବ୍ୟ ପଥରେ ବାଧାଦେଲା ଚିତ୍ରଲେଖା । ମିତ୍ରଭାନୁଠୁ ଗୋଟିଏ ବର୍ଷ ବଡ଼ । କହିଦେଲା- ଆଚ୍ଛା ମିତ୍ରଭାନୁ ଏ କଅଣ ? ଲିଖିତ କାଗଜଟିକୁ ଦେଖାଇଦେଲା । ମୋ ମନରେ ସଂଶୟ ଭାବ ଉଦ୍ରେକ ହେଲା ତତକ୍ଷଣାତ୍ । କିଛି ଅଘଟଣ ଘଟିନାହିଁ ତ !

ତା ପରେ... ତା ପରେ ଚିଠିର ଆଦାନ ପ୍ରଦାନ । କେତେବେଳେ ଚିତ୍ରଲେଖା ମଧ୍ୟସ୍ଥି ହୋଇଥିଲା ତ କେତେବେଳେ ଅନିନ୍ଦିତାର ସାନ ଭାଇ ବିକାଶ ।

ଆଜି କିନ୍ତୁ ନାହିଁ ଚିତ୍ରଲେଖାର ଦେଖାଶିଖା ଅଭିଯୋଗ । ଅଝଟ ଆପତ୍ତି । ବିତିଗଲା ଏମିତି ବହି ଦିଆନିଆର ଦିନଗୁଡ଼ାକ । ଚିତ୍ରଲେଖା ପ୍ରଶ୍ନଟିଏ ଉତ୍ଥାପନ କରି କହିଲା - ଆଚ୍ଛା ମିତ୍ରଭାନୁ କହିଲୁ କହିଲୁ ଆଜିକାଲି ଅନିନ୍ଦିତା ଉପରେ ତୋର ପିପାସୁ ଚାହାଁଣୀ । କେଉଁ ପ୍ରକାରେ ଉତ୍ତରଟେ ବାଢିବ ମିତ୍ରଭାନୁ, ବିଚଳିତ ହେଲା । ହଁ ହଁ.." କହିଲ ଚିତ୍ରଲେଖା, ଅନିନ୍ଦିତା କେମିତି ଜାଣିପାରିଲା ଯେ ମୁଁ ତା ଉପରେ ନଜର ପକେଇଛି ! ଓଃ ତା ଆଖିଟା ମୋ ଆଖିଟା ମୋ ଉପରେ ଥିଲା ତ ! ମୁଁ ଜାଣେ ଚାରିଚକ୍ଷୁର ମିଳନ ହେଇସାରିଛି ଯେତେବେଳେ ଆଉ କାହିଁକି ଏ ନଜର ଉପରେ ପ୍ରଶ୍ନଟିଏ ଥୋଇବ ।'

ଚିତ୍ରଲେଖା ବୁଝିଗଲା ଭିତିରି କଥା । ଗୋଟାପଣେ ଚୁପ୍ ।

xx xx xx xx xx xx xx xx xx xx xx

ପୁଣି ଏକ ବର୍ଷର ଉତ୍ଥାନ । ଅନିନ୍ଦିତା ଇଂରେଜ ରଚନା ବହିଟେ ମାଗିନେଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମିତ୍ରଭାନୁଠୁ ତା ଭାଇ ବିକାଶ ହାତରେ । ବହିର ମଲାଟଟି ସାମାନ୍ୟ କୋତରା ହେଇ ଯାଇଥିଲା । ନଜର ନ ଥିଲା ମିତ୍ରଭାନୁର ସେଥିପ୍ରତି । ଦୁଇଦିନ ପରେ ଫେରିପାଇଲା ମିତ୍ରଭାନୁ । କିନ୍ତୁ ଦେଖିଲା ନୁଆ କଭର । ଅନିନ୍ଦିତାର ହାତରେ ଲେଖା ଅଛି 'ମିତ୍ରଭାନୁ ମହାନ୍ତି ।' ମିତ୍ରଭାନୁର ଆଖିରେ ପ୍ରେମର କୁଆଁତରା ଉଇଁଗଲା ସତେ ଅବା ।

ଦିନେ ଚିତ୍ରଲେଖା କହିଲା ମିତ୍ରଭାନୁ, ତୋ ଅକ୍ଷର ତ ବହୁତ ସୁନ୍ଦର ।

କେମିତି ଜାଣିଲ ଯେ ...

ଗୋଟେ ଛୁପାରୁସ୍ତମ ତୁ.. ଅନିନ୍ଦିତାକୁ ସାହିତ୍ୟ ଓ ଇତିହାସ ନୋଟ୍ ଦେଇଥିଲୁ । ଦେଇଥିଲୁ ନା... ଅନିନ୍ଦିତା ତୋତେ ପ୍ରଶଂସା କରି କହୁଥିଲା ସତରେ ମିତ୍ରଭାନୁର ଅକ୍ଷର ବହୁତ ସୁନ୍ଦର । ଭାରି ଲାଜକୁଳା । ଇଛା ହେଉଛି କଥା ହେବାକୁ ଯେ । ହେଲେ ମୋ ମାଆ ଯଦି ଜାଣିବ ନା ... ଚିତ୍ରଲେଖାର କଥା ଶୁଣି ମିତ୍ରଭାନୁ କୁରୁଳି ଉଠିଲା । ସତେ ଯେମିତି ତା ମନ କୂଳକୁ ଛୁଇଁଗଲା ପ୍ରେମର ଉର୍ମିମାଳା । ଭାବିନେଲା ସେ, ପ୍ରକୃତରେ ଅନିନ୍ଦିତା ଭଲପାଉଛି ।

xx xx xx xx xx

ରାତି ଆକାଶରେ ନିଶାକରର ସ୍ନିଗ୍ଧ ଜ୍ୟୋତ୍ସ୍ନାରାଶି ବିଛେଇପଡିଛି ପୃଥିବୀରେ । ସବୁ ଦୃଶ୍ୟ ଆଲୋକିତ । ଅନିନ୍ଦିତା ବଗିଚାରେ ବୁଲୁଛି ଏକା ଏକା । ନଜର ପଡ଼ିଗଲା ମିତ୍ରଭାନୁର । ନିଜ ଉପରୁ ଆୟତ୍ତ ନାହିଁ । ପଢାଘରର ଝର୍କାରୁ ଅନିନ୍ଦିତାକୁ ଦେଖି ମିତ୍ରଭାନୁ ବହିଟିଏ ଦେବା ବାହାନାରେ ବାହାରି ଆସିଲା । ବହିଟିକୁ ଅନିନ୍ଦିତା ହାତକୁ ବଢେଇ ଦେଲା ବେଳକୁ ଅଲକ୍ଷ୍ୟରେ ଛୁଇଁଦେଲା ମଝି ଆଙ୍ଗୁଠିକୁ । ଚମକିପଡ଼ିଲା ଅପୂର୍ବ ଶିହରଣରେ ଅନିନ୍ଦିତା । ଆଳାପରେ ବିତିଗଲା ଅପସୋରା ମୁହୂର୍ତ୍ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆଙ୍କ ଡାକରାରେ ଅନିନ୍ଦିତା ଘରକୁ ଫେରିଗଲା । ପଛକୁ ଚାହୁଁଥିଲା ମିତ୍ରଭାନୁକୁ । ମିତ୍ରଭାନୁ ଚାଲିଆସିଲା ମନରେ ଶତ କଦମ୍ବର ଶିହରଣ ତୋଳି୍ ।

ତା ପରଦିନ ଅନିନ୍ଦିତାର ଭେଟହେଲା ଚିତ୍ରଲେଖା ସହ ଏକ ଅଳସ ଅପରାହ୍ନରେ । ଅନେକ କିଛି ଗପସପ ଚାଲିଲା ଦୁହିଁଙ୍କ ଭିତରେ; ଯେମିତି ଦୁଇଟି ଝିଅ ଦେଖାହେଲା ପରେ ଗପ ପସରା ମେଲି ହେଇଯାଏ । ଚିତ୍ରଲେଖାର ଆଖି ସାମ୍ନାରେ ମିତ୍ରଭାନୁ । ପ୍ରଶ୍ନଟିଏ ଉତ୍ଥାପନ କଲା ଚଟାପଟ ଚିତ୍ରଲେଖା - କାଲି ରାତିରେ ଧୁମଧାମ ଗପ ଚାଲିଥିଲା ତ । ହଡ଼ବଡ଼େଇ ଗଲା ମିତ୍ରଭାନୁ ।

କାହା ସହିତ ?

ସତେ ଯେମିତି କିଛି ଜାଣିନୁ । ଲୁଚି ଲୁଚି ବିରାଡ଼ି ଖିର ପିଉଛି ।

ତୁମେ କ'ଣ କହୁଛ ଚିତ୍ରଲେଖା !

ଗତକାଲି ଅନିନ୍ଦିତାକୁ ବହି ଦେଇଥିଲୁ ! ତା ମଝିଆଙ୍ଗୁଠିକୁ ଧରିଥିଲୁ ! ମନେପଡୁନି ?

ଚମକିପଡ଼ିଲା ମିତ୍ରଭାନୁ । କଥାଟି ଧରାପଡ଼ିଯାଇଛି ।

ଆରେ ଡରିବାର କ'ଣ ଅଛି କହିଲୁ । ୟାକୁ ହିଁ କହନ୍ତି ପ୍ରେମ ।

ଚିତ୍ରଲେଖାର କଥାରେ ମିତ୍ରଭାନୁ ହସିଦେଲା ଆତ୍ମତୃପ୍ତିରେ ।

xx xx xx xx xx

(ମନକୁ ମନ ଭାବନାରେ ଜଡ଼ିଗଲା ମିତ୍ରଭାନୁ । ଜାଣୁ ଅନିନ୍ଦିତା, ମୁଁ ଯେତେବେଳେ ମୋ ସାଙ୍ଗ ଚନ୍ଦ୍ରକାନ୍ତ ସହ ଗପୁଥିଲି, ଦେଖୁଥିଲି ତୁ ଶାଢି ପିନ୍ଧି ବହୁତ ସୁନ୍ଦର ଦିଶୁଥିଲୁ । ମୋତେ କଣେଇ କଣେଇ ଚାହିଁ ଦାଣ୍ଡ ଦୁଆରକୁ ଧାଇଁ ଆସିଥିଲୁ । ମୁଁ ଆମ ପଣସଗଛ ପାଖରେ ଠିଆ ହେଇ ତୋ ମୁହଁକୁ ଚାହୁଁଥିଲି, ଆଉ ଫିକକିନା ହସିଦେଉଥିଲୁ ଲାଜେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଜେଇ)

ଏମିତି ଏକ ମିଠା ସକାଳଟିଏ ଆସିଥିଲା ଅନିନ୍ଦିତା ପାଇଁ । ସେ ଗାଇଡ୍ କ୍ୟାମ୍ପରେ ଦିଲ୍ଲୀ ଯିବାର ଥିଲା । ସାଙ୍ଗସାଥୀଙ୍କ ମେଳରେ ସେ ବାହାରିଗଲା ଷ୍ଟେସନ । ମିତ୍ରଭାନୁ କିନ୍ତୁ ବିରହୀ ପ୍ରେମିକ ପାଲଟିଗଲା ତତକ୍ଷଣାତ୍ । କିଛିଦିନ ଏମିତି ଦୁଃଖରେ ଜଡସଡ ହେବାକୁ ପଡିବ ତାକୁ । ହଁ ସେଇଆ ହିଁ ହେଲା । ଅନିନ୍ଦିତାର ଗାଇଡ୍ ପିନ୍ଧା ଡ୍ରେସକୁ ଦେଖିଦେଇ ମନରେ କମ୍ପନ ଆଣିଛି ମିତ୍ରଭାନୁ । ତା ଛାତିକୁ ନିରେଖି ଦେଖିଛି । ଆଖିର ଚାହାଁଣୀକୁ ପାଖରୁ ସାଉଁଟିଛି । ଏତେ ଦିନ ଧରି ଏକାକୀ ରହିବ କେମିତି ମିତ୍ରଭାନୁ ?

ନିଜ ମନ ଭିତରେ ରୋମାଣ୍ଟିସିଜିମ ଆରମ୍ଭ ହେଇଯାଇଛି ମିତ୍ରଭାନୁର । ଗପିଚାଲିଛି ଏକଲାପଣରେ - ସତରେ ସେକସପିଅରଙ୍କ ଜୁଲିଏଟ୍ କି ସୁନ୍ଦର ! ତୁ ତ ସେହି ସୁନ୍ଦରୀ ଜୁଲିଏଟ୍ । ନିରୋଳା ସମୟ ଦେଖିଲେ ମୋ ସହ ଗପିବାକୁ କେତେ ବ୍ୟଗ୍ର ହେଉଥିଲୁ । ମୋତେ ଦେଖିବା ଆଳରେ ଦାଣ୍ଡ ଦୁଆରେ ତୋ ସାନ ଭଉଣୀ ସହ ଖେଳୁଥିଲୁ । ଖିଲିଖିଲି ହସୁଥିଲୁ । ସତରେ ଅନିନ୍ଦିତା ବହୁତ ମନେ ପଡୁଛି ତୋ କଥା । ତୁ ସିନା ଦିଲ୍ଲୀରେ ମଜା କରୁଛୁ, ମୁଁ ଏଇଠି ତୋ ପାଇଁ ସ୍ୱପ୍ନ ଦେଖୁଛି । ଶିଘ୍ର ଫେରିଆ ଅନିନ୍ଦିତା...

xxx xxx xxx xxx

ପ୍ରାୟ ମାସେ ବିତିଯାଇଛି । ଚିତ୍ରଲେଖାକୁ ଦେଇଥିବା କବିତା ସଂକଳନ "ପ୍ରଣୟର ଆଶା" ଅନିନ୍ଦିତା ହାତରେ ଧରାପଡିଛି । ଆମୁଳଚୂଳ ପଢିସାରିଛି ସେ । ଉଲ୍ଲସିତ ହେଇଛି । ଶିହରିତ ବି ହେଇଯାଇଛି କାରଣ ପ୍ରତ୍ୟେକ କବିତାର ଅନ୍ତଃସ୍ୱର ମିତ୍ରଭାନୁ ଓ ଅନିନ୍ଦିତାର ପ୍ରେମ ସମ୍ପର୍କୀତ ।

ଚମତ୍କାର ଢଙ୍ଗରେ ଦୁହିଁଙ୍କ ଭିତରେ ମନ ଦିଆନିଆ ଚାଲିଛି । ବହି ଆଦାନପ୍ରଦାନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଟୁକୁରା କାଗଜ ଆବିଷ୍କାର ହେଇସାରିଛି । ସତରେ ସେହି ଟୁକୁରା କାଗଜରେ ମନ ତଳର ଭାବନା ଛପିରହିଛି ।

ଏକ ଘଟଣାକ୍ରମରେ ...

ଆକାଶରେ ପୂର୍ଣ୍ଣମୀର ଜହ୍ନ । ରୋମାଣ୍ଟିକ ଭାବେ ବିଛେଇଦେଇଛି ଜ୍ୟୋସ୍ନାରାଶି । ଚତୁର୍ଦ୍ଦିଗ ଆଲୋକିତ । ମନରେ ବେଧଡକ ଇଛା । ଅନିନ୍ଦିତା ସହ ମିତ୍ରଭାନୁର ଚାରିଚକ୍ଷୁର ମିଳନ ଘଟିଛି । ପିପାସିତ ପ୍ରାଣ ଚହଲିଯାଇଛି । ଆତ୍ମତୃପ୍ତିରେ କଥୋପକଥନ ହେଇଛି । ମିତ୍ରଭାନୁ ଜହ୍ନଆଲୁଅରେ ଦେଖିପାରିଛି ପ୍ରେମିକା ଅନିନ୍ଦିତାର ମୁହଁ । ଫୁଟାପଦ୍ମପରି ଓଠ । କିନ୍ତୁ ନିରୀକ୍ଷଣ କରିପାରିଛି ଆଖିରେ ଆଶଙ୍କାର ଚିହ୍ନ । କାରଣ ପ୍ରତିଟି ମୁହୂର୍ତ୍ତରେ ବାହ୍ୟ ଶତ୍ରୁର ଲୋଲୁପ ଚାହାଁଣି ପଡିଯିବାର ସମ୍ଭାବନା ଅଧିକ । ତଥାପି ସବୁ ପ୍ରତିକୂଳ ଭିତରେ ବି ଅନିନ୍ଦିତା ସରଳ ପ୍ରଶ୍ନଟିଏ ଉତ୍ଥାପନ କରିଛି । ମିତ୍ରଭାନୁ, ଆଖିର ମିଳନରେ ଯଦି ପ୍ରଣୟ ହୁଏ, ତେବେ ଦୁଇଟି ହୃଦୟ ମିଳନରେ.... ! ମିତ୍ରଭାନୁ ଚମକିପଡିଛି । ଦେହରେ ବେପଥୁ ଶିହରଣ ଉଙ୍କିମାରିଛି । ଉଦହାରଣ ଦେଇ କହିଦେଇଛି - ଅନିନ୍ଦିତା ସାହିତ୍ୟ ବହିର ଛିନ୍ନମସ୍ତା ଗପଟି ପଢିଥିବୁ । କର୍ମଦେବୀ ଓ ସାଧୁଙ୍କ ହୃଦୟର ଅପୂର୍ବ ମିଳନ ଗାଥା ।

ହଁ ମନେଅଛି । ପ୍ରଗଲ୍ଭ ସ୍ୱରରେ କହିଦେଲା ଅନିନ୍ଦିତା ।

ଅନିନ୍ଦିତା ଓ ମିତ୍ରଭାନୁର ମନ ପ୍ରଜାପତି ଡେଣା ମେଲେଇଦେଲା । ଉଡିଯିବାକୁ ଉଦ୍ୟତ ହେଲା ।

xx xx xx xx xx

ପ୍ରତ୍ୟେକ ମନୁଷ୍ୟ ଚାହେଁ ସୁଖଜର ଜୀବନ । ସେଇଥିପାଇଁତ ପର୍ବପର୍ବାଣିରେ ଆନନ୍ଦ, ଉଲ୍ଲାସ ସଂଯୁକ୍ତ ହେଇଯାଏ ମନପ୍ରାଣରେ । ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମା ବିଦ୍ୟାଦାୟିନୀଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୂଜା । ବିଦ୍ୟାଳୟ ହେଉ କ୍ଲବ ଘର ସବୁଠୁ ପୂଜାର ମାହୋଲ । ଛାତ୍ରଛାତ୍ରୀମାନେ ନୂତନ ପୋଷାକରେ ସଜେଇ ହୁଅନ୍ତି । ବିଦ୍ୟାଳୟକୁ ଯାଇ ମା ସରସ୍ୱତୀ ଭୋଗ ନୈବେଦ୍ୟ ସମର୍ପି ଦିଅନ୍ତି । ଅନିନ୍ଦିତା ନବ ପରିଧାନରେ ଅତୀବ ସୁନ୍ଦର ଦିଶୁଛୁ । ତା ଦେହ -ମୁହଁରେ ଯୌବନ ଖୁନ୍ଦି ହେଇଯାଉଛି । ସେହି ଶୁକ୍ଳ ପଞ୍ଚମୀ ତିଥିରେ ଅନିନ୍ଦିତା ସହ ଭେଟ ହେଇଯାଇଛି ମିତ୍ରଭାନୁର । ଅନିନ୍ଦିତା ପାଖେପାଖେ ଚିତ୍ରଲେଖା ଛାଇପରି ରହିଛି । ମୋତେ ସମ୍ନାସାମ୍ନିରେ ଦେଖି ପଚାରିଲା ଚିତ୍ରଲେଖା - ମିତ୍ରଭାନୁ ତୁ ବୋଧହୁଏ ସରସ୍ୱତୀ ମେଢ ଦେଖୁବାକୁ ଆସିଛୁ । ଆଉ ଅନିନ୍ଦିତାକୁ ଦେଖିନୁ ? ହଁ କହିଦେଲା ଚଟାପଟ । ଅନିନ୍ଦିତା ଲାଜେଇ ଲାଜେଇ କହିଦେଲା ଚିତ୍ରଲେଖା ସତରେ ତୁ ଭାରି ଦୁଷ୍ଟ ସାଙ୍ଗ ! ଚିତ୍ରଲେଖା ଉତ୍ତରଦେଲା - ଓଃ ଆମ ଅନିନ୍ଦିତା ରାଣୀ ମାଙ୍କର ସତେ ଯେମିତି ମନ ନାହିଁ । ବିଲେଇ ପରି ଲୁଚି ଲୁଚି କ୍ଷୀର ପିଆହେଉଛି ଅଥଚ କିଛି ଜାଣିନି । ଏଇ ଦେଖେ, ମିତ୍ରଭାନୁ କେମିତି ତୋତେ ଗୋଟାପଣେ ଚାହିଁଛି । ଯାଉନୁ ତା ପାଖକୁ ।

ଫିକ୍ କରି ହସିଦେଲା ଅନିନ୍ଦିତା ।

ତିନିହେଁ ପୂଜାବେଦୀରେ ମା ଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଲେ ।

ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ପରି ଦିନରାତିର ଶୁଭଲଗ୍ନ ଅତିବାହିତ ହେବାକୁ ଲାଗିଲା । ଭଲପାଇବାର ଆଶା ଉଜ୍ଜ୍ୱଳିତ ହେଲା ।

ସମୟର ନଦୀସୁଅରୁ ବର୍ତ୍ତିଯାଇ କୂଳରେ ଲାଗିଗଲା ମିତ୍ରଭାନୁ । ପକ୍ଷୀପରି ଉଡିଗଲା ନିଜ ପୁରୁଣା ବସାକୁ । ସେ ବିରହୀ । ଚକୋରୀ ନାହିଁ ତା ପାଖରେ । ବ୍ୟଥା ଓ ଜ୍ୱାଳରେ ସଂକ୍ରମିତ । ମନେମନେ ଝୁରିହେଲା ଅନିନ୍ଦିତାକୁ ।

xx xx xx xx xx

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନିନ୍ଦିତା ମାଟ୍ରିକୁଲେସନ୍ ପରୀକ୍ଷାର୍ଥିନୀ । ଅନେକ ଝଡଝଞ୍ଜାକୁ ସାମ୍ନାକରୁଛି । ମନରେ ଚିନ୍ତା ଘାରିଛି ତାକୁ । କାଳେ ପରୀକ୍ଷାରେ ଅସଫଳ ହେଇଯିବକି ?

ମିତ୍ରଭାନୁ ପ୍ରତିଶ୍ରୁତି ଦେଇଚାଲିଛି । ମୁଁ ଥାଉ ଥାଉ ତୋ ପାଠପଢାରେ କେହି ବାଧା ଦେଇପାରିବେନି । ତୁ ନିଶ୍ଚୟ ଦ୍ୱିତୀୟ ଡିଭିଜନରେ ପାସ୍ କରିବୁ । ପରୀକ୍ଷାଫଳ ପ୍ରକାଶିତ ଦିନ ଅନିନ୍ଦିତା ଗାଁରେ ଥିଲା । ଫେରିଆସିଲା ପରେ ମିତ୍ରଭାନୁ ଖୁସିରେ ମିଠା ମାଗିବାରୁ ଚଟାପଟ କଗିଦେଲା - ତୁମେ ଓଠ ଦେଖାଅ । ପାଖକୁ ଡାକି ମୋ ଓଠରେ ତା ଓଠକୁ ମିଶାଇଦେଲା ।

ମିଠା ପାଇଗଲ ତ  । ହଁ ବହୁତ ମିଠା ଲାଗିଲା ଏ ଓଠଛୁଆଁ  ।

ସେଦିନର ସେ ଓଠଛୁଆଁଟି ସବୁଦିନ ପାଇଁ ମନେରହିଗଲା  ।କେବଳ ମନେରହିଲାନି ବରଂ ମନଟି ଛଟପଟ ହେଉଥିଲା ମିତ୍ରଭାନୁର । ଅନିନ୍ଦିତା ସବୁବେଳେ ତା ପାଖକୁ ଆସି ଓଠକୁ ଛୁଇଁଦିଅନ୍ତା କି ?

ଅତୀତର ସ୍ମୃତିବୋଳା ଉପଳଖଣ୍ଡ ଗୁଡିକ ପରସ୍ପର ମନର ତଟିନୀ ଧାରେ ଧାରେ ବାଡେଇହେଇଯାଉଛି  । କେହି କାହାରିକୁ ଦଣ୍ଡେ ନ ଦେଖିଲେ ଅନ୍ଧାର ଦିଶୁଛି ଚାରିପାଖ  । ଖୁବ୍ ପାଖାପାଖି ଦୁହେଁ ଥିଲେ ବି ଅନିନ୍ଦିତା ବୋଉର କର୍କଶ କଥା ଓ ଚାହାଁଣୀ ମିତ୍ରଭାନୁର ମନରେ ଛନକା ଆଙ୍କିଦେଉଛି  ।  ସତେ ଯେମିତି ଦୀପତଳ ଅନ୍ଧାର  । ମିତ୍ରଭାନୁ ଅନେକ ଥର ତା ବାଡିର ପଣସ ଗଛମୂଳେ ଠିଆ ହେଇ ଅନିନ୍ଦିତାକୁ ଚାହିଁବସିଛି  । ଅନିନ୍ଦିତା ବି ଚଗଲାପଣରେ ଶୋଇବାଘର  ଝରକାରେ ଏକଲୟରେ ଅନେଇରହୁଛି ମିତ୍ରଭାନୁକୁ  । ବାହାନା ଦେଖାଇ ମିତ୍ରଭାନୁ ପାଦ ଦେଇଛି ଅନିନ୍ଦିତା ଘରେ  । ତା ପିନ୍ଧା ଫ୍ରକକୁ ଚାହିଁ ଭାବିଚାଲିଛି କିଛି  ।  ଏଣୁତେଣୁ ଗପିଛି  । ଅନିନ୍ଦିତା ବି ମିତ୍ରଭାନୁର ସୁଠାମ ଦେହକୁ ଦେଖୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଲୋଭିତ ହେଇଛି ।

ମିତ୍ରଭାନୁ ବାଉଳା ହେଇଛି ନିଦରେ । ସ୍ୱପ୍ନ ଦେଖିଛି ସତେ ଅବା ଅନିନ୍ଦିତା ତା ପାଖରେ ବସି ଗେଲକରରୁଛି ଆତ୍ମୀୟତାରେ । ନିଦ ଭାଙ୍ଗିଗଲେ କେବଳ ଶୂନଶାନ ।

- ମନୁଷ୍ୟରେ ଜୀବନରେ ସ୍ମୃତି ଏକ ଅମୂଲ୍ୟ ସଂପଦ । ତାକୁ ଆବୋରିନେବାରେ ଥାଏ ଭିନ୍ନ ମାଦକତା ।

- ସ୍ନେହ ମମତା ହିଁ ଜୀବନକୁ ସରସ ସୁନ୍ଦର କରିପାରେ । ସେଥିରେ ସେ ପାଏ ଅସୀମ ଆନନ୍ଦ ।

- Life without love is death

ଏମିତି ଅକୁହା ଅସ୍ପଷ୍ଟ କଥାକଣିକାରେ ବଞ୍ଚିରହିଥିଲା ମିତ୍ରଭାନୁ ।

ମନକୁ ମନ ଗପିଲା ସେ । ଆଛା ଅନିନ୍ଦିତା ତୁ ବହୁତ ଲାଜକୁଳୀ । ତାହାବୋଲି ବିରହ ଜ୍ୱାଳାରେ ଛଟପଟ ହେଉଥିବା ମନରେ ଟିକେ ଆଶ୍ୱାସନାର ପ୍ରଲେପ ବୋଳିପାରିବୁନି । ମୁଁ ଜାଣେ ଯୌବନର ସରସୀରେ ତୋ ମନର କୁମୁଦିନୀ ଶଶାଙ୍କର କରସ୍ପର୍ଶ ପାଇଁ ସର୍ବଦା ବ୍ୟାକୁଳିତ । ବେଳେବେଳେ ବାହ୍ୟ ପରିସ୍ଥିତିର ଆସହ୍ୟ ତାଡନାରେ ଅର୍ଦ୍ଧ ବିକଶିତ କଳିକାଟି ନିଜର ସତ୍ତା ହରାଇବସେ । ବିରହୀର ଅନ୍ତର୍ବେଦନା ତୋତେ କ' ଣ ବିଚଳିତ କରୁନାହିଁ ? ଅକୁହା କଥାର ସରୁ ସ୍ରୋତସ୍ୱିନୀ ଧାର ତୋ ମନକୁ ଛୁଇଁବାକୁ ବ୍ୟାକୁଳ ହେଲାବେଳକୁ ତୁ କେମିତି ନିରବରେ ରହିଯାଉଛୁ ?

ମୋ ପ୍ରାଣର ଅନିନ୍ଦିତା । ମୁଁ ତୋତେ ବହୁତ ଭଲପାଏ । ସାଗରଠୁ ଅସୀମ ଗଭୀର ଆଉ ଆକାଶଠୁ ନିବିଡ । ତୋର ସେହି ଲାଜସିକ୍ତ ଚୋରା ଚାହାଁଣି ମୋ ମନରେ ଇନ୍ଦ୍ରଧନୁର ବୋଳିଦେଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

xx xx xx xx xx

ଦିନ ପରେ ଦିନ ଗଡ଼ିଚାଲିଲା । ମିତ୍ରଭାନୁ ମନରେ ପ୍ରେମର ଫଲଗୁ ବୋହିଗଲା । ଦେହ ସାରା ଲାଖିଯାଉଥିଲା ଅନିନ୍ଦିତାର ହରିଣୀ ଚାହାଁଣି । ସବୁବେଳେ ତା ଭଲପାଇବା ଜୋକ ପରି ନେସି ହେଇଯାଉଥିଲା । ମିତ୍ରଭାନୁ ଅମା ଅନ୍ଧାରରେ ବି ଅନିନ୍ଦିତାକୁ ଖୋଜୁଥିଲା । ଏମିତି ଏଜ ଅନ୍ଧକାର ଥିଲା ଦୀପାବଳୀ ଅମାବାସ୍ୟା । ଆକାଶରେ ନଥିଲା ଜହ୍ନର ରୋଷଣୀ । ଦାଣ୍ଡବାରଣ୍ଡାରେ ଦୀପ ମହୋତ୍ସବ । ଆତସବାଜିର ଘନଘୋର ଗର୍ଜନ । ବୁଲାକୁକୁରର ଧାଁ ଧଉଡ଼ । ମନରେ ଭୟ... ଭୟ... କେତେବେଳେ ଅକସ୍ମାତ୍ ଫୋଟକାଟେ ଦେହର ଜାମାରେ ଲାଗିଯିବ କି । ହେଲେ ମିତ୍ରଭାନୁ ସବୁ ଆତସବାଜିକୁ ସାମ୍ନା କରିବାକୁ ପ୍ରସ୍ତୁତ ଥିଲା । ବାଣ ଫୁଟେଇବା ବାହାନାରେ ଅନିନ୍ଦିତାକୁ ଦେଖିବା ଓ ଗପିବାର ଏକ ମହାର୍ଘ ସମୟ ଏ ଦୀପାବଳି ଅମାବାସ୍ୟା ।

ଅନିନ୍ଦିତା ଦୁଆରେ ଫୁଟାଉଥିଲା ଝିରିଝରି । ତା ମନ ଥିଲା ମିତ୍ରଭାନୁ ପାଖରେ । ଟିକେ ପାଦ ବଢେଇ ମିତ୍ରଭାନୁକୁ ଡାକିଲା । ଦୁହେଁ ମିଶି କେତେ ରକମର ଫୋଟକା ଫୁଟେଇଲେ । ମିତ୍ରଭାନୁ ଚତୁରତାର ସହ ଅନିନ୍ଦିତାର ଆଙ୍ଗୁଠିକୁ ଧରୁଥିଲା । ଲାଜେଇ ଯାଉଥିଲା ଅନିନ୍ଦିତା । ମନ ଖୁସିରେ ପଚାରିଦେଲା - ଆଚ୍ଛା ମିତ୍ରଭାନୁ, ସତରେ ତୁମର ଅକ୍ଷର ଠିକ୍ ତୁମ ମୁହଁ ଭଳି ସୁନ୍ଦର । ତୁମକୁ ଦେଖିଲା ପରେ ମୁଁ ଶୋଇପାରେନା ସହଜରେ । ଭାବୁଥାଏ ତୁମେ ଯଦି ମୋ ପାଖେ ପାଖେ ରୁହନ୍ତ ବହୁତ ମଜା ହୁଅନ୍ତା । ଯେମିତିକି କୁମୁଦିନୀ ଆକାଶର ଚନ୍ଦ୍ରମା ପାଇଁ ପାଗଳ ହେଇଯାଏ, ମୁଁ ସେମିତି ତୁମପାଇଁ....

ହଁ ଅନିନ୍ଦିତା ମୁଁ ବି ବହୁତ ମନେପକାଏ । ରାତି ଅନେକ ସମୟ ଧରି କବିତା ଲେଖେ କେବଳ ତୋ ପାଇଁ । ତୋ ମଲ୍ଲିଫୁଲିଆ ଦେହଟିକୁ ଯୋଉଦିନ ଦେଖିଦେଲି ସେଦିନଠୁ ମୋ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛାତିର ସ୍ପନ୍ଦନ ବଢିଯାଇଛି । ହେଲେ ଆମ ଦୁହିଁଙ୍କର ଭଲପାଇବା ତୋ ମାଆର ଆଖିରେ ଯାଏନି । ପ୍ରଗଳଭ ଢଙ୍ଗରେ କହିଦେଲା ମିତ୍ରଭାନୁ ।

ମିତ୍ରଭାନୁର ବାପା ଡାକ ପକେଇଲେ କାଉଁରିଆ କାଠି ଜାଳି ପୂର୍ବପୁରୁଷକୁ ସମ୍ମାନ ଜଣାଇବାକୁ । ଅନିନ୍ଦିତା ବି ତା ମା ଡାକରେ ଘରକୁ ପଳେଇଗଲା ଡରିଡରି ।

ଅନେକ ଥର ପୂଜାପାର୍ବଣରେ ବୁଲୁଛନ୍ତି ଅନିନ୍ଦିତା ଓ ମିତ୍ରଭାନୁ ।ବେଳେବେଳେ ଚିତ୍ରଲେଖା ହାତରେ ଧରାପଡିଛନ୍ତି ।

ରୋମିଓ ଜୁଲିଏଟ୍ ଗପ ପଢି ପଢି ମିତ୍ରଭାନୁ ଶେଷରେ ହତାଶବୋଧ କଲା । ଅନିନ୍ଦିତାକୁ ପାଇବାର ସ୍ୱପ୍ନ ତୁଟିଗଲା ।

ଅନିନ୍ଦିତା ନିଜ ମାଆର ନାଲି ଆଖି ସାମ୍ନାରେ ମିତ୍ରଭାନୁ ସହ ଅବାଧ ମିଳିମିଶାକୁ ପାସୋରିଦେଲା । ଛାତିରେ ଛାତିଏ ଯନ୍ତ୍ରଣାକୁ ଜାବୁଡି ଧରିଲା ।

ମିତ୍ରଭାନୁ ଆଉ ଅନିନ୍ଦିତା ଭିତରେ ପାଚେରି ସାଜିଲେ ଅନିନ୍ଦିତାର ମାଆ । ଖୁବ୍ ସନ୍ଦେହୀ ବେପାରୁଆ ମଣିଷଟେ । ଆତ୍ମ ଅଭିମାନୀକୁ ସାଉଁଟି ସାଉଁଟି ମିତ୍ରଭାନୁ ସହ ବିରୋଧାଭାଷ ହେଲେ ।

ମିତ୍ରଭାନୁ ଓ ଅନିନ୍ଦିତାର ପ୍ରେମ ଏକ କାହାଣୀ ପାଲଟିଗଲା । ସ୍ମୃତି ଫରୁଆରେ ଜାକିଜୁକି ହେଇ ରହିଗଲା ସବୁଦିନ ପାଇଁ ।

୭୦୦୮୧୪୨୦୪୦

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ୍ତ ଶବ



ଅମୃତନାରାୟଣ ଶତପଥୀ

ମୃତ୍ୟୁ ଯେପରି ସତ୍ୟ ସେହିପରି ସତ୍ୟ ମୃତ୍ୟୁ ପରେ ମନୁଷ୍ୟର ମୃତ ଶରୀର ଅର୍ଥାତ ଶବ । ଚଳଚଞ୍ଚଳ ହେଉଥିବା ଶରୀରଟି ମୃତ୍ୟୁ ପରେ ହୋଇଯାଏ ନିଶ୍ଚଳ, ନିର୍ବିକାର, ହେଲେ ଏ ନିର୍ମମ ସଂସାର ତାହାକୁ ନେଇ ମଧ୍ୟ କରୁଛି ବ୍ୟାପାର, ବ୍ୟଭିଚାର ଏବଂ ଅନ୍ୟ କେତେ କୁକର୍ମାଦି ଯାହା ସମାଜର ନିମ୍ନ ନୈତିକତାର ଉଦାହରଣର ଏକ ଭିତ୍ତିଭୂମି । କେତେକ କାର୍ଯ୍ୟ ଯଥା ବେନାମୀ ସମ୍ପତ୍ତି, ମୃତ ବ୍ୟକ୍ତି ଭୋଟରକାର୍ଡ ରେ ଜୀବନ୍ତ ଇତ୍ୟାଦି ଇତ୍ୟାଦି ।

ମୃତ୍ୟୁ ମନୁଷ୍ୟର ଚେତନ, ଅବଚେତନ ଓ ଅଚେତନ ମନକୁ ପରିଣତ କରାଇଥାଏ ନିଶ୍ଚେତନତାରେ । ପାର୍ଥିବ ଶରୀରରୁ ଅତ୍ମାର ଉର୍ଦ୍ଧ୍ୱ ଗତି ହୋଇଥାଏ ପରମାତ୍ମାଙ୍କ ସାନିଧ୍ୟ ପାଇଁ ଅବା ଅଧୋଗତି ହୋଇଥାଏ ପୁଣି ଜନ୍ମମୃତ୍ୟୁର ଚିରାଚରିତ ଚକ୍ରରେ ଯନ୍ତ୍ରଣାରେ ଜର୍ଜରିତ ହେବା ପାଇଁ; କର୍ମଫଳ ପାରବ୍ଧ ଆଦି କେତେ କ'ଣ ଜ୍ଞାନ ତଥା କେତେ ତର୍କ ବିତର୍କ କେତେ ବଚସା ଆଦି ଦେଖିବାକୁ ମିଳେ ବିଭିନ୍ନ ସଂସ୍କୃତିର ଜ୍ଞାନ ଗନ୍ତାଘର ପୁସ୍ତକ ଗୁଡିକ ମଧ୍ୟରୁ । କିନ୍ତୁ ମୋର ଏହି ଗଳ୍ପ କିଛି ସତ୍ୟତା, କିଛି କଳ୍ପନା, କିଛି ଅନୁଭବ ଓ କିଛି ଅନୁଭୂତି କୁ ନେଇ ଏକ ଭିନ୍ନ ଧରଣର ମିଶ୍ରଣ ଏଥିରେ ଏକ ଦରଦୀ ମଣିଷ କିପରି ଜୀବନ୍ତ ଶବରେ ପରିଣତ ହୋଇଛି ତାହା ସୁସ୍ପଷ୍ଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାମଚନ୍ଦ୍ର ବାବୁ, ନାମରେ ଯେପରି ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପ୍ରତିଫଳନ କର୍ମରେ ମଧ୍ୟ ସେପରି କହିଲେ ଅତ୍ୟୁକ୍ତି ହେବନାହିଁ । ଅବଶ୍ୟ ଯୁଗାନ୍ତରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଚରିତ୍ର ତଥା ଅବତାରୀ ପୁରୁଷଙ୍କ ବ୍ୟକ୍ତିତ୍ୱ କଳିଯୁଗରେ ଅବିକଳ ନକଲ କରିବା ତଥା କାଳାନ୍ତରରେ ନିରନ୍ତରତା ବଜାୟ ରଖିବା ଯେ କେତେ କଷ୍ଟକର ତାହା ଅଙ୍ଗେନିଭାଇଥିବା ବ୍ୟକ୍ତିଙ୍କୁ ହିଁ ଜଣା; ତଥାପି ରାମଚନ୍ଦ୍ର ବାବୁ ଥିଲେ ଜଣେ ବିଲକ୍ଷଣ ଯୁକ୍ତ ବ୍ୟକ୍ତିତ୍ୱ । ଚରିତ୍ର, ବ୍ୟକ୍ତିତ୍ୱରେ ଦୟା, କ୍ଷମା, ସଦାଚାର, ସହିଷ୍ଣୁତା ଭାବ ଫୁଟାଇ ଜୀବନକୁ ସତେ ଯେପରି ଏକ ଆଦର୍ଶ ତଥା ମୋକ୍ଷାଭିମୁଖୀ ପଥର ପଥିକ ଭାବେ ଅଗ୍ରସର କରାଉଥିଲେ । କିନ୍ତୁ ଏ ସଂସାରର କଳି କବଳିତ ବ୍ୟକ୍ତିତ୍ୱଗଣ ତଥା ରାବଣ ଓ ମହୀରାବଣ ମାନଙ୍କର ପବୃତି ଯେ ତାଙ୍କୁ ଅଥୟ କରି ସାରିଥିଲା । ନିଜର ବନ୍ଧୁ ବାନ୍ଧବ ସାଙ୍ଗ ସାଥୀ ତଥା ପରିବାର ଓ ଆତ୍ମୀୟ ବ୍ୟକ୍ତିମାନେ ମଧ୍ୟ ସୁବର୍ଣ୍ଣ ମୃଗର ମାୟାରେ ପଡି ଯାଇଥିଲେ ଠିକ୍ ସେହିଦିନ ପରି ଯେଉଁଦିନ ସୀତା ମାତା ସୁବର୍ଣ୍ଣ ମୃଗର ମୋହରେ ପ୍ରଭୁଙ୍କ ଠାରୁ ବିରହର ପଥ ବାଛି ନେଇଥିଲେ । ପରିଶେଷରେ ରାମଚନ୍ଦ୍ର ବାବୁ ନେଲେ ଏକ କଠୋର ନିଷ୍ପତ୍ତି ନିଜକୁ ସଜାଇଦେଲେ ଜୀବନ୍ତ ଶବରେ ।

ଶ୍ରୋତାବନ୍ଧୁ ଏହା ପଢି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ, ସଭିଏଁ ଭାବୁଥିବେ ବୋଧହୁଏ ରାମଚନ୍ଦ୍ର ବାବୁ ମାନସିକ ଚାପର ବଶବର୍ତ୍ତୀ ହୋଇ କୋମାକୁ ଚାଲିଗଲେ ନା କ'ଣ, ନା ମାନସିକ ଭାରସାମ୍ୟ ହରାଇ ହୋଇଗଲେ ଉନ୍ମାଦ । କିନ୍ତୁ ଏପରି କିଛି ନୁହେଁ, କିଛି ତ ହରାଇଲେ ରାମଚନ୍ଦ୍ର ବାବୁ ତାହା କିନ୍ତୁ ଅନେକ କିଛି ପାଇବା ପାଇଁ । ସେ ଏକାଧାରାରେ ହରାଇଲେ ନିଜର ବାକ୍ ଶକ୍ତି, ଶ୍ରବଣ ଶକ୍ତି ତଥା ଦୃଷ୍ଟି ଶକ୍ତି ।

ଆରେ ଆରେ ଏବେ ମୋତେ ଉନ୍ମାଦ ବୋଲି ଭାବନ୍ତୁ ନାହିଁ ! କିମ୍ବା ମୋର ଏହି କଥନକୁ ପ୍ରଗଳ୍ଭ ପ୍ରଳାପର ଆଖ୍ୟା ଦେବା ଆଗରୁ ଗଳ୍ପର ଅନ୍ତ ପର୍ଯ୍ୟନ୍ତ ନିଶ୍ଚୟ ପଢନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜ୍ଞା ହଁ ରାମଚନ୍ଦ୍ର ବାବୁ ଏକାଧାରାରେ ହରାଇଲେ ନିଜର ଦୃଷ୍ଟି ଶକ୍ତି, ଶ୍ରବଣ ଶକ୍ତି ଓ ବାକ୍ ଶକ୍ତି ତାହା ପୁଣି କେଉଁ ଦୁର୍ଘଟଣାରେ ନୁହେଁ ନିଜର ଅନ୍ତରର ଆହ୍ୱାନ ତଥା ସଂଯମତା ବଳରେ; ଅର୍ଥାତ୍ ସେ ଆଖି କାନ ପାଟି ସବୁ କିଛି ଠିକ୍ ଥାଇ ମଧ୍ୟ ଏକା ଧାରାରେ ପାଲଟିଗଲେ ଅନ୍ଧ, ମୂକ ଓ ବଧିର । ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ କିନ୍ତୁ ଏପରି ବି ସମ୍ଭବ ଯାହାର ଉଦାହରଣ ଜ୍ଞାନ ଗ୍ରନ୍ଥ ବେଦ ଉପନିଷଦ ଆଦିରେ ଦେଖିବାକୁ ମିଳେ । ଯେଉଁ ଅବସ୍ଥାକୁ ସମାଧି ଭାବେ ଆଖ୍ୟାନ କରାଯାଇଛି ସେହିପରି ଅବସ୍ଥା ରାମଚନ୍ଦ୍ର ବାବୁଙ୍କ ପାଇଁ ମୋର ନିଜସ୍ୱ ଆଖ୍ୟାନ "ଜୀବନ୍ତ ଶବ" । ଫରକ୍ ଏତିକି ପୂର୍ବେ ସମାଧି ନେଉଥିବା ବ୍ୟକ୍ତି ନିଜର ସର୍ବସ୍ୱ ତ୍ୟାଗ ତଥା ସଂଯମତାର ସହ କେଉଁ ଦୂର ଅରଣ୍ୟରେ ବସି ତପସ୍ୟାରୂପୀ ସମାଧୀରେ ମଗ୍ନ ଥିଲେ ହେଲେ ଏଠାରେ ରାମଚନ୍ଦ୍ର ବାବୁ ନିଜର ତିନୋଟି ଇନ୍ଦ୍ରିୟ କୁ ସଯଂମତାର ଶୀର୍ଷରେ ନେଇ କର୍ମ କରିଚାଲିଛନ୍ତି ଯାହା ତାଙ୍କର କର୍ତ୍ତବ୍ୟ ତଥା ସେ ଅତ୍ୟଧିକ ଆତ୍ମନିର୍ଭର ହୋଇଯାଇଛନ୍ତି । ଅନ୍ୟ ଉପରେ ନିର୍ଭର ତଥା ଅନ୍ୟର କୌଣସି ଇଙ୍ଗିତାଦି ତାଙ୍କୁ କେଉଁ ମତେ ମଧ୍ୟ ପ୍ରଭାବିତ କରି ପାରୁନାହିଁ । ଅତି ଆବଶ୍ୟକ ହେଲେ କାଗଜ କଲମରେ ଦୁଇ ଚାରିଧାଡି ଲେଖିଦେଇ କେଉଁ ବ୍ୟକ୍ତିଙ୍କୁ ଧରାଇ ଦେଉଛନ୍ତି ବାସ୍ ସେତିକି ।

ବର୍ତ୍ତମାନ ରାମଚନ୍ଦ୍ର ବାବୁଙ୍କ ଜୀବନର କିଛିବର୍ଷର ଅତୀତର ପୃଷ୍ଠା ଲେଉଟାଇବା । ବାଲ୍ୟକାଳରୁ ଈଶ୍ୱରଙ୍କ ପ୍ରସାଦ ସମ ତାଙ୍କ ମନ ଓ ହୃଦୟରେ ସ୍ଥାନ ପାଇଥିଲା ସତେ ଏକ ଦରଦୀ ଆତ୍ମା । କାହାର ଦୁଃଖ ଦେଖିଲେ ହୃଦୟରେ କୋହ ତଥା ଆଖିରୁ ଲୁହ ଦୁଇଧାର ସ୍ୱତଃପ୍ରବୃତ୍ତ ଭାବରେ ଝରି ଆସୁଥିଲା ତଥା ସେହି ଦୁଃଖୀର ଦୁଃଖ ମୋଚନ ପାଇଁ ହୃଦୟ ଓ ମନ ହୋଇ ଉଠୁଥିଲା ବ୍ୟାକୁଳ ଯଥା ସମ୍ଭବ ଚେଷ୍ଟାକରି ତାହାର ଅଗତ୍ୟା ସମାଧାନ କରୁଥିଲେ ସେ । ସଭିଏଁ ବହୁତ ଖୁସି ହେଉଥିଲେ ତଥା ସାବାସି ଦେଉଥିଲେ, ଆଉ କିଛି ଭାବୁଥିଲେ କିଛି ସ୍ୱାର୍ଥ ପାଇଁ ପିଲାଟିର ଏହି କାର୍ଯ୍ୟ, କଳି ଯୁଗ ନା ସଜ ମାଛରେ ପୋକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକାଇବା ପବୃତି ରହିବ କିଛି ଲୋକଙ୍କର ନିଶ୍ଚୟ ।

ସମୟାନୁକ୍ରମେ ଯୌବନର ଶକ୍ତି ତାଙ୍କ ମନରେ ଭରିଦେଲା ଅପୁରନ୍ତ ଆନନ୍ଦ ତାହା ନଥିଲା କେଉଁ ବ୍ୟକ୍ତିର ପ୍ରଂଶସା ଅବା କେଉଁ ତରୁଣୀର ସାନିଧ୍ୟର ଆଶା ଏପରିକି ବିବାହ ନକରିବାକୁ ଏକରକମ ନିଷ୍ପତ୍ତି ନେଇସାରିଥିବା ରାମଚନ୍ଦ୍ର ବାବୁ ପରିବାର ତଥା ପିତାମାତାଙ୍କୁ ନିରାଶ ନକରି ବିବାହ ମଧ୍ୟ କରିଥିଲେ କିନ୍ତୁ ସାଜିଥିଲେ ଜଣେ ପ୍ରଖ୍ୟାତ ସମାଜସେବୀ । ସମାଜ ସେବା ସହ ନିଜ ପରିବାରକୁ ମଧ୍ୟ ଭାବିଥିଲେ ସମାଜର ଏକ ଅଭିନ୍ନ ଅଂଶବିଶେଷ । ସମସ୍ତଙ୍କୁ ସୁଖୀ ତଥା ଖୁସି ରଖିବାର କରିଥିଲେ ସେହି ଅକଳ୍ପନୀୟ ପ୍ରୟାସ । କିନ୍ତୁ ନା ସବୁ ପ୍ରୟାସ ଯେ ସବୁବେଳେ ସଫଳ ହେବ ତଥା ବର୍ତ୍ତମାନର ସଫଳତା ଯେ ଭବିଷ୍ୟତରେ ବିଫଳତାର ଅୟମାରମ୍ଭ ନହେବ ତାହା କିଏ ବା ଜାଣେ ।

ଜୀବନର ନଦୀରେ ଦୁଇ ପାର୍ଶ୍ୱରେ ଥିବା ବନ୍ଧ ଉବୁଟୁବୁ ହେବାକୁ ଲାଗିଲା ରାମଚନ୍ଦ୍ର ବାବୁ ପ୍ରୌଢତ୍ୱରେ ପାଦ ଦେଲେ ତାଙ୍କ ସହ ପ୍ରୌଢତ୍ୱରେ ପାଦ ଦେଲେ ପତ୍ନୀ ଅହଲ୍ୟା ଦେବୀ ସତରେ ଆହଲ୍ୟା ଦେବୀ ରାମଚନ୍ଦ୍ର ବାବୁଙ୍କ ସାନିଧ୍ୟ ପାଇ ଯେପରି ପାଷାଣୀରୁ ଦେବୀ ପାଲଟି ଯାଇଥିଲେ କିନ୍ତୁ ଦୁର୍ଭାଗ୍ୟ ଶେଷ ପର୍ଯ୍ୟନ୍ତ ପତି ପରମେଶ୍ୱରଙ୍କ ସାଥୀ ହୋଇପାରିଲେ ନାହିଁ, ପ୍ରୌଢତ୍ୱର କିଛିବର୍ଷ ଅତିବାହିତ ହେବାପରେ ଅନ୍ତିମ ପ୍ରଣାମ ଜଣାଇ ଅହ୍ୟସୁଲକ୍ଷଣୀ ହୋଇ ଆରପାରିକୁ ଚାଲିଯାଇଥିଲେ ରାମଚନ୍ଦ୍ର ବାବୁଙ୍କଠୁଁ ଅନେକ ଦୂରକୁ ।

ସଂଯମୀ ରାମଚନ୍ଦ୍ର ବାବୁଙ୍କୁ ପତ୍ନୀ ବିୟୋଗ ବିଶେଷ ଦୁଃଖ ଦେଇ ନଥିଲା କାରଣ ଯୌବନରୁ ହିଁ ନିସଂଗତାକୁ ସେ କରିବାକୁ ଚାହଁଥିଲେ ନିଜର ସାଥୀ ତଥା ସଂଯମତାର ସହ ବିତାଇବାକୁ ଚାହୁଁଥିଲେ ପ୍ରତେକ କ୍ଷଣ ପ୍ରତ୍ୟେକ ମୁହୂର୍ତ୍ତ ଦିନ ଅବା ରାତି । କିନ୍ତୁ ଜୀବନ ଚକ୍ରରେ ପତ୍ନୀଙ୍କ ଆଗମନ ତଥା ସ୍ନେହ, ପ୍ରେମ, ଆନ୍ତରିକତା ତାଙ୍କ ଜୀବନରେ ଦେଇ କିଛି ସରସତା, ମଧୁର ଅନୁଭବ ଭରିଦେଇଥିଲା ତଥା ସତୀ ସାଧ୍ୱୀ ଅହଲ୍ୟା ଦେବୀଙ୍କ ସାନିଧ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେ ତାଙ୍କୁ ସମ୍ପୂର୍ଣ୍ଣତା ପ୍ରଦାନ କରିଥିଲା ତାହା ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ତଥା ବେଳେବେଳେ ଅନ୍ୟମନସ୍କ ହୋଇଯାଉଥିଲେ ।

କିନ୍ତୁ ପରିଶେଷରେ ଆସିଥିଲା ସେହି ଦୁର୍ବିସହ କ୍ଷଣ ଯାହା ତାଙ୍କୁ ଜୀବନ୍ତ ଶବରେ ପରିଣତ ହେବା ପାଇଁ ବାଧ୍ୟ କରିଥିଲା । ଦେଖଣାହାରୀ ଭାବୁଥିଲେ ଶବବତ୍ ବଞ୍ଚି ତାଙ୍କ ଜୀବନର ସରସତା ମଉଳି ଯାଇଛି ତଥା ସେ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି । କିନ୍ତୁ ବାସ୍ତବିକତା ଯେ କେବଳ ରାମଚନ୍ଦ୍ର ବାବୁଙ୍କୁ ଜଣାଥିଲେ ସେ ସତେ ଯେପରି ଶବ ରୁ ଶିବ ପାଲଟି ଯାଇଥିଲେ ।

କାଳଚକ୍ର ଘୂର୍ଣ୍ଣୟମାନ, ଆଜି ଯେ ରାଜା କାଲି ସେ ରଙ୍କ, ପୁଣି ସୁନ୍ଦର କମଳ ସୃଷ୍ଟି କରେ ସେହି ଅପଚ୍ଛ ପଙ୍କ । ଧୀରେ ଧୀରେ ବିକରାଳ ସମସ୍ୟା ଆସି ଛିଡା ହେଲା ସେହି ବ୍ୟକ୍ତିମାନଙ୍କ ସମ୍ମୁଖରେ ଯେଉଁ ମାନଙ୍କ ପାଇଁ ରାମଚନ୍ଦ୍ର ବାବୁ ପାଲଟିଥିଲେ ଜୀବନ୍ତ ଶବ, ସଦଳବଳେ ସଭିଏଁ ଫେରିଆସିଲେ ତାଙ୍କ ନିକଟକୁ ତାଙ୍କ ଠାରୁ ସେହି ଜ୍ଞାନ ଗର୍ଭକ ବାଣୀ ତଥା ଉପଦେଶ ଆଦି ଶୁଣିବା ପାଇଁ, କିନ୍ତୁ ସେତେବେଳକୁ ପ୍ରାୟ ବହୁ ଦିନ ବହୁ ବର୍ଷ ଅତିବାହିତ ହୋଇଯାଇଥାଏ ବାର୍ଦ୍ଧକ୍ୟର ଚରମ ସୀମାରେ ତଥା ମୃତ୍ୟୁର ଦ୍ୱାର ଦେଶରେ ଥା'ନ୍ତି ରାମଚନ୍ଦ୍ର ବାବୁ ଯେଉଁଠି କି କେବେନା କେବେ ସମସ୍ତଙ୍କୁ ପହଞ୍ଚିବାକୁ ହୁଏ । ଶେଷଥର ପାଇଁ ଆଖି ଆଗରେ ଦେଖିଲେ ଏକ ବିଶାଳ ଜନ ସମାଗମ, ସମସ୍ତଙ୍କ ନୟନରୁ ଅଜସ୍ର ଲୋତକ ଧାରା ସତେ ଯେପରି ତାଙ୍କର ପାଦ ଧୌତ କରିଦେଉଛି ଏବଂ ସଭିଙ୍କ ବିନମ୍ର ଅନୁରୋଧ - "ହେ ଜୀବନ୍ତ ଶବ ରୂପୀ ଶିବ କିଛି ତ କୁହନ୍ତୁ, ମୌନରୂପୀ ନିରବତା ଭଙ୍ଗ କରନ୍ତୁ ସତ୍ ପଥରେ ଅଗ୍ରସର ପାଇଁ କିଛି ତ ଉପଦେଶ ଦିଅନ୍ତୁ ।" ମନେ ମନେ ହସିଲେ ରାମଚନ୍ଦ୍ର ବାବୁ ସେହି ହସର କିଞ୍ଚିତ ଝଲକ ଓଠରେ ମଧ୍ୟ ଆସିଗଲା ବିଶାଳ ଜନ ସମାଗମଙ୍କ ମନରେ ଆଗ୍ରହ ଫୁଟି ଉଠିଲା । ସଭିଏଁ ଭାବିଲେ ସେ କିଛି କହିବେ କିନ୍ତୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହୂର୍ତ୍ତେ ମାତ୍ର ଉଠି ବସିବାକୁ ଚେଷ୍ଟାକରିବା ବେଳେ ନିଜ କୋଠରୀର ଥିବା ଏକ ବିଶାଳ ଆଲମୀରାକୁ ଇଙ୍ଗିତ କରି ହଠାତ୍ ଟଳି ପଡିଲେ ରାମଚନ୍ଦ୍ର ବାବୁ ଏବଂ ତାଙ୍କର ଶୁଦ୍ଧ ଆତ୍ମା ଶରୀର ତ୍ୟାଗକରି ପରମାତ୍ମାଙ୍କ ସହ ଲୀନ ହେବାପାଇଁ ଚାଲିଗଲା ।

ଚାରିଆଡେ ଶୁଭିଲା ଏକ ବିକରାଳ କ୍ରନ୍ଦନ ଧ୍ୱନି ଯାହା ଗଗନ ପବନ ପ୍ରକମ୍ପିତ କଲା କେହି ନିଜକୁ ବିଶ୍ୱାସ କରି ପାରୁନଥିଲେ ସତରେ କ'ଣ ସଭିଙ୍କ ଗହଣରୁ ଜଣେ ମହାତ୍ମା ଚାଲିଗଲେ । କିଛି ଲୋକମାନେ ଅଗତ୍ୟା ସେହି ବଡ ଆଲମୀରାକୁ ଯାଇ ଖୋଲିଲେ । ତାହା ଭିତରେ ଯାହା ଦେଖିଲେ ସଭିଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ସେହି ଆଲମୀରା ମଧ୍ୟରେ ଥିଲା ଅନେକ ପୁସ୍ତକ । ଏବଂ ଅନେକ ରାମଚନ୍ଦ୍ର ବାବୁଙ୍କ ସ୍ୱହସ୍ତଲିଖିତ ପାଣ୍ଡୁଲିପି, ଯେଉଁଥିରେ ଅନେକ ସମସ୍ୟାର ସମାଧାନ ତଥା ତାଙ୍କ ଜୀବନର ତିକ୍ତ ଓ ମଧୁର ଅନୁଭୂତି ଓ ସେଥିରୁ ମିଳିଥିବା ଶିକ୍ଷା ଲିପିବଦ୍ଧ ହୋଇଥିଲା ।

ସବୁକିଛି ମିଳିଯାଇଥିଲା ସେହି ବ୍ୟକ୍ତି ମାନଙ୍କୁ କିନ୍ତୁ ମିଳି ନଥିଲେ ରାମଚନ୍ଦ୍ର ବାବୁ ତଥା ତାଙ୍କ ମୁଖର ସେହି ପ୍ରତ୍ୟକ୍ଷ କଥନ, କେବଳ ମୃତ୍ୟୁ ପରେବି ସେହି ସ୍ମିତହାସ୍ୟ ତାସ୍ଛଲ୍ୟ କରି ସତେ ଯେପରି କହୁଥିଲା- "ଶବ କ'ଣ କେବେ କଥା କହେ ? ତାହା ମୃତ ହେଉ ବା ପୁଣି ହେଉ ଜୀବନ୍ତ ଶବ ।"

ଏନ୍-୫/୧୫୪, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ,
ଜୟଦେବ ବିହାର, ଭୁବନେଶ୍ୱର
୭୫୧୦୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଏକ ଟେଲିଫୋନ୍ କଲ୍



ଆଶୁତୋଷ ମେହେର

ଚଣ୍ଡିଗଡ ସହର ଦେଖିବାର ସୁଯୋଗ ଆଉ ଥରେ ଯୁଟିଲା ବନ୍ଧୁ ଶ୍ରୀକାନ୍ତଙ୍କ ନିମନ୍ତ୍ରଣରୁ । ସେଠିକାର ଏଆର୍ ଫୋର୍ସ ଷ୍ଟେସନରେ, ସେ ଗତ ଛଅ ମାସ ତଳେ ବଦଳି ଆସିଛନ୍ତି, କ୍ୱାଟର୍ ପାଇଛନ୍ତି ସେକ୍ଟର ୩୧ରେ ।

କହିରଖେ ଚଣ୍ଡିଗଡସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଦୁଇବର୍ଷ ସ୍ନାତକୋତ୍ତର ପାଠ ଓ ତା ପରେ ପିଏଚଡି ଗବେଷଣା,ଏପରି ମୋଟ ପାଞ୍ଚ ବର୍ଷ ର ରହଣୀରେ ଏ ସହରକୁ ବହୁତ ପାଖରୁ ଦେଖିବାର ସୁଯୋଗ ଯୁଟିଥିଲା ମୋ ଭାଗ୍ୟରେ । ସୁନ୍ଦର ଭାବେ ପରିକଳ୍ପିତ ଏ ସହରରେ ରହିବା ମଜା ସତରେ ନିଆରା । ସବୁଜବଳୟରେ ଭର୍ତ୍ତି ସେକ୍ଟର ଗୁଡିକ, ଏହାର ବିସ୍ତାରିତ ମଧ୍ୟ-ମାର୍ଗ, ସେକ୍ଟର ଗୁଡିକର ମିଳନଛକରେ ସୁନ୍ଦର ଗୋଲାଇ ବଗିଚା, ସେକ୍ଟର ୧୬ ର ରୋଜ୍ ଗାର୍ଡେନ୍ ଆଉ ସେକ୍ଟର ୧୭ ର ବଡବଡ ଦୋକାନ, ସୁଖନା ଝିଲ୍ ତଥା ରକ୍ ଗାର୍ଡେନ୍....ଏମିତି ଆହୁର ଅନେକ କିଛି, ଏ ସହରର ମୁଖ୍ୟ ଆକର୍ଷଣ । ଆଉ ଏ ସବୁକୁ ଆଉଥରେ ପରଖିବାକୁ ମୋତେ ବାଧ୍ୟ କରିଥିଲେ ବନ୍ଧୁ ଶ୍ରୀକାନ୍ତଙ୍କ ଅନୁରୋଧ ନ ଟାଳିବାକୁ ।

ତେଣୁ ସୁଯୋଗ ଯୁଟାଇ ମୁଁ ପହଞ୍ଚି ଯାଇଥିଲି ବନ୍ଧୁଙ୍କ ପାଖରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀକାନ୍ତ ସବୁ ବେଳେ ଏକା ,ଦେଶ ସେବାରେ ରହି ଅବିବାହିତ ସେ ।

ପହଞ୍ଚିବାର ପର ଦିନ ସକାଳୁ ସକାଳୁ ଆମେ ଦୁହେଁ ବାହାରି ପଡିଲୁ ସକାଳର ପରିଭ୍ରମଣରେ । ଚଣ୍ଡିଗଡ ର ସିଧା ଚଉଡା ରାସ୍ତା ସବୁବେଳେ ଶାନ୍ତ ସରଳ ବିଶେଷ କରି ସକାଳ ସମୟରେ । ବନ୍ଧୁଙ୍କ କଥାରେ ଆମେ ଦୁହେଁ ପହଞ୍ଚିଲୁ ଯାଇ ମାର୍କେଟ ର ଗୋଟାଏ ଚା ଦୋକାନ ଆଗରେ । ଚା ଅର୍ଡର କରି ଚେଆର୍ ରେ ବସିଛୁ ଆମ ପାଖକୁ ଆସି ଠିଆ ହେଲେ ଅଶୀତିପର ଜଣେ ପଞ୍ଜାବୀ ବୃଦ୍ଧ । ମୁଣ୍ଡରେ ପଗଡି ହାତରେ ବାଡି...ନିଜ ପଞ୍ଜାବୀ-ହିନ୍ଦୀ ମିଶା ଭାଷାରେ କହିଲେ ...." ବେଟା ଶୀକାନ୍ତ... ଦେଖ ତ ରାମୁଁର ପିସିଓ ଦୋକାନ ଖୋଲା ଅଛିକି ? ଆଜି ପରା ବୁଧବାର, ଆଉ ବୁଧବାର ସକାଳ ଆଠଟାରେ ମୋର ଟେଲିଫୋନ୍ କଲ୍ ଆସିବା କଥା ରବିନ୍ଦର୍ ପାଖରୁ ।"

ଏ ମୋବାଇଲ ଯୁଗରେ ପିସିଓ ଦୋକାନ, ମୋତେ କେମିତି ଅବାଗିଆ ଲାଗିଲା । କିଛି କହିବା ପୂର୍ବରୁ ଅନୁଭବ କଲି ବନ୍ଧୁ ମୋତେ ହାତ ମାରି ଇସାରା କଲେ କିଛି ନ କହିବାକୁ । ହିନ୍ଦୀରେ ଉତ୍ତର ଦେଲେ.... "ନାହିଁ ମଉସା...ଆଜି ବି ଖୋଲିନି । ରାମୁଁ ତ ମୋତେ କହୁଥିଲା ତା ଶଶୁର ଗାଁରେ କାହାର ଗୋଟେ ସାଦି ଅଛି । ସେଇଠି ଯାଇଥିବ ବୋଧେ । ସପ୍ତାହ ଟେ ଲାଗିବ ଫେରିବାକୁ ନିଶ୍ଚୟ ।"

...."ହଉ ବେଟା,ତେବେ ମୁଁ ଫେରି ଯାଉଛି ।"

....."ଚା ପିଇକି ଯାଆନ୍ତୁ ମଉସା"

...."ନାହିଁ ବେଟା... ମତେ ଶୀଘ୍ର ଫେରିବାକୁ ହେବ । ନୋହିଲେ ତେଣେ ତୋ ମାଉସୀ ମୋତେ ଖୋଜି ଖୋଜି ବିରକ୍ତ ହୋଇ ଏଇଠି ପହଞ୍ଚିଯିବ ଯେ !! ତୋ ଉପରକୁ ପାଟି କରିବ ବିନା କାରଣରେ ।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୃଦ୍ଧ ଜଣକ ଧୀରେ ଧୀରେ ବାଡି ଠୁକଠୁକ କରି କଲୋନୀ ଭିତର ରାସ୍ତାରେ ପଶିଗଲେ ।

ଦୋକାନୀ ଦୁଇ କପ୍ ଚା ଦେଇସାରିଥିଲା । ମୋ ମନ ଭିତରେ ଓ ମୁହଁରେ ଅନେକ ପ୍ରଶ୍ନବାଚୀ । ବନ୍ଧୁ ବୁଝି ପାରିଥିଲେ ତେଣୁ ଚା କପ୍ ଟା ଉଠାଉ ଉଠାଉ କହିଲେ... "ଏ ବୃଦ୍ଧ ଜଣକ ହେଲେ ସୁବେଦାର୍ ସତନାମ୍ ସିଂ, ଚଣ୍ଡିଗଡ ପାଖ ପଞ୍ଜାବର ଏକ ଗାଁରେ ଜନ୍ମ । ପଦାତିକ ସେନା ବାହିନୀରେ ଯୋଗ ଦେଇ ଚାଳିଶ ବର୍ଷ ଧରି କାମ କରି ଏବେ ସେବାନିବୃତ ହୋଇ ଏଇ ସେକ୍ଟରରେ ସରକାର ଦେଇଥିବା ଘରେ ରହନ୍ତି ନିଜ ପତ୍ନି ଓ ତିନି ବିଧବା ବୋହୁଙ୍କ ସହ । ତା ପରେ ତାଙ୍କର ବଡ ପୁଅର ଝିଅ..ବଡ ନାତୁଣୀ ସେନାବାହିନୀରେ ଡାକ୍ତର, ମଝିଆଁ ପୁଅର ପୁଅ.. ନାତି ବାୟୁସେନାରେ ପାଇଲଟ । ସେମାନେ ନଜି ନିଜ କର୍ମକ୍ଷେତ୍ରରେ ।"

....."ତିନି ତିନି ଟା ବିଧବା ବୋହୁ ?ପୁଅ ସବୁ ଗଲେ କୁଆଡେ ?"

....."ସାଙ୍ଗ,....ଏ ପରା ପଞ୍ଜାବର ମାଟି । ପ୍ରତି ଘରୁ ଦୁଇ ତିନି ଜଣ ସେନାରେ ଯୋଗ ଦେବେ ହିଁ ଦେବେ । ଆଉ ସେନାରେ କେତେବେଳେ ଜଣେ ଶହୀଦ ହେବ ଭଗବାନଙ୍କୁ ଜଣା । ସତନାମ୍ ସିଂ ବି ତାଙ୍କର ତିନି ପୁଅଙ୍କୁ ସେନା ରେ ଭର୍ତ୍ତି କରିଥିଲେ । ବଡ ଦୁଇ ପୁଅ ଥିଲେ ବିଏସଏଫରେ । ବିଭିନ୍ନ ସୀମାରେ ଶତ୍ରୁ ଗୁଳିରେ ଶହୀଦ ହୋଇଗଲେ ଘଟଣାଚକ୍ରରେ । ସେ ସମୟରେ ସତନାମ୍ ସିଂ ସେନା ଚାକିରୀରେ ଥିଲେ,ତେଣୁ ସେ ଦୁଃଖକୁ ସହ୍ୟ କରିଗଲେ କୌଣସି ମତେ । ହେଲେ ଅବସର ନେବାର ଦୁଇ ବର୍ଷ ପରେ ତାଙ୍କର ସାନପୁଅ ରବିନ୍ଦର୍ ଯେ ବାୟୁସେନାରେ ପାଇଲଟ ଥିଲା ସେ ବି ଶହୀଦ ହୋଇଗଲା ଶତ୍ରୁ ପକ୍ଷର ବିମାନକୁ ଘଉଡାଇବା ସମୟରେ । ଯେଉଁ ଖବରକୁ ସେ ସହ୍ୟ କରି ନ ପାରି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନସିକବିଷାଦଗ୍ରସ୍ତ ହୋଇଗଲେ । ସାମରିକ ଡାକ୍ତରଖାନା ଚିକିତ୍ସାରେ ସାମାନ୍ୟ ଠିକ୍ ହେଲା ପରେ ଏଇମିତି ବେଳେ ବେଳେ ବିଶେଷ କରି ବୁଧବାର ଦିନି ମାର୍କେଟ୍ କୁ ଆସି ଲୋକଙ୍କୁ ପିସିଓ ଓ ଟେଲିଫୋନ କଥା ପଚାରନ୍ତି । ସେ ରିଟାୟାର୍ଡ କଲା ବେଳକୁ ତାଙ୍କ ସାନ ପୁଅ ପ୍ରତି ସପ୍ତାହ ବୁଧବାର ଦିନ ଟେଲିଫୋନ କରୁଥିଲା ତାଙ୍କ ଘର ପାଖ ଏଇ ପିସିଓ ନମ୍ବରରେ । ସେଇଟା ତାଙ୍କ ମନ ଭିତରେ ସେମିତି ଛାପି ହୋଇ ରହିଯାଇଛି । ତେଣୁ ସେ ପିସିଓ ଓ ପୁଅର ଟେଲିଫୋନ କଲ୍ କଥା ପଚାରନ୍ତି ଯାହାକୁ ଭେଟନ୍ତି ମାର୍କେଟ୍ ରେ ବିଶେଷ କରି ବୁଧବାର ଦିନ । ଏ ଏରିଆର ସମସ୍ତେ ତାଙ୍କ କଥା ଜାଣିଛନ୍ତି, ତେଣୁ କିଛି ଗୋଟାଏ ବାହାନା କରି ତାଙ୍କୁ ଘରକୁ ଫେରାଇ ଦିଅନ୍ତି । ସେ ବି ଚୁପଚାପ୍ ବୁଝିଲା ପରି ଫେରି ଯାଆନ୍ତି ଘରକୁ ।"

ଆମ ଦୁଇ ବନ୍ଧୁଙ୍କ ସକାଳର ଚା ପାନ ସରିଯାଇଥିଲା । ଫେରିଲୁ ଘରକୁ ।

****

ଦୁଇ ସପ୍ତାହ ସମୟ ପାଖାପାଖି ବନ୍ଧୁ ଶ୍ରୀକାନ୍ତ ଓ ପୁରୁଣା ସହର ଚଣ୍ଡିଗଡରେ ବୁଲିବାର ମଜା ନେଇ ମୁଁ ଫେରି ଆସିଲି ମୋ ନିଜ ସହର ଭୁବନେଶ୍ୱର କୁ । ଚଣ୍ଡୀଗଡ ରୁ ନିଜ କାରରେ ବନ୍ଧୁ ଶ୍ରୀକାନ୍ତ ଛାଡି ଦେଇଥିଲେ ନୂଆଁଦିଲ୍ଲୀ ରେ ଭୋର୍ ପାଞ୍ଚଟା ବିମାନ ଧରିବାକୁ ।

ଭୂବନେଶ୍ୱର ବିମାନବନ୍ଦରରେ ଜିନିଷପତ୍ର ବୁଲନ୍ତା ରେକ୍ ପାଖରେ ଲଗେଜକୁ ଅପେକ୍ଷା ବେଳେ ମୋ ନଜର ଟାଣି ହୋଇଗଲା କାନ୍ଥର ଏଲଇଡି ଟେଲିଭିଜନ ପର୍ଦ୍ଦା ଉପରକୁ । ଦାଉଦାଉ ହେଉଥିଲା ଲେଖା... ସ୍ୱାଗତଂ ଭୂବନେଶ୍ୱରକୁ । ଆଜି ବୁଧବାର... ସମୟ ଦିନ ଆଠ ଟା....

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆରେ ମୋ ମନେ ପଡିଗଲେ ସୁବେଦାର ସତନାମ୍ ସିଂ...ହୁଏତ ଚଣ୍ଡିଗଡ ସେକ୍ଟର ୩୧ ମାର୍କେଟ୍ ର ସେ ପହଞ୍ଚିଥିବେ ଏବେ..... ତାଙ୍କର ସାନ ପୁଅ ପାଖରୁ ଆସୁନଥିବା ସେଇ ଏକ ଟେଲିଫୋନ୍ କଲ୍ ଆଶାରେ... ! !

ମନେ ମନେ ମୁଁ ମୁଣ୍ଡ ନୁଆଁଉଥିଲି ସତନାମ୍ ସିଂ ଙ୍କ ଶୁଭକାମନା କରି !!!

୫୪, ଆର୍ଯ୍ୟପଲ୍ଲୀ
କିଟଛକ ,ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରଙ୍ଗ ଖେଳରେ ଭାଙ୍ଗ



ଲିମନ୍

୨୦୧୩ ମସିହା କଥା । ହୋଲି ପର୍ବ ସୋମବାର ପଡିଥାଏ । ସେହି ସମୟରେ ମୋର ସୋମବାର ବ୍ରତ ଚାଲିଥାଏ । ତେଣୁ ସେଦିନ ମୋର ଉପବାସ । ବେଶି କିଛି ଖାଏନା । ଲେମ୍ବୁ ସର୍ବତ ଦୁଇ ତିନି ଥର ହେଲେ ଯଥେଷ୍ଟ । ଅତି ଅସହ୍ୟ ହେଲେ ଦି'ଟା ବିସ୍କୁଟ ପାଟିରେ ପକାଇଦିଏ । ତେଣୁ ପ୍ରତ୍ୟେକ ସୋମବାର ଉପବାସ ହେତୁ ବେଶି ପରିଶ୍ରମ କରେନି; ଶରୀରକୁ ବିଶ୍ରାମ ଦିଏ, କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି । କିନ୍ତୁ ହୋଲି ଦିନ ନିସ୍ତାର ନାହିଁ । ହଷ୍ଟେଲରେ କେବଳ ଆମ ବ୍ୟାଚ୍ ପିଲା ରହୁଥାଉ । ଉପର ବ୍ୟାଚ୍ ଦିଦି ଭାଇମାନେ ପରୀକ୍ଷା ଯୋଗୁଁ ଘରକୁ ପଳେଇ ଯାଇଥିଲେ । ନୂତନ ପାଠ୍ୟକ୍ରମ ଯୋଗୁଁ ନୂଆ ପିଲା ମଧ୍ୟ ଆସିନଥିଲେ । ତେଣୁ ଆମ ବ୍ୟାଚ୍ ସର୍ବେସର୍ବା ଏବଂ ନିଆରା । ତେଣୁ ଯାହା ଇଚ୍ଛା ସେୟା ହୁଏ । ହେଲେ ଗୋଟିଏ ଅଡୁଆ ଗଣ୍ଠି ଥିଲି ମୁଁ....ଯେହେତୁ ହଷ୍ଟେଲ ପ୍ରେସିଡେଣ୍ଟ... ଟିକେ ଅଧିକ ଷ୍ଟ୍ରିକ୍ଟ ଥିଲି ।

ସେଦିନ ମନ୍ଦିରରୁ ଆସି ପାଣି ପିଇ ଶୋଇଥାଏ ସକାଳ ୯ଟାରେ ଖାଇବା ବେଲ୍ ବଜେଇ ଦେଇ । ସାଙ୍ଗମାନେ ଖିଆପିଆ ସାରି ମୋତେ ଉଠେଇଲେ ଏବଂ ହୋଲି ଖେଳିବାକୁ କହିଲେ । ମନରେ ସଙ୍କା ପଶିଲା , ଏଣେ ସାଙ୍ଗମାନଙ୍କ କଥା ଟାଳି ନୋହିଲା । ହେଲେ ଖାଲି ରଙ୍ଗରେ କ'ଣ ହୋଲି ହେବ । ରଙ୍ଗ ସାଙ୍ଗକୁ ଗୀତ ନାଚ ଟିକେ ଦରକାର ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ସାଙ୍ଗଙ୍କୁ ପଣା ଟିକେ ଦରକାର... ହେଲେ ଏଇ ସାଙ୍ଗେ ସାଙ୍ଗେ କ'ଣ କେମିତି କରିବା । ତେଣୁ ମେସ୍ ମ୍ୟାନେଜରଙ୍କୁ କହି ମେସ୍ ଟଙ୍କାରେ ପୁଅପିଲାଙ୍କ ହାତରେ ସବୁ ମଗେଇଦେଲୁ । ସମସ୍ତେ ଚାତକ ପରି ଚାହିଁଥା'ନ୍ତି ପୁଅପିଲାଗୁଡା କେତେବେଳେ ଫେରିବେ । ସେମାନଙ୍କ ଫେରିବା ଭିତରେ ହଷ୍ଟେଲରେ ଥିବା ଛୋଟିଆ ଡେଗ୍ ପ୍ରସ୍ତୁତ ହୋଇସାରିଥିଲା । ଫୋନ୍ ପାଇଁ ହଷ୍ଟେଲରେ ଅନୁମତି ନଥିଲା । ତେଣୁ ଯେଉଁମାନେ ଆଣୁଥିଲେ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ପାଖରେ ରଖୁଥିଲେ । କେବଳ ରବିବାର ଆଣି ପାରିବେ । ସେଦିନ ସୋମବାର ଥିଲେ ମଧ୍ୟ ଗୀତ ଲଗାଇବା ପାଇଁ ନେଇ ଆସିଲେ । ରଙ୍ଗ ପହଞ୍ଚି ଯାଇଥାଏ । ଗୀତ ଲାଗିବା ଆରମ୍ଭ ହୋଇଗଲା । ଯେଉଁମାନଙ୍କୁ ପଣା ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଗଲା ସେମାନେ ଲାଗିଗଲେ । ପଣା ପାଇଁ ପାଣି ଦରକାର । ବାଲଟିରେ ବୋହାଗଲା । ମୁଁ ବି ଗୋଟେ ବାଲଟି ବୋହିଛି । ବଡ ଡେକଚିରେ ପ୍ରସ୍ତୁତି ହେବ ପଣା । ମୋତେ କିଛି କାମ କରି ଆସେନା ସିନା କାମ ତଦାରଖ କରିବାରେ ମୁଁ ଧୁରନ୍ଧର । ହଷ୍ଟେଲ ଡାଇନିଂ ରୁମରେ ପଣା ପ୍ରସ୍ତୁତି କେମିତି କ'ଣ ହେବ କହୁଥିଲି । ସାଙ୍ଗମାନେ ଆସିଲେ ରଙ୍ଗ ଲଗାଇବାକୁ । ପଣା ଖରାପ ହେବ ବୋଲି ମନା କରିଦେଲି । ପଣାରେ ଚିନି ଭିଜିବା ପାଇଁ ସମୟ ଲାଗିବ । ସେହି ସମୟ ଭିତରେ ପଣାର ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ କହି ଦେଇ ମୁଁ ବାହାରକୁ ପଳେଇ ଆସିଲି । ଓପାସ ହେତୁ ଟିକେ କଷ୍ଟ ଲାଗୁଥାଏ । ରଙ୍ଗ ଖେଳିବା ପାଇଁ ଯେତିକି ମନ ହେଉଥାଏ ପାଦଟା ସେତିକି ରୁମ୍ ଆଡକୁ ଯାଉଥାଏ ଟିକେ ଗଡିପଡିବାକୁ । ହେଲେ ଫୁରସତ ଦେଉଛି କିଏ .....? ବାହାରକୁ ଆ ବୋଲି ସବୁ ଡାକିଲେ । ମୁଁ ଗେଟ୍ ଖୋଲି ବାହାରକୁ ଯାଇଛି ତ...; ଶୃଗାଳକୁ ସିଂହପଲ ଆକ୍ରମଣ କରିବା ପରି ସବୁ ମୋ ଉପରେ ଝାମ୍ପି ପଡି ରଙ୍ଗ ଲଗାଇଦେଲେ । ମୁଁ ନୀଳ ବର୍ଣ୍ଣ ନୁହେଁ ସର୍ବବର୍ଣ୍ଣ ଶୃଗାଳ ପାଲଟିଗଲି । ସରିଲା । ଆଉ କି ଶୋଇବି । ସମସ୍ତେ ବାଧ୍ୟ କଲେ ନାଚିବା ପାଇଁ । ମୋତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତ ବରଯାତ୍ରୀ ନାଚ ଛଡା କିଛି ଆସେନା । ତଥାପି ସାଙ୍ଗମାନଙ୍କ ମେଳରେ ସେତିକି ବହୁତ । ବନ୍ଦନା ତା'ଫୋନରେ ଦଣ୍ଡ ଗୀତ ଲଗାଇଲା । କାଳେ ବାହାରକୁ ଶୁଣାଯିବ, ଟିକେ ଶବ୍ଦ କମାଇଦେଲା । ଗୀତ ଅନୁସାରେ ମୁଁ ଆଉ ବନ୍ଦନା ନାଚିବାରେ ମାତିଗଲୁ । ସାଙ୍ଗମାନଙ୍କ ହସ କହିଲେ ନସରେ । ସେତେବେଳକୁ କିଏ ଜଣେ ଆସି କହିଲା ପଣାରେ ଆଉ ବାଲଟିଏ ପାଣି ନମିଶାଇଲେ ପାଇବନି । ସରିତା ଧାଇଁଗଲା ଆଣିବାକୁ । ସେହି ପାଣି ଆଣିବା ଭିତରେ ତା' ମୁଣ୍ଡକୁ ଭଲ ବୁଦ୍ଧି କି ମନ୍ଦ ବୁଦ୍ଧି ଆସିଲା ଜାଣିନି - ପଣା ପାଇଁ ପାଣି ଦେଇ ସାରି ଆଉ ବାଲଟିଏ ରଙ୍ଗ ମିଶା ପାଣି ଆଣି ମୋ ଉପରକୁ ଫୋପାଡି ଦେଲା । ବନ୍ଦନା ଦେଖି ଦୂରେଇ ଯାଇଥାଏ । ମୁଁ ସମ୍ପୂର୍ଣ୍ଣ ରଙ୍ଗ ପାଣିରେ ସରସର । ସାଙ୍ଗମାନେ ବି ମୋତେ ଜୋକର ବନେଇ ଥଟ୍ଟା ଲାଗିବାରେ ଧୁରନ୍ଧର । ମୋତେ ବି ଆନନ୍ଦ ମିଳେ ସାଙ୍ଗମାନଙ୍କ ଖୁସିରେ । ତେଣୁ ସରିତା ସହ ମିଶି ଆଉ ଦୁଇଜଣ କିଏ ମିଶି ଆଉ ଦୁଇ ବାଲଟି ରଙ୍ଗ ପାଣି ମୋ ଉପରକୁ ଫୋପାଡି ଦେଲେ । ହଷ୍ଟେଲ ସାରା ଚହଳ ପଡିଗଲା ଆସ ଦେଖିବ ଲିମନକୁ । ଯେଉଁମାନେ ଗାଧୁଆପାଧୁଆ କରିବା ପାଇଁ ଯାଇଥିଲେ, ସବୁ ଏକାଠି ହୋଇ ହସିଉଠିଲେ । ମୁଁ କିନ୍ତୁ ବେହାଲ୍ । ଓପାସକୁ ଓଦା ସରସର । ଖେଳ ସେତିକିରେ ବନ୍ଦ ।

ଆସିଲା ପଣା ପାଳି । ସମସ୍ତେ ନିଜ ନିଜ ଭାଗ ନେଇ ପିଇଲେ । ସୁମି ଆମର ନାକ ଚିପି କି ପଳେଇଲା । ତାକୁ ଦହି କୁଆଡେ ଭଲ ଲାଗେନା । ଆମ ହଷ୍ଟେଲ ଆଗରେ ଗୋଟେ ଓଉ ଗଛ ଅଛି । ତା'ତଳେ ଗୋଟେ ପିଣ୍ଡି । ମୁଁ ଯାଇ ସେଇଠି ବସିଛି ହାଲିଆ ହୋଇ । ସେତେବେଳକୁ ୧:୩୦ ହୋଇଗଲାଣି । କିନ୍ତୁ କାହାର ଗାଧୁଆ ପାଧୁଆ ସରିନଥାଏ । ତେଣୁ ଖାଇବା ବେଲ ନଦିଆଯାଇ କୁହାଗଲା ଯେ ଯାହାର କାମ ସରିଗଲାଣି ସେ ଯାଇ ଖାଇବା ନେଇ ଆସୁ । ସେତେବେଳକୁ ଆମ ମେସରେ ଆମର ମଦନ ସାର୍ ଖାଉଥା'ନ୍ତି । ସମୟ ହେବାରୁ ସାର୍ ଆସି ସ୍କୁଲ ଆଗରେ ଛିଡା ହୋଇ ଆମମାନଙ୍କୁ ଦେଖୁଥା'ନ୍ତି । ସ୍କୁଲ ଏବଂ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆମ ହଷ୍ଟେଲ ଗୋଟିଏ ପରିସର ମଧ୍ୟରେ । ମୁଁ କହିଲି ସାରଙ୍କୁ ନେଇ ପଣା ଦେବା ପାଇଁ । ସାରଙ୍କୁ ନେଇ ଦେବା ଭିତରେ ମୋତେ କିଏ ଗୋଟେ ଗିଲାସ ପଣା ଧରେଇ ଦେଇଛି । ମୁଁ ନାଚି ନାଚି ଆଉ ଆୟତ୍ତରେ ନଥାଏ । ପୁଣି ଓପାସ ଆଉ ଓଦା । ଏଣେ ପେଟ ପୁରା ଖାଲି । ଯେମିତି ପଣା ଗିଲାସେ ପିଇଛି ସେହି ବସିବା ଜାଗାରେ ଟିକେ ଚହଲିଗଲି । ତା'ଭିତରେ ସାରଙ୍କ ହାତରେ ପଣା ଗିଲାସ ଥାଏ । ମୋ ପାଦଟା ଟିକେ ଅଣଆୟତ୍ତ ହୋଇ ଫୁଲ କୁଣ୍ଡ ଉପରକୁ ଯାଇଛି ଏବଂ ଫୁଲ କୁଣ୍ଡଟି ମଧ୍ୟ ଆୟତ୍ତ ବାହାରକୁ ଯାଇ ଖସିପଡିଛି । ମୋର ହସ ଅସମ୍ଭାଳ । ଏସବୁକୁ ଲକ୍ଷ୍ୟ କରୁଥା'ନ୍ତି ସାର୍ । ସାର୍ ତାଙ୍କ ଶୈଳୀରେ ପଚାରିଲେ "କ'ଣ କିରେ, ଏଥିରେ କିଛି ମିଶିଛି କି ?" ପିଲାମାନେ କହିଲେ, "ନା ! ସାର୍, କିଛି ନାହିଁ ଆମେ ସମସ୍ତେ ପିଇଛୁ ।" ସାର୍ କହିଲେ, "ତା'ହେଲେ ରୋଜାଲିନ (ମୋ ଆଡକୁ ଆଖିରେ ଠାରି) ଏମିତି କ'ଣ ହେଉଛି; ଡାକିଲ ତାକୁ ।" ମୁଁ ଉଠିଲା ବେଳକୁ ବି ଟଳମଳ ହୋଇ ଉଠି କି ଗଲି । ସାର୍ କହୁଥାନ୍ତି, "ନା, ନା, ମୁଁ ପିଇବିନି ।" ମୁଁ ଯାଇ ଆଉ ଥରେ ପାଦ ଛୁଇଁ ପ୍ରଣାମ କରୁ କରୁ ସାର୍ ପଚାରିଲେଣି "କ'ଣ କିରେ ! ସବୁ ଠିକ୍ ଠାକ୍ ତ ?" ମୁଁ ବି ସେହି ପ୍ରଣାମ କରିବା ସହିତ "ଆଜ୍ଞା ସାର୍" ।

"କିଛି ନାହିଁ ସାର୍, ଆପଣ ପିଅନ୍ତୁ" - ଏଇ ପଦ ପ୍ରମାଣୋକ୍ତି ମୋଠୁ ଶୁଣିବା ପରେ ସାର୍ ପଣା ପିଇଲେ..........

ସେଦିନର ସ୍ମୃତିରେ ଭିଜୁଥିବା

ଢେଙ୍କାନାଳ, ଦୂରଭାଷ- ୭୮୯୪୫୮୫୭୦୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପେନ୍ କିଲର୍



ରୋଜାଲିନି ମିଶ୍ର

__ ମୁଣ୍ଡ ବିନ୍ଧା କମିଲା ?

__ ନା .... କମିନି ...

__ କି ଆଶ୍ଚର୍ଯ୍ୟ କଥା !!! ଦିନ ଦୁଇଟାରୁ ପେନ୍ କିଲର ଖାଇଲଣି ... ଏ ଯାଏ କମିନି ତୁମର ?

__ କହିଲି ପରା କମିନି ବୋଲି । ଓଡ଼ିଆରେ କହିଲେ ବୁଝିପାରୁନ କି ? ମୋତେ ବିରକ୍ତ କରି ମୋ ବ୍ଲଡ଼ ପ୍ରେସର ବଢାଅନା କହିଦଉଛି । ଲାଇଟ ଲିଭେଇ ଯାଅ ଏ ରୁମ୍ ରୁ ତୁମେ । ମୋ ସହ ଗଜର ଗଜର ନ ହୋଇ ମୋତେ ଏକୁଟିଆ ରହିବାକୁ ଦିଅ ଟିକେ ।

ଅଗତ୍ୟା ଲାଇଟ ଲିଭେଇ ସେ ରୁମ୍ ରୁ ବାହାରି ଆସିବାକୁ ଉଚିତ ମଣିଲେ ନିରାକାର ବାବୁ । ଯାଇ ବସିଲେ ଲନ୍‌ରେ ଚେୟାର ପକେଇ । ଭାବିଲେ ବସି ... ଘଟଣାଟା କ'ଣ ହୋଇପାରେ ? ? ସକାଳେ ତ ସବୁ ଠିକ୍ ଠାକ୍ ଥିଲା । ଆଉ ଚାରିଦିନପରେ କଲୋନୀରେ ନିୟୁ ଇଅର ପାର୍ଟି ସେଲେବ୍ରେସନ ହେବାର ଅଛି ବୋଲି କଲୋନୀ ମାହୋଲ ବର୍ତ୍ତମାନ ସରଗରମ । ବିଶେଷ କରି କଲୋନୀ ସ୍ତ୍ରୀ ଲୋକମାନେ ବହୁତ ଏକ୍ସାଇଟେଡ଼ । ଏ ବର୍ଷ ନୂଆ କରି ଫ୍ୟାଶନ ଶୋ ପ୍ରତିଯୋଗିତା ହେବ କଲୋନୀର ମହିଳା ମାନଙ୍କ ଭିତରେ । ସେଥିପାଇଁ ସମସ୍ତେ ଉତ୍କଣ୍ଠିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ଅପେକ୍ଷାରତ ।

ଆଜି ତ ସକାଳୁ ଅନିମା ଏଇ ଶାଢ଼ୀଟା ପିନ୍ଧିବି, ସେଇ ମ୍ୟାଚିଙ୍ଗ ଜୁଏଲରୀଟା ଲଗେଇବି, ଏମିତି ହେୟାର ଷ୍ଟାଇଲ କରିବି କହି କହି କୁରୁଳି ଯାଉଥିଲା ପୁରା ... ହଠାତ କ'ଣ ହେଲା ?

ବହୁତ ଭାବିଚିନ୍ତି ନିରାକାର ବାବୁ ଡାକ ପକେଇଲେ ପୁଅ ବବଲୁକୁ । ପଚାରିଲେ, "ବବଲୁ... ତୁ ମାମାକୁ ଆଜି ବହୁତ ବିରକ୍ତ କରିଛୁ ନା ? ସତ କହ .. । ସେ ତୋ ଉପରେ ଚିଡିଯାଇ ବହୁତ ଚିଲ୍ଲେଇଛି ନିଶ୍ଚୟ । ସେଥିପାଇଁ ତୋ ମାମାର ମୁଣ୍ଡ ବିନ୍ଧୁଛି ବୋଧେ ।

__ ନାଇଁ ପାପା... ମୁଁ କ'ଣ ପାଇଁ ତାକୁ ଚିଢ଼େଇବି ଯେ । ତୁମେ ତୁମ ଫ୍ରେଣ୍ଡ ପାଖକୁ ଗଲା ପରେ ମୁଁ ତ ବସି ଟିଭିରେ କାର୍ଟୁନ ଦେଖୁଥିଲି । ତା ପରେ ମାମା ରୋଷେଇ ସାରିଦେଇ ଶେଲି ଆଣ୍ଟି ଘରକୁ ଗଲେ । ସେଠୁ ଆସିଲା ପରେ ତ ତାଙ୍କର ମୁଣ୍ଡ ବିନ୍ଧୁଛି ଯେ ବିନ୍ଧୁଛି । ମୁଁ ତାଙ୍କୁ କ'ଣ ଚିଢ଼େଇବି, ସେ ତ ଓଲଟା ମୋ ଉପରେ ଚିଡଚିଡ୍ ହେଉଛନ୍ତି ଖାଲି ମିଛଟାରେ ଶେଲି ଆଣ୍ଟି ଘରୁ ଫେରିଲା ପରଠାରୁ ।

__ ଶେଲି ଆଣ୍ଟି !!!

ନିରାକାର ବାବୁଙ୍କ ପଡୋଶୀ ହେଲେ ଦାଶ ବାବୁ । ତାଙ୍କ ସ୍ତ୍ରୀ ଶେଲି ସହ ଅନିମାର ଭଲ ଭାବ ଦିଆନିଆ । କ'ଣ କିଛି କଳି ଝଗଡା ହେଇଗଲା କି ଆଉ ଉଭୟଙ୍କ ଭିତରେ ? ? ଏମିତି ଭାବୁଭାବୁ ନିରାକାର ବାବୁ ଯାଇ ପହଞ୍ଚିଗଲେ ଦାଶ ବାବୁଙ୍କ ଡ୍ରଇଂରୁମ୍ ରେ । ଦାଶ ବାବୁ ବସି ଟିଭି ଦେଖୁଥିଲେ ।

__ କ'ଣ ଖବର ଦାଶ ବାବୁ ? ଆଉ ସବୁ ଭଲଟି ? ? ଆଉ ନୂଆବର୍ଷ ପାଇଁ ପ୍ରସ୍ତୁତିପର୍ବ କୋଉଯାଏ ଗଲା ଆପଣଙ୍କର ?

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

__ ଆରେ... ନା... ନା... ପ୍ରସ୍ତୁତି ଆଉ ଆମ ମାନଙ୍କର କ'ଣ ? ପ୍ରସ୍ତୁତିପର୍ବ ତ ଏବେ ମାଡାମ ମାନଙ୍କର ଚାଲିଛି । ଆମ ମାଡାମ ଆଜି ଫ୍ୟାଶନ ଶୋରେ ପିନ୍ଧିବା ପାଇଁ ଶାଢ଼ୀ ଖଣ୍ଡିଏ କିଣି ଆଣିଛନ୍ତି ।

ଏତିକି ଭିତରେ ଶେଲି ମାଡାମ ଚାଲି ଆସିଲେ ଶାଢ଼ୀ ଖଣ୍ଡକୁ ହାତରେ ଧରି ।

__ ଦେଖିଲେ... ଦେଖିଲେ... ଶାଢ଼ୀଟା କେମିତି ହୋଇଛି ? ଡିସକାଉଣ୍ଟ ଯାଇ ପୁରା ଆଠ ହଜାର ପଡିଲା । ଆଜି ସକାଳେ ଅନିମା ଆସିଥିଲା ଯେ, ଶାଢ଼ୀଟା ଦେଖେଇଲି । ତାକୁ ବୋଧେ କଲରଟା ଚଏସ ହେଲାନି । ମୁଁହଟା କେମିତି କରିଦେଇ ଚାଲିଗଲା ।

__ ଆରେ... ନା... ନା... ବହୁତ ବଢିଆ ରଙ୍ଗଟିଏ ବାଛିଛନ୍ତି ଆପଣ । ବହୁତ ଭଲ ମାନିବ ଆପଣଙ୍କୁ । ହଉ ଆପଣମାନେ କଥା ହୁଅନ୍ତୁ । ମୋର ଟିକେ କାମ ଅଛି । ମୋତେ ବିଦାୟ ଦିଅନ୍ତୁ ଏଥର ।

ଘରକୁ ଯାଇ ନିରାକାର ବାବୁ ପ୍ୟାଣ୍ଟ ସାର୍ଟ ପିନ୍ଧି ବାହାରିଲେ ମାର୍କେଟ ଯିବାକୁ । ତାଙ୍କୁ ଦେଖି ଅନିମା ପଚାରିଲେ କୁଆଡେ ଯାଉଛ ?

__ ତୁମ ପାଇଁ ପେନ୍ କିଲର ଆଣିବାକୁ ।

__ ମୋର ପେନ୍ କିଲର ଦରକାର ନାହିଁ । ଯଦି ବଜାର ଯାଉଛ ତାହେଲେ ରାତି ପାଇଁ ଖାଇବା କିଣିଆଣ । ମୁଁ ରୋଷେଇ କରି ପାରିବିନି ଆଜି । ମୋ ଦେହ ଅସୁସ୍ଥ ଲାଗୁଛି ।

ହଉ କହି ବାହାରିଗଲେ ନିରାକାର ବାବୁ । ଫେରିଲେ ପ୍ରାୟ ଦେଢ଼ଘଣ୍ଟା ପରେ ହାତରେ ଜରି ପ୍ୟାକେଟଟିଏ ଧରି । ଅନିମାଙ୍କୁ ଉଠେଇ ତାଙ୍କ ହାତକୁ ବଢ଼େଇ ଦେଲେ ପ୍ୟାକେଟଟା । କହିଲେ, ନିଅ... ତୁମ ପାଇଁ ଏଇଟା ମୋ ତରଫରୁ ନୂଆବର୍ଷର ଭେଟି । ଅନିମା ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ସ୍ୱାମୀଙ୍କ ମୁଁହକୁ । ତା ପରେ ପ୍ୟାକେଟଟି ଖୋଲିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

___ ଶାଢ଼ୀ !!!!!!!

ଅନିମା ପୁଣି ଟିକିଏ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ସ୍ୱାମୀଙ୍କୁ । ତାପରେ ଧୀରେ କରି ପ୍ରାଇସ୍ ଟ୍ୟାଗଟାକୁ ଓଲଟେଇ କରି ଦେଖିଲେ ।

__ ଦଶ ହଜାର ଚାରିଶହ ପଚାଶ !!!

ଗୋଟେ ସ୍ମିତହାସ୍ୟ ଖେଳିଗଲା ଅନିମାଙ୍କ ଓଠରେ ।

__ ଏଇଟା ମୋ ପାଇଁ .... !!!

__ ହଁ... ହଁ... ଖାସ ତୁମରି ପାଇଁ ମୁଁ ମନ ଖୋଲା ଆଉ ପକେଟ ଖାଲି କରି ବାଛି ବାଛି ପସନ୍ଦ କରି ଆଣିଛି । ହଉ ତୁମେ ଶାଢ଼ୀଟା ଦେଖୁଥାଅ, ମୁଁ ଟିକେ ରାତି ପାଇଁ ଖାଇବାଟା କିଣି ଆଣେ । ଭୁଲିଗଲି ଆସିଲା ବେଳକୁ ।

___ ହେଇଟି... ଶୁଣ ମ... ଥାଉ ଖାଇବା ଆଣିବା ଦରକାର ନାହିଁ । ମୋତେ ଟିକେ ଏବେ ଭଲ ଲାଗିଲାଣି । ମୁଁ ଏବେ ରାନ୍ଧି ପାରିବି । ତା ଛଡା ବାହାର ଜିନିଷ ଗୁଡ଼ାକ ଖାଇଲେ ଦେହ ଖରାପ ହେବନି ?? ତୁମେ ବସି ଟିଭି ଦେଖୁଥାଅ । ମୁଁ ଟିକେ ଶେଲି ଘରୁ ବୁଲିକି ଆସେ । ଖଟଟା ଉପରେ ପଡି ପଡି ବିରକ୍ତ ଲାଗିଲାଣି । ଟିକେ ବୁଲାଚଲା କଲେ ସିନା ଦେହଟା ଫୁର୍ତ୍ତି ଲାଗିବ । ମୁଁ ଆସିଲେ ରୋଷେଇ କରିବି ତୁମର ଚିନ୍ତା କରିବା ଦରକାର ନାହିଁ କହି ହାତରେ ଶାଢ଼ୀଟିକୁ ଧରି ଅନିମା ବାହାରି ଗଲେ ଶେଲି ଘରଆଡେ ।

ଭି ଏସ ଏସ ନଗର

୮୮୯୫୩୨୬୪୩୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୯ମ ଭାଗ)

।।୧୯ ଦୃଶ୍ୟ ।।

(ବିକ୍ରମ ଉମା ନାମକ ଜଣେ ଝିଅର ହାତ ଧରି ହୋଟେଲକୁ ଆସେ)

ବିକ୍ରମ- ଆସ ଆସ ଉମା, ଏଇ ଦେଖ ହୋଟେଲ ଟୋରେଣ୍ଟ କେଡେ ଚମତ୍କାର ସାଜସଜା ହୋଇଛି । ଇଲେକ୍ଟ୍ରିକ ଆଲୁଅରେ କେମିତି ସାରା ହୋଟେଲ ଝଲମଲ ହେଉଛି । ଏଇ ଚିକମିକ ଝଲମଲ ଭିତରେ ମୋ ବସ ଆଜି ତୁମକୁ କିସ କରିବେ । ତୁମ ସହ ବାଘ ଛେଳିର ଖେଳ ଖେଳିବେ । ତୁମେ ସେ ଖେଳ ଖେଳିବ ନା ?

ଉମା- ମା..ନେ.. ?

ବିକ୍ରମ- (ହସ)ସିମ୍ପଲ, ଆଜି ତୁମ ଦେହର ଗୋଟେ ନଗ୍ନ କ୍ୟାସେଟ ତିଆରି ହେବ । ମୋ ବସ ତୁମ ନଗ୍ନ ଶରୀରରେ ଖେଳିବେ ଆଉ ମୁଁ ଗୋଟେ ସାମାନ୍ୟ ଭିଡିଓ କ୍ୟାସେଟ ତିଆରି କରିବି । ତୁମେ ଜାଣ ଉମା ବଜାରରେ ତୁମ ନଗ୍ନ ଭିଡିଓ କ୍ୟାସେଟର ମୂଲ୍ୟ କେତେ ହେବ ? ଗୋଟିଏ କୋଟିରୁ ଉର୍ଦ୍ଧ୍ୱ ।

ଉମା- ବିକ୍ରମ ! ତୁମେ କଣ କହିବାକୁ ଚାହଁ ?

ବିକ୍ରମ- ମୋତେ ଖରାପ ଭାବିବନି ଉମା ଡାର୍ଲିଙ୍ଗ । ଆମ ବେପାର ପରା ଏଇୟା । ତୁମପରି ସୁନ୍ଦରୀ ଝିଅମାନଙ୍କର ଫାଇଦା ଉଠେଇ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେପାରର ମୂଳଦୁଆ ମଜବୁତ କରିବାକୁ ହୁଏ ।

ଉମା- (ବିକ୍ରମ ଗାଲରେ ଥପଡ଼ ମାରି)ୟୁ ସ୍କାଉଣ୍ଡ୍ରାଲ । ବେଇମାନ, ନାରୀ ଲୋଭୀ ତୁ କଣ ଭାବିଛୁ ନାରୀର ଶରୀରକୁ ପଣ୍ୟବସ୍ତୁ ରୂପେ ବ୍ୟବହାର କରିବୁ ? ତୋ ହାତର କାଠ କଣ୍ଢେଇ କରି ନଚେଇବୁ ?

ବିକ୍ରମ- ଏଇ ଶାଳି ବହୁତ ବକୁଛୁ(ଚୂଳ ଧରି)ଆବେ ଏଇ ନେ ପିଇ । (ମଦ ପିଇବାକୁ ଦିଏ)

ଉମା- ଏସବୁ କଣ ?

ବିକ୍ରମ- ସୋମ ରସ । ଯ୍ଯାକୁ ପିଇଲେ ତୋ ଯୌବନରେ ନିଆଁ ଲାଗିଯିବ । ତୁ ଖାଲି ହୁତୁ ହୁତୁ ହେଇ ଜଳିବୁ । ଆଉ ତୋ ଜଳନ୍ତା ଦେହକୁ ମୋ ବସ ନିର୍ବାପିତ କରି ଆଇସ ଭଳି ଥଣ୍ଡା କରିଦେବେ ।

ଉମା- ନା ମୁଁ ମଦ ପିଏନା ।

ବିକ୍ରମ- ତୋତେ ପିଇବାକୁ ହେବ ।

ଉମା- ପ୍ଲିଜ ବିକ୍ରମ ମୋତେ ଯିବାକୁ ଦିଅ । ଘରେ ମୋ ମା' ବାପା ଚାହିଁ ବସିଥିବେ ।

ବିକ୍ରମ- ଅଟକେଇବିନି, ଜମା ଅଟକେଇବିନି । ଯିବାବେଳେ ବିଡାଏ ନୋଟ ଦେଇ ତୁମକୁ ବିଦା କରିବି । ହେଲେ ମୋ ପ୍ରପଜାଲ ତୁମକୁ ମାନିବାକୁ ହେବ ।

ଉମା- ନା ମୋର ସେ ଟଙ୍କା ଫଙ୍କା କିଛି ଦରକାର ନାହିଁ । ମୋତେ ଯିବାକୁ ଦିଅ ।

ବିକ୍ରମ- ଦରକାର ଅଛି । ତୁମ ମା'ର ପୁରୁଣା ରୋଗ ହସ୍ପିଟାଲରେ ଚେକଆପ କରିବ । ତୁମ ବାପାର ଦମା ରୋଗ ପାଇଁ ମେଡ଼ିସିନ ନେବ । ତୁମ ଭାଇର କଲେଜ ଫିସ ଭରିବାକୁ ପ୍ରଚୁର ଅର୍ଥ ଆବଶ୍ୟକ । ସବୁକିଛି ପୂରଣ ହୋଇଯିବ ଉମା ଡାର୍ଲିଙ୍ଗ । କେବଳ ଘଣ୍ଟାଏ ଦୁଇ ଘଣ୍ଟାର ବେପାର । ତାପରେ ତୁମ ଜାଗାରେ ତୁମେ ଆମ ଜାଗାରେ ଅମେ । ନିଅ ଏଇ ସୋମ ରସ ପିଇ ମତୁଆଲା ହୋଇଯାଅ ଦେଖିବ ସବୁକିଛି ସହଜ ସାବଲୀଳରେ ହେଇଯିବ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉମା- ମୁଁ ଥରେ ମନା କରିଛି ମଦ ପିଇବି ନାହିଁ ।

ବିକ୍ରମ- ତୁମକୁ ପିଇବାକୁ ହେବ । ଆଉ ଅଲବତ ପିଇବାକୁ ହେବ ।

ଉମା- ନା ମୁଁ ପିଇବିନି ।

ବିକ୍ରମ- ଅମାନିଆ ହୁଅନି ଉମା ଡାର୍ଲିଙ୍ଗ । ତୁମେ ଜଣ ମୋ ମୁଣ୍ଡ ଥରେ ବିଗିଡି ଗଲେ ସବୁ ଗଣ୍ଡଗୋଳ ହେଇଯିବ । ଶେଷରେ ତୁମେ ନିଜେ ମୋତେ ଅନୁରୋଧ କରିବ ମଦ ପିଇବା ପାଇଁ ।

ଉମା- ତୁମେ ମୋତେ ଯିବାକୁ ଦିଅ ବିକ୍ରମ ମୁଁ ଏଠି ଆଉ ମୁହୂର୍ତ୍ତେ ବି ରହିବାକୁ ଚାହେଁନା ।

ବିକ୍ରମ- ସବୁ ଦ୍ୱାର ବନ୍ଦ । କୋଉ ରାସ୍ତାରେ ଯିବ ଯାଅ । ମୋ କଥା ମାନ ଉମା ଡାର୍ଲିଙ୍ଗ କେବଳ ଘଣ୍ଟେ ଦୁଇ ଘଣ୍ଟା ପରେ ତୁମ ଦେହ ତୁମ ସତୀତ୍ୱ ତୁମ ପାଖରେ ରହିବ । ପ୍ରତିବଦଳରେ ତୁମେ ତୁମ ମା' ବାପା ଭାଇର ଆବଶ୍ୟକତାକୁ ପୂରଣ କରିପାରିବ । ନିଅ ପ୍ଲିଜ ମୋ ସୁନା ଡାର୍ଲିଙ୍ଗ ପିଇଦିଅ । (ମଦ ଗ୍ଲାସ ଉମାର ମୁହଁ ପାଖକୁ ଦେଖାଏ)

ଉମା- (ମଦ ଗ୍ଲାସ ଛାଟିଦେଇ) ମୁଁ ମନା କାଲିନା ପିଇବିନି ।

ବିକ୍ରମ- ଏଇ ଶାଳି ତୋର ଏତେ ଦିମାକ । (ଉମାର ଚୂଳ ଧରି ଜବରଦସ୍ତ ମଦ ପିଆଏ)

ଉମା- ଓଃ ହେ ଭଗବାନ ! ଏ ରାକ୍ଷସ କବଳରୁ ମୋତେ ଉଦ୍ଧାର କର ପ୍ରଭୁ !

ବିକ୍ରମ- ହଁ.ହଁ..ପ୍ରଭୁ ଆସିବେ ତୋତେ ମୋଠୁ ଉଦ୍ଧାର କରି ନେଇଯିବେ ।

ସମ୍ବିତ- (ପ୍ରବେଶି) ହଁ ହଁ ପ୍ରଭୁ ଆସିବେ ତୋ ଭଳି ସୈତାନଠାରୁ ଦ୍ରୌପଦୀକୁ ଉଦ୍ଧାର କରିବେ ।

ବିକ୍ରମ- କିଏବେ ତୁ ?

ସମ୍ବିତ- ଚିହ୍ନି ପାରୁନୁ ? ସେଦିନ ଯିଏ ତୋତେ ମାରି ମାରି ତୋ ହାତ ଜଖମ କରି ଦେଇଥିଲା । ତୋ ମୁହଁ ବେଣ୍ଡ କରି ଦେଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକ୍ରମ- ସେଦିନ ମୁଁ ଅକଳରେ ପଡିଯାଇଥିଲି ହେଲେ ଆଜି ମୁଁ ତୋତେ ଛାଡିବିନି ହାରାମଜାଦା । (ଛୁରୀ ବାହାର କରି ମାରିବାକୁ ଆଗାଏ,ସମ୍ବିତ ବିକ୍ରମର ଛୁରୀ ଧରିଥିବା ହାତକୁ ଧରି ମୋଡିଦିଏ ଛୁରୀ ସହ ବିକ୍ରମ ତଳେ ପଡ଼ିଯାଏ)

ସମ୍ବିତ- ଉଠ ବେ ସୈତାନ ଉଠ... । ବହୁତ ବଡ଼ ଶକ୍ତିଶାଳୀ ଦେଖଉଛୁ ନୁହେଁ ।

ବିକ୍ରମ- (ପିସ୍ତଲ ବାହାର କରି ସମ୍ବିତକୁ ଫାୟାର କରିବାକୁ ଉଦ୍ୟତ ହୁଏ) (ହସ)ଏଇ ଜିନିଷଟା ପାଖରେ ମହାବଳ ବାଘ ବି ଛେଳି ପାଲଟିଯାଏ । ବିକ୍ରମ ତା ଜୀବନରେ କେବେ ହାର ମାନିନାହିଁ । ଏବେ ତୁ ମରିବାକୁ ପ୍ରସ୍ତୁତ ହୋଇଯା ତୋ ଯମ ତୋ ଆଗରେ ଠିଆ ହୋଇଛି । ରେଡି ୱାନ-ଟୁ (ଫାୟାର ସମୟରେ ପଛପଟୁ ଉମା ବିକ୍ରମକୁ ପେଲିଦିଏ ସେ ତଳେ ପଡିଯିବାରୁ ହାତରୁ ପିସ୍ତଲ ଛିଟିକି ପଡେ) (ସମ୍ବିତ ତାକୁ ତଳୁ ଉଠେଇ ଥପଡ଼ ମାରେ)

ସମ୍ବିତ- ଜୀବନକୁ ଖେଳଘର ଭାବିଛୁ ନୁହେଁ । ହାରାମଜାଦା (ପୁଣି ମାଡ଼)

ବିକ୍ରମ- ତୋତେ ମୁଁ ସାବଧାନ କରିଦେଉଛି । ସାପ ଲାଙ୍ଗୁଡ଼ରେ ହାତ ମାରନା । ଏମିତି ଚୋଟ ଖାଇବୁ ଯେ ସ୍ୱୟଂ ଭଗବାନ ବି ବଞ୍ଚେଇ ପାରିବେନି ।

ସମ୍ବିତ- ସାପକୁ କେମିତି ମନେଇବାକୁ ହୁଏ ସେ କୌଶଳ ମୋତେ ବେଶ ଜଣାଅଛି ।

ବିକ୍ରମ- ତୁ ମୋ ଦେହରେ ହାତ ଦେଇଛୁ ମାନେ ମୁଁ ତୋତେ ଛାଡିବିନି(ପୁଣି ମାରିବାକୁ ଉଦ୍ୟତ, ଦୁହିଙ୍କ ତୁମୁଳ ସଂଗ୍ରାମ । ଶେଷରେ ପରାଜିତ ବିକ୍ରମ ଦୌଡ଼ି ପଳାଏ)

ସମ୍ବିତ- ଓଃ ବଡ଼ ସଂଘାତିକ ଲୋକ ଏଇଟା । ହେଲେ ମୋତେ ତାକୁ ପୋଲିସରେ ଦେବାକୁ ହେବ ।

ଉମା- ଧନ୍ୟବାଦ ଆପଣଙ୍କୁ ।

ସମ୍ବିତ- କଣାପାଇଁ ?

ଉମା- ଆଜି ଆପଣ ଏଠିକୁ ଆସିନଥିଲେ ମୋର ଅବସ୍ଥା ଯେ କଣ ହୋଇଥାନ୍ତା ଆଃ ମୋ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡ-- (ଟଳମଳ ହୋଇ ତଳେ ପଡିବା ଅବସ୍ଥାରେ ସମ୍ବିତ ଧରିନିଏ)

ସମ୍ବିତ- ଇସ ... ! ମଦର ଦୁର୍ଗନ୍ଧ । ହେଲେ ଏ ତ ବଡ଼ ପ୍ରବ୍ଲେମ ହେଲା । ଝିଅଟା ମୋହରି କାନ୍ଧରେ ଶୋଇଗଲା । ମୁଁ ଏବେ କଣ କରିବି । କାହାକୁ ପଚାରିବି ତା ଠିକଣା ?

ବିଶ୍ୱନାଥ-(ପ୍ରବେଶି)-ମୋତେ ପଚାରିବୁ ।

ସମ୍ବିତ- କିଏ ତୁମେ ?

ନାଥୁ- ମୁଁ.. ? (ହସ) ମୁଁ ଏରାଉଣ୍ଡ ଦ ୱାର୍ଲ୍ଡ଼ । ମୁଁ ସିଏ ଯିଏ ମହାଭାରତ ସୃଷ୍ଟି କରିଥିଲା । ମୁଁ ସିଏ ଯିଏ ହିରୋସିମା ନାଗାସାକିରେ ନିୟୁକ୍ଲିଆର୍ ବମ ପକେଇଥିଲା । ମୁଁ ସିଏ ଯିଏ ସୀତାଙ୍କୁ ନେଇ ଅଶୋକ ବାଟିକାରେ ରଖିଥିଲା ।

ସମ୍ବିତ- ଓଃ ଚିହ୍ନିଲି ତୁମେ ତାହେଲେ ସେଇ ହିଟଲର । ଯାହାଙ୍କ ପାଇଁ ଦେଶ ଦେଶରେ ଯୁଦ୍ଧର ତାଣ୍ଡବ ହୋଇଥିଲା । ନିରୀହ ଜନତା ଭୋକ ଶୋଷ ଓ ବେଘର ହୋଇ ପୋକ ମାଛି ପରି ମରିଯାଇଥିଲେ ।

ବିଶ୍ୱ- ଏବେ ତୋର ପାଳି । ଆମ ରାସ୍ତାରେ ଯେଉଁମାନେ କଣ୍ଟା ହୋଇଛନ୍ତି ସେମାନେ ମାରି ହଜି ଯାଇଛନ୍ତି । ଆଉ ତୁ ବି ହଜିଯିବୁ । (ପିସ୍ତଲ ଦେଖାଇ ମାରବା ବେଳେ ଶ୍ରାବଣୀ ଛଦ୍ମ ବେଶରେ ଆସି ପଛପଟୁ ଗୋଇଠା ମାରି ତଳେ ପକାଇଦିଏ ।)

ଶ୍ରାବଣୀ- ବହୁଦିନ ଯାଏ ତୁମେ ତୁମ ଅଭିନୟ କରିନେଲ ବିଶ୍ୱନାଥ ଏବେ ତୁମ ଅଭିନୟ ଶେଷ ।

ବିଶ୍ୱ- କିଏ କିଏ ତୁ ?

ଶ୍ରାବଣୀ- ଚିହ୍ନି ପାରୁନାହୁଁ ? ଏଇ ଦେଖ ଏଇ ଫଟୋ ଦେଖ ସବୁକିଛି ଚିହ୍ନି ପାରିବୁ ।

ବିଶ୍ୱ- ଇ..ଇ ଏ ତ ସମ୍ବାଦିକ ସୁରେନ୍ଦ୍ର ମହାପାତ୍ର ।

ଶ୍ରାବଣୀ- ହଁ ଏଇ ସେଇ ସମ୍ବାଦିକ ଯାହାଙ୍କୁ ତମେ ଚାରିଜଣ ସାଇତାନ ମିଶି ମୋହରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ମୁଖରେ ମାରିଦେଲ । ମୋତେ ଅନାଥ କରିଦେଲ । ମୋ ମା' ମଥାରୁ ସିନ୍ଦୁର ଛଡ଼େଇନେଲ । କେବଳ ମୋ ବାପା ନୁହନ୍ତି ଏସ.ପି ଅମରେନ୍ଦ୍ର ଚୌଧୁରୀଙ୍କ ହାତ କାଟି ଅକର୍ମଣ୍ୟ କରିଦେଲ । ଏତେପରେ ବି ତୁମେମାନେ ଏ ପର୍ଯ୍ୟନ୍ତ କଳାଧନ୍ଦା, ଲୁଟ ମାର କରିଚାଲିଛ ଅଥଚ ଆଇନ କାନୁନ ତୁମର କିଛି କରିପାରିନାହିଁ । ଯେଉଁଠି ଆଇନର ହାତ ଶିଥିଳ ହୋଇଯାଏ ସେଇଠି ମୋହରି ପରି ଦୂର୍ଗା ଜନ୍ମ ନିଅନ୍ତି ।(ପିସ୍ତଲ ସଜାଗ କରେ)

ବିଶ୍ୱ- ତାମାନେ ତୁ.... ?

ଶ୍ରାବଣୀ- ତାଙ୍କରି ରକ୍ତର ପ୍ରତୀକ ।(ବାରମ୍ବାର ଫାୟାର କରେ)

ବିଶ୍ୱ- ଆଃ-ଆଃ(ରକ୍ତ ଜୁଡୁବୁଡୁ ହୋଇ ଟଳିପଡ଼େ)

ଉମା- (ଚେତା ପଇ)କିଏ ? କିଏ ତୁମେ ?

ଶ୍ରାବଣୀ- ଜଣେ ନାରୀର ଭିନ୍ନ ଏକ ରୂପ ।

ଉମା- କୋଟି ପ୍ରଣାମ ତୁମ ଭଳି ନାରୀକୁ । ଯିଏ ଆଜି ସାଇତାନ ମାନଙ୍କ ବଂଶ ନିପାତ କରିବାକୁ ଦୂର୍ଗା ରୂପରେ ଅବତୀର୍ଣ୍ଣ ହୋଇଛନ୍ତି ।

ସମ୍ବିତ-କିନ୍ତୁ ତୁମକୁ ସବୁଦିନ ପାଇଁ ପାଟି ବନ୍ଦ ରଖିବାକୁ ହେବ ।

ଉମା- ମୃତ୍ୟୁମୁଖରୁ ବଞ୍ଚି ଯାଇଥିବା ମଣିଷ ପୁଣିଥରେ ମୃତ୍ୟୁକୁ ଆବାହନ କରି ନଥାଏ ।

ସମ୍ବିତ- ପୋଲିସ ଆସିବା ପୂର୍ବରୁ ଶୀଘ୍ର ସ୍ଥାନ ଛାଡିବାକୁ ହେବ । ଇଏସ ବି କ୍ୱିକ

(ସମସ୍ତେ ପ୍ରସ୍ଥାନ ସମୟରେ....)

(ମଞ୍ଚ ଅନ୍ଧାର)

କ୍ରମଶଃ............

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଭ୍ରାନ୍ତ ବ୍ୟକ୍ତିତ୍ୱ



ଶିବ ନାରାୟଣ ଦାଶ

(୧)

ନିସ୍ତବ୍ଧ ମୁହୂର୍ତ୍ତ ମାନଙ୍କରେ
ଆପଣା ଅସ୍ତିତ୍ୱ ମୋତେ ଭାରି ଭୟ ଲାଗେ ।
ମନେହୁଏ ମୁଁ ଲଢୁଛି
ମୋ ନିଜ ସାଥିରେ,
ମୋ ଭିତରେ ଥିବା ସବୁ
ଅସଂଖ୍ୟ ଅଶରୀରି ଶତ୍ରୁଙ୍କ ସହିତ -
ଯାହାଙ୍କୁ ମୁଁ ଅଣଦେଖା କରିଥିଲି
ଏଯାବତ ହାଲକା ଭାବରେ,
ବନ୍ଧୁଙ୍କର ମେଳେ ଅବା
ସିନେମାର ରୂପେଲି ପର୍ଦ୍ଦାରେ
ମସଗୁଲ ଥିଲାବେଳେ
ଯେଉଁମାନେ କେବେହେଲେ
ମୋ ମନର ଚଉହଦି ମାଡି ବି ନଥିଲେ ।
ଅବା ପୁଣି ତେଲ-ଲୁଣ ସଂସାରର
ନିତିଦିନ ହାଟ ସଉଦାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଅବା ଲୋକଙ୍କ ଭିତରେ

ଜୀବନକୁ ବଂଚୁଥିଲା ବେଳେ

କେବେ ମୁଁ ତ ଭାବି ବି ନଥିଲି -

ମୋ ଭିତରେ ବନ୍ଦୀ ମୁଁ ଯେ

ରୁଦ୍ଧ କାରାଗାରେ

ଦୁଷ୍ଟ ଏତେ ଶତ୍ରୁଙ୍କର ଅଭେଦ୍ୟ ଘେରରେ ।

ସେଇମାନେ କରୁଛନ୍ତି ଆଜି

ଅହରହ ମୋତେ ଆକ୍ରମଣ

ବିଷଜ୍ୱାଳା ଫୁତ୍କାରରେ ଦଂଶି ବାରବାର,

ନିସ୍ତବ୍ଧ ମୁହୂର୍ତ୍ତ ମାନଙ୍କରେ

ଆପଣା ଅସ୍ତିତ୍ୱ ମୋତେ ସଂକୁଚିତ କରେ ।

(୨)

ନିର୍ଜନ ଦ୍ୱିପ୍ରହରରେ

ଆଉ କେବେ ଖରାବେଳେ ପ୍ରଖର ତାତିରେ

ପଥ ଘାଟ ଶୁନ୍ୟ ଯେବେ-

ନାହାନ୍ତି କେଉଁଠି କାହିଁ ଲୋକବାକ କେହି,

ମଟର ବା ରିକ୍ସାଟିଏ ଦେଖାଯାଏ ନାହିଁ,

ବାଡ଼ିପଟ ବୁଢା ଆମ୍ବଗଛେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାମରାକାଉଟା ବସି ତୁଛା ରାବୁଥାଏ -

ସ୍ପଷ୍ଟ ଶୁଭେ ମୋତେ ମୋର

ହୃତପିଣ୍ଡର ସ୍ପନ୍ଦନର ଧ୍ୱନି,

ମନେହୁଏ ମୁଁ ଏକାକୀ ଅସହାୟ ଅତି,

ଆପଣା ଅସ୍ତିତ୍ୱ ମୋତେ ମାଡି ମାଡି ପଡେ

ଆଉ ଲାଗେ

ବଡ ଦୁର୍ବିସହ,

ନିଃସଙ୍ଗତା ଖାଁ ଖାଁ କରେ,

ଦୁଷ୍ଚିନ୍ତାର ବିକଳ ବ୍ୟକ୍ତିତ୍ୱ

ଗ୍ରାସ କରେ ଯେବେ ।

ଚାହିଁଲେ ବି ବେଳ ଗଡେ ନାହିଁ

ଜାଣେନା କାହିଁକି,

ସମୟର କଣ୍ଟା ଲାଗେ ଯାଇଛି ଅଟକି ।

ନିର୍ଜନ ଦ୍ୱିପ୍ରହରରେ

ଏକାକୀତ୍ୱ ବଡ ମୋତେ ବିବ୍ରତ ଓ ଉଦ୍ଭ୍ରାନ୍ତ କରେ ।

(୩)

ସହରର ଅନ୍ଧାରୁଆ

ନିର୍ଜନ ଗଳିରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବା ପୁଣି

ନିଷ୍ପ୍ରଭ ବତିଖୁଣ୍ଟ ତଳେ

ଆଗକୁ ଆଗକୁ ବାଟ ଚାଲୁଥିଲା ବେଳେ

ନିଛାଟିଆ ସଞ୍ଜ ଆଲୁଅରେ,

ଲାଗେ ସତେ

ମୁଁ ଯେମିତି ଏକା ଚାଲୁନାହିଁ,

ମୋ ପଛରେ ଚାଲୁଅଛି

ପିଛା କରି କରି

ଧୀରେ ଧୀରେ ପାଦ ଚିପି ଦୋସର ମୋ କେହି ।

ଦ୍ରୁତ ପଦେ ଧାଏଁ ଯେବେ

ଛୁଇଁବାକୁ ମିଞ୍ଜି ମିଞ୍ଜି

ଆଲୁଅକୁ ସ୍ୱଳ୍ପ ଦୂରତ୍ୱରେ -

କିଛି ଆଗେ ଦିଶୁଥିବା

ଚାହା, ବରା, ପକୁଡିର ଚାଳି ଗୁମଟିରେ

ଅବା ପୁଣି ପେଟ୍ରୋମାକ୍ସ ଜାଳି

ସିଗ୍ରେଟ, ପାନ ବିକୁଥିବା

ଦିଆସିଲି ବାକ୍ସ ପରି ଉଠା ଦୋକାନରେ,

ମନେହୁଏ ମୋ ପଛରେ

ସିଏ ବି ଧାଉଁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହଠାତ ଅଟକି ପଡି

ପଛକୁ ଚାହିଁଲେ

କିଏ କାହିଁ କିଛି ଦିଶେ ନାହିଁ,

ଅନ୍ଧାରୁଆ ନିର୍ଜନ ପଥରେ

ଆପଣା ଅସ୍ତିତ୍ୱ ମୋତେ ଆତଙ୍କିତ କରେ ।

(୪)

ଆଉ କେବେ

ଅନ୍ଧାରୁଆ ବନ୍ଦ କୋଠରୀରେ

ଶୋଇବାକୁ ଗଲାବେଳେ

ବତିଖୁଣ୍ଟ ଆଲୁଅ ଆସେ

ମୋ ଝରକା ବାଟେ,

କାନ୍ଥରେ ମୋ ଛାଇ ଦେଖି

ଅତର୍କିତ ମୁଁ ଚମକି ଉଠେ ।

କଡ଼ାମୁହାଁ ହୋଇ ଯେବେ ଶୋଇବାର

ଶତ ଚେଷ୍ଟା କରେ

ଆଖିକୁ ଆସେନା ନିଦ,

ରୋମମୂଳ ଟାଙ୍କୁରି ବି ଉଠେ,

ମନେହୁଏ ମୋ ପାଖରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଛଣାରେ ଶୋଇଅଛି

ସତେ ଅବା ଆଉ ଜଣେ କିଏ ।

ଉପରକୁ ମୁହଁ କରି

ଶେଷରେ ମୁଁ ଚିତ ହୋଇ ଶୋଇବାର

ଦୁର୍ବଳ ପ୍ରୟାସ କରେ

ଆପଣାକୁ ସାହସର ଦେଇ ଆଶ୍ୱାସନା -

କରିବାକୁ ମୁହାଁ ମୁହିଁ ଶତ୍ରୁର ସାମନା ।

ଅନ୍ଧକାର ଅସହ୍ୟ ଭାରି

ଅନ୍ଧାରରେ ବଡ଼ ଭୟ ଲାଗେ,

ଅନ୍ଧାରୁଆ ବନ୍ଦ କୋଠରୀରେ

ଆପଣା ଅସ୍ତିତ୍ୱ ମୋତେ ଶିହରୀତ କରେ ।

(୫)

ସହରଠୁ ବହୁଦୂରେ

ସହର ଉପାନ୍ତେ

ଏକାକୀ ସେ ନିକାଂଚନ ନିବାସରେ ମୋର,

ସାଗର ଯେଉଁଠି ଭାଙ୍ଗେ

ଢେଉ ବାରମ୍ବାର

ବେଳାଭୂମି ପଥକଡେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଗର ତଟରେ -

କ୍ଳାନ୍ତ ସାରା ସହରଟା

ଶୋଇଗଲା ପରେ,

ସମୁଦ୍ରର ରୁଦ୍ର ଅଟ୍ଟହାସ

ଯେବେ ଭଙ୍ଗକରେ

ନୀରବତା ମୋର

ପ୍ରକମ୍ପିତ କରି ଛାତି

ବତାସି ଝଡ଼ରେ, -

ମୁଁ ପଚାରେ ଆପଣାକୁ

ବାରମ୍ବାର ତୁହାଇ, ତୁହାଇ -

"ମୋ ଭିତରେ ଶତ୍ରୁମାନେ

କାହାନ୍ତି କେଉଁଠି ?

କେହି କାହିଁ ଦିଶନ୍ତି ତ ନାହିଁ ?

ଡ଼ରୁଛି ମୁଁ ତେବେ ପୁଣି କାହାକୁ ସତରେ" !

ମୋ ପ୍ରଶ୍ନର ପ୍ରତିଧ୍ୱନି

ଫେରିଆସେ ମୋ ଗଭୀର

ଅନ୍ତଃସତ୍ତା ଛୁଇଁ

ଉତ୍ତରର କରି ଉଚ୍ଚାରଣୀ -

"ବିଭ୍ରାନ୍ତ ବ୍ୟକ୍ତିତ୍ୱ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁଧା ବିଭକ୍ତ,

ତୁଚ୍ଛ ଯେତେ କାମନା,ବାସନା,

ସ୍ୱପ୍ନ ପୁଣି ଆଶା, ନିରାଶାର

ସବୁ ମିଛ -

ଭେଳିକିର ସବୁ ଇନ୍ଦ୍ରଜାଲ,

ଅବାସ୍ତବ, ଅସତ୍ୟ, ଅଳିକ -

ସବୁ ଖାଲି ଚିନ୍ତା ଆଉ

କଳ୍ପନାର ବୁଢିଆଣୀ ଜାଲ" ।

"ଏକାନ୍ତ ଓ ଅସତର୍କ

ମୁହୂର୍ତ୍ତରେ ଆମ

ପଶିଆସି କରନ୍ତି ବିବ୍ରତ,

ବିଭ୍ରାନ୍ତ ଆଉ ପୁଣି

ଆଶଙ୍କା ଓ ସଂଶୟର

ପ୍ରଶ୍ନବାଚୀ ଚୋଳି

ସଂଚାରନ୍ତି ଭୀତିର କୁହୁଡି,

ମନ, ପ୍ରାଣ, ଦେହକୁ ଆମର

କରି ଅବସନ୍ନ

ଆଚ୍ଛନ୍ନ ଓ ଅବଶ ସତ୍ତାକୁ ନିଅନ୍ତି ଆବୋରି" ।

ମୁଁ ବୁଝିଲି ଅନ୍ତଃସତ୍ତା ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକମାତ୍ର ଅସଲ ବ୍ୟକ୍ତିତ୍ୱ,

ଖର୍ବକାୟ ମୋ ବିକ୍ଷିପ୍ତ

ପୌରୁଷ ଓ କ୍ଳୀବତ୍ୱର

ତଳେ ଲୁକ୍କାୟିତ

ସେହି ଏକା ଜଣେ ସୁପୁରୁଷ ।

ସିଏ ନୁହେଁ ବିଭ୍ରାନ୍ତ, ବିକ୍ଷିପ୍ତ,

ଭୀତ ଅବା ଉତ୍ତେଜିତ

ଅଥବା ଅଶାନ୍ତ,

ଆପଣା ଗୁଣରେ ସେ ଯେ

ଆପେ ମହୀୟାନ,

ନିର୍ବିକଳ୍ପ, ଶାନ୍ତ ସମାହିତ ।

ଜନ୍ମ ଜନ୍ମ ଧରି ଆମେ

ଚାଲିଅଛୁ ବୋହି ଯେଉଁ

ବିଖଣ୍ଡିତ ବହୁଧା ବ୍ୟକ୍ତିତ୍ୱ -

ଦିଗହରା ଉଦ୍ଭ୍ରାନ୍ତ ପଥିକ,

ସଠିକ ନିର୍ଦ୍ଦେଶ ତାକୁ ଦେଇପାରେ

ଏକା ସେହି ଅନ୍ତରସ୍ଥ

ନେପଥ୍ୟ ନାୟକ ।

ନିର୍ଜନ ଦ୍ୱିପ୍ରହରରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବା ପୁଣି ସହରର ଅନ୍ଧାରୁଆ ନିର୍ଜନ ଗଳିରେ

ଅଥବା ବି ଅନ୍ଧକାର ଭରା

ବନ୍ଦ କୋଠରୀରେ

ତେବେ ଆଉ ଶଙ୍କିତ

ବା ସଂକୁଚିତ ହେବି ନାହିଁ ମୁହିଁ

ନିସ୍ତବ୍ଧ ମୁହୂର୍ତ୍ତର

ଶୁନ୍ୟ ଆଉ ଅନନ୍ତ କ୍ଷଣରେ ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)

ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ - ନୂଆ ଦିଲ୍ଲୀ


ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉତ୍କଳମଣି ଚିର ଭାସ୍ୱର ବିଶ୍ୱ ମୋହେ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା ଏବଂ ସେହି ଦିନ ଠାରୁ ପ୍ରତି ବର୍ଷ ଏହି ଦିନଟିକୁ "ଉତ୍କଳ ଦିବସ" ରୂପେ ସମଗ୍ର ଓଡ଼ିଶାରେ ପାଳନ କରାଯାଇଥାଏ ଓ ଓଡ଼ିଶାର ଯେଉଁ ବରପୁତ୍ର ମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ, ଉତ୍କଳମଣି ଗୋପବନ୍ଧୁ ଦାସ ସେମାନଙ୍କ ମଧ୍ୟରେ ଅନ୍ୟତମ ଓ ମଣିଷର ଦୁଃଖ ଦେଖି କାନ୍ଦି ଉଠୁଥିବା ଓ ଦୁଃଖି-ରଙ୍କୀଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ସାହଯ୍ୟର ହାତ ବଢାଉଥିବା ସେହି ବିକଳ-ପ୍ରାଣ ମଣିଷଟିର ଅବଦାନ ଓଡିଶା ଭୂଇଁ ପାଇଁ ଅନନ୍ୟ ଓ ଅସାଧାରଣ ଓ ଏପ୍ରିଲ ୧ ତାରିଖର ସ୍ମରଣରେ ସେହି ମହାନ ଆତ୍ମାଙ୍କ ଉଦେଶ୍ୟରେ ଏ କବିତାଟି ସମର୍ପିତ)

ସତ୍ୟବାଦୀର ସତ୍ୟପୀଠରୁ ଡାକିଲା ଜଣେ,
କିଏ ସେ  ଅଛରେ ଝାସଦେବାପାଇଁ ଜୀବନ-ରଣେ  !
ଦଳିତ, ପୀଡିତ ଆସରେ ଧାଇଁ
ଜ୍ଞାନୀ ଗଉରବ ଗାରିମା ଥୋଇ
ଆସରେ ଆସ  !
ମରଣ ମୁହଁରେ ଶରଣ ନ ନେଉ ଜନମ ଭୂଇଁ ଏ ଓଡିଶା ଦେଶ  ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବନ୍ୟା ମଡ଼କ ବିଭୀଷିକା ଯହିଁ ପଶେରେ ଧସି,

ନୀଳାଚଳ ଧାମ ବାନା ତଳୁ କେହି ନ ଯାଉ ଖସି -

ଆହାର ବିନାରେ ଆଶ୍ରାବିନା,

ମାଟିର ମଣିଷ ଉତ୍କଳୀ ମୁଖେ ଦିଅରେ ଦାନା,

ଆସରେ ଆସ !

ରାଧୁଆ, ରତନ ପଧାନେ ଯେ ଠାବେ କରନ୍ତି ବାସ ।

ଗତ-ଗଉରବ-କୋଣାର୍କ କଳା ସୁଷମା ମାପି

ଥକା ହୋଇ ଯହିଁ ଶୋଇ ଯାଇଛିରେ ସର୍ବହରା ସେ କଳିଙ୍ଗ ଶିଳ୍ପୀ,

ଶିକ୍ଷା ବିନାରେ ଦୀକ୍ଷା ବିନା

ମଣିଷ ଲଭିଛି ପଶୁର ଜନମ ଅନାରେ ଅନା !

ପାରୁକି ସହି, ପାରୁକି ଦେଖି !

ଅନ୍ନ ବିହୁନେ ଯଉବନ ଯହିଁ ଚିର ହା-ହାକାରେ ଯାଉଛି ଶୁଖି !

ଜନ୍ମମାଟିର କୋଟି କଙ୍କାଳ ଢାଳଇ ଲୁହ,

ନିଃଷ୍ପେଷଣରେ ଜୀବନ, ଜୀବିକା ଦୁର୍ବିସହ !

ଉତ୍କଳ ମାଆ ଅଙ୍ଗହୀନା !

ମୁକ୍ତିରଣେ, ଯୁକ୍ତପ୍ରାଣେ -

ଜାଗରେ ଜାଗରେ ମହୋଦଧି ତୀରୁ ଶାନ୍ତି-ସେନା !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୁରିଅନା କୁଞ୍ଜୁ ଯାହାର ବାଣୀରେ ଉଠିଲା ଦେଶ

ଋଷିପରି ତା'ର ସରଳ ମୁହଁଟି ଫୁରୁଫୁରୁ ଉଡ଼େ ଗହଳ କେଶ,

କେଡ଼େ ଦରଦୀ ସେ ! ହାତେ ଝୁଲା ଖଣ୍ଡେ, ସରଳ ବେଶ ।

ଅତି ଆମର ସେ ଉତ୍କଳମଣି

ବଚନ ଯାହାର ପରସିଲା ସୁଧା ଭରସିଲା ପ୍ରାଣ ଜାଣି ନା ଜାଣି ।

ସ୍ୱରାଜ୍ୟ-ଜାଗେ ହାଡ଼ ମାଂସର ଆହୁତି ଦେଇ,

ସେ ଯୁଗ-ଦଧୀଚି ଅବିନଶ୍ୱର ପଡ଼ିଛି ଶୋଇ

ପବିତ୍ର ମୋର ଏ ମାଟି ତଳେ,

ଏ ଦେଶର ପାଣି ପବନରେ ତା'ର ଦୀପ୍ତ ବାସନା ଜଳେରେ ଜଳେ ।

ଅଙ୍ଗହୀନା ଜନ୍ମଭୁଇଁର ମୁକ୍ତି ପାଇଁରେ ମୁକ୍ତି ପାଇଁ

ଗୋପବନ୍ଧୁର ଆତ୍ମା ଆଜି

ଆମରି ଭିତରେ ଜନ୍ମ ନେବାକୁ ଆସିଛି ଧାଇଁ !

ମୁକ୍ତି ରଣେ, ଯୁକ୍ତ ପ୍ରାଣେ ଦିଅରେ ଝାସ,

ଆମରି ମୁହଁରେ ଉପୁଚି ଉଠୁ ସେ କରୁଣ ହସ ।

ହେଉ ଉଜ୍ଜିବୀତ ସେ କୋଟି କଙ୍କାଳ ଆଖିର ଲୁହେ,

ଉତ୍କଳମଣି ଚିର ଭାସ୍ୱର ବିଶ୍ୱ ମୋହେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦେହ



ନିତ୍ୟ ରଞ୍ଜନ ନନ୍ଦ

ହାଡ଼ ଉପରେ ମାଂସ
ମାଂସ ଉପରେ ପତଳା ଚମ
ଏଇଟା ହିଁ ଦେହ ।
ଦେହ ଅଛି ବୋଲି
ଭୋକ ଅଛି, ଶୋଷ ଅଛି
ରୋଗ ଭୟ ଲଜ୍ଜ୍ୟା ବି ଅଛି
ଦେହ ଅଛି ବୋଲି
ଖାଦ୍ୟ, ପାନୀୟ, ପୋଷାକ,
ଔଷଧ, ସୁରକ୍ଷା ଲୋଡା ପଡୁଛି ।
ଦେହ ଅଛି ବୋଲି ଦାହ ଅଛି
ଦେହ ପାଇଁ ଦେହର ଆକର୍ଷଣ ବି ଅଛି ।

ଆସିଲା ବେଳେ ଫୁଙ୍ଗୁଳା ଆସେ ଏ ଦେହ
ଗଲାବେଳେ ଖଣ୍ଡେ ନୂଆ ଲୁଗା
ତଥାପି ତାକୁ ସଜେଇବାକୁ ଆମର ଅସରନ୍ତି ମୋହ ।
ତାକୁ ଆକର୍ଷଣୀୟ କରିବା ପାଇଁ
ଅଜସ୍ର ଚିନ୍ତା ବିପୁଳ ଅର୍ଥଶ୍ରାଦ୍ଧ
ସତେ ଯେମିତି ଏ ଦେହଟା ଗୋଟାପଣେ ଆମର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହରେ ଅତର କିମ୍ବା ପାଉଡର ପକାଇଲା ବେଳେ
ଆମେ ଭାବୁନା ଏଇ ଦେହର ଝାଳରେ
ଉଷୁମୂଳିଆ ହୋଇଯିବ ଏସବୁ
ସୁନା ହାର ପକାଇଲେ ଭାବୁନା
କେତେଦିନ ଏ ସୁନା ହାରର ବୟସ ।
ସତରେ... କେତେଦିନ ପାଇଁ ଦେହ !
ପିଣ୍ଡରୁ ପ୍ରାଣପକ୍ଷୀ ଉଡିଗଲେ ଏକବାରେ ଠପ୍
ସ୍ୱାର୍ଥପର ପାଲଟିଯାଏ, ଊଁ କି ଚୁଁ କହେନା
ପ୍ରଶ୍ୱାସଟେ ନେବାର ଶକ୍ତି ରହେନା ଏ ଦେହରେ ।

ବିନା ଆଶ୍ରାରେ ତିଷ୍ଠି ପାରେନା ଦେହ
ସ୍ଥାନ, କାଳ, ପାତ୍ର ଆଧାରରେ ବାପା-ମାଆ, ସ୍ୱାମୀ-ସ୍ତ୍ରୀ
ପୁଅ-ବୋହୂଙ୍କ ପାଖରେ ସମର୍ପିତ ଏ ଦେହ ।
ଯଦି ସମର୍ପଣଟା ସତ୍ୟ ତେବେ ଆସନ୍ତୁ
ଈଶ୍ୱରଙ୍କୁ ସମର୍ପି ଦେବା ଦେହ ।
ଯଦିଓ ଜାଣିଛି ଶୁକ୍ରାଣୁ ଓ ଡିମ୍ବାଣୁର
ମିଳନରୁ ଦେହର ସୃଷ୍ଟି
ତଥାପି ବିଶ୍ୱାସ କରେ ଈଶ୍ୱର କାଳେ ସ୍ରଷ୍ଟା ଏ ଦେହର ।

ଡି.ଏଲ୍.ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୭୫୧୦୧୦, ଦୂରଭାଷ- ୯୪୩୭୨୧୭୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଗ୍ରତ ହୁଅ ଓଡ଼ିଆ



ସୁବ୍ରତ କୁମାର ପ୍ରଧାନ

ଇଟା ର ଜବାବ୍ ପଥରେ ଦେଇଛି
ମୋ ମାଟିର ବୀର ସୂତ
ଜାତକ ଦେଖିନି ପରାଜୟ କେବେ
ଆସୁ ଯେତେ କଷାଘାତ ।
ତା କୋଳେ ଲଭି ମୁଁ ଧନ୍ୟ
ମହାପ୍ରଭୁ ଏଠି ସଇନିକ ସାଜି
କଲେ କାଞ୍ଚି ଅଭିଯାନ ।୧ ।

ଗଙ୍ଗା ଗୋଦାବରୀ ପଦ ତଳେ ଯାର
ଅସୀମ ବୀରତ୍ୱ ପଣେ
ଚାଖି ରାଜଗୁରୁ ମଧୁ ଗୋପବନ୍ଧୁ
ସ୍ୱାଧୀନ ସଂଗ୍ରାମ ରଣେ ।
କଳିଙ୍ଗ ଯୁଦ୍ଧର ଗାଥା
ଚାଣ୍ଡାଳ ଯେଉଁଠି ଧର୍ମାଶୋକ ସାଜି
ପ୍ରଚାରଇ ନୀତିଶିକ୍ଷା ।୨ ।

ଚତୁଃପାର୍ଶ୍ୱେ ଆଜି ସୀମା ଆକ୍ରମଣ
ଘେରନ୍ତି ସୁଯୋଗ ନେଇ
ପଙ୍ଗୁ ଅଥର୍ବର ଅଭିନୟ କରେ
ସତେ ହିନବଳ ହୋଇ ।
ସମ୍ପର୍କ ଲାଗଇ ତୁଛ
ଲକ୍ଷ୍ମଣ ରେଖାର ଶେଷ ସୀମା ଡେଇଁ
ମନରେ ଭରୁଛି ବିଷ ।୩ ।

ଜାତିର ପ୍ରତୀକ ଓଡିଆ ଭାଷା ମୋ
ଗୁମରି କାନ୍ଦଛି ମନେ
ପାଶ୍ଚାତ୍ୟ ସଂସ୍କୃତି ଇଂରାଜୀ ଭାଷାର
ଆଦର ମଣନ୍ତି ଜନେ ।
ଜାଗ୍ରତ ହୁଅ ଓଡିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୂର୍ବପୁରୁଷର ଗାରିମାକୁ ଭୁଲି
କେମିତି ସହୁଛି ହିୟା ।୪ ।

ସଂସ୍କୃତି ଆଳରେ ଅପସଂସ୍କୃତିର
ନଗ୍ନତାର ସରହଦ
ଶୋଷଣ କଷଣ ଅତ୍ୟାଚାର ସ୍ୱାର୍ଥ
ଉଚ୍ଛାରୁଛି ଅପବାଦ ।
ଫସଲ ଖାଉଛି ବାଡ଼
ସ୍ୱାର୍ଥ ମଦିରାରେ କାମାନ୍ଧ ମଣିଷ
ଜୀବନ ଜିଅନ୍ତା ମଢ ।୫ ।

ଜାଗରେ ଓଡ଼ିଆ ହୃତ ଗୌରବକୁ
ଚିହ୍ନି ଆତ୍ମ ସ୍ୱାଭିମାନ
ସ୍ୱାର୍ଥ ତ୍ୟାଗି ସାଜି ଭାଇଚାରା ସୂତ୍ରେ
ସେବ ଉତ୍କଳ ଚରଣ ।
ମାତୃଭୂମି ମାତୃଭାଷା
ନିରତେ ପୂଜିଲେ ଜାତିର ଉନ୍ନତି
ପୂର୍ଣ୍ଣ ହେବ ଶେଷ ଇଛା ।୬ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସତ୍ୟର ସନ୍ଧାନେ...



ସେବକ ବସନ୍ତ
କୁମାର ମହାପାତ୍ର

ସତ୍ୟର ସନ୍ଧାନେ ଯେବେ  ସତ୍ୟବାଦୀ,
ଆଦର୍ଶକୁ ଖୋଜି ଖୋଜି ଆଦର୍ଶବାଦୀ ।
ବାଦ ଆଉ ବିବାଦର ଠିକ,
ମଧ୍ୟଭାଗରେ ଦଣ୍ଡାୟମାନ ।
ସମାଜର ନିର୍ମାଣ ପାଇଁ ସମାଜବାଦୀ,
ଯଥାର୍ଥ ଏବଂ ଅଯଥାର୍ଥର ଚିହ୍ନଟ ପାଇଁ ।
ଧାବମାନ ମନ ଯାନ,
ଆଲୋକ ଅନ୍ଧକାରର,
ଲୁଚକାଳି ଖେଳର ଖେଳାଳୀ ।
ଅଜ୍ଞାନରୁ ଜ୍ଞାନର ନିର୍ମାଣ ପର୍ଯ୍ୟନ୍ତ,
ଖାଲି ବୃଥା ବାହାସ୍ଫଟ ।
ତପିର ତପସ୍ୟା କାହା ହିତରେ,
ସମାଜେ ନା ସ୍ୱାର୍ଥରେ ।
ଯାହା ଦୃଶ୍ୟମାନ ପ୍ରାୟ ପ୍ରତୀତ,
ଅଦୃଶ୍ୟ ଅପ୍ରତୀତ ।
ପାପ ଠାରୁ ପୁଣ୍ୟ ପର୍ଯ୍ୟନ୍ତ,
ଶୁନ୍ୟ ଠାରୁ ପୂର୍ଣ୍ଣ ପର୍ଯ୍ୟନ୍ତ ।
ଭାବାବେଗ ଭାବବିହ୍ୱଳ ମନଯାନ,
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ,
ମିଶାଣ ଆଉ ଫେଡ଼ାଣର ଅଙ୍କ ଗଣିତ ।
ହରଣରୁ ଅର୍ପଣ ପର୍ଯ୍ୟନ୍ତ,
ଗୁଣନଖନ୍ଦା ଜୀବନର ।
ଅକ୍ଷମରୁ ସକ୍ଷମ ପର୍ଯ୍ୟନ୍ତ,
ଦୁର୍ବଳରୁ ସବଳର କୀର୍ତ୍ତିମାନ ।
ଗୌଣରୁ ପ୍ରମୁଖ ଏକଛତ୍ରବାଦ,
ହାହାକାର କ୍ଷୁଦାର୍ତ୍ତର ନିବେଦନ,
ରାଜନୀତିର ପେଟପୁରା ଅନ୍ନଦାନ ।
ତୃଷା ଠାରୁ ଜଳ ପର୍ଯ୍ୟନ୍ତ ପଥିକର ଗମନ,
ମାଟି ପାତ୍ରେ ନୀର ଆଉ ସ୍ୱର୍ଣ୍ଣ ପାତ୍ରେ ପାଣି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବିବେକ ଠାରୁ ବିବେକ ପର୍ଯ୍ୟନ୍ତ,

ଅନିର୍ଣ୍ଣୟ ଠାରୁ ନିର୍ଣ୍ଣୟର ଦ୍ୱାର ।

ଆତ୍ମ ଅତୃପ୍ତି ଠାରୁ ତୃପ୍ତି ସନ୍ତୋଷ,

ବିରସ ଠାରୁ ସନ୍ତୁଷ୍ଟିର ଦୂର ।

ବିଶ୍ୱାସଘାତ ଠାରୁ ବିଶ୍ୱସ୍ତର ସଂତାପ,

ଅପରିଚିତ ଠାରୁ ପରିଚିତ ।

ପୁରାତନ ଠାରୁ ନୂତନ,

ଧ୍ୱଂସ ଠାରୁ ସୃଷ୍ଟିର ନିର୍ମାଣ ।

ବିଷପାନ ଠାରୁ ଅମୃତର ସ୍ୱାଦ,

ଆତ୍ମହତ୍ୟା ଠାରୁ ଆତ୍ମ ଦରଦ ।

ଅହଂକାର ଠାରୁ ଓଁ କାର ପର୍ଯ୍ୟନ୍ତ,

ହିଂସା ଠାରୁ ଅଂହିସା ପରତ ।

ଶତ୍ରୁ ଠାରୁ ଶତୃଜିତ ,

ନିଷ୍ଠୁର ଠାରୁ ଦୟାଳୁ ପର୍ଯ୍ୟନ୍ତ,

ନାସ୍ତିକ ଠାରୁ ଆସ୍ତିକ.....................

ଶହୀଦ ତିଲକା ମାଂଝୀ ମେମୋରିଆଲ ହସପିଟାଲ

ଚନ୍ଦ୍ରପୁରା, ବୋକାରୋ, ଝାଡ଼ଖଣ୍ଡ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସିଲଟ



ଅମରନାଥ ବାରିକ

ପଢୁଥାଏ ମୁହିଁ ତା' ସାଥେ ପାଠ
ତା' ଯୋଗୁଁ ମୁଁ ପରା ହୋଇଛି ଚାଟ ।
ମାଟିରେ ଗଢ଼ା ତା' ଦେହ ପରା
ଚାରିଟି କାଠ କରେ ଆସରା ।
କଳା ରଙ୍ଗ ତା'ର ବଡ଼ ଚହଟ
ପଢାରେ ମୋର ସାଥି ସିଲଟ ।

ପଢୁଥାଏ ମୁହିଁ ତା' ସାଥେ ପାଠ
ଚାଟଶାଳା ଥିଲା ମୋହର ମଠ ।
ହାତରେ ଧରି ନିଇତି ବସେ
ଗଣିତ କଷେ ମନ ହରଷେ ।
ଭୁଲିଗଲେ ଖାଏ ଗୁରୁଜୀ ଛାଟ
ପଢାରେ ମୋର ସାଥି ସିଲଟ ।

ପଢୁଥାଏ ମୁହିଁ ତା' ସାଥେ ପାଠ
ଲେଖି ଲିଭାଏ କେଁ କରଟ ।
କଳା ଦେହଟି ଗୋରା ଚଅକ
ଶୂନରୁ ଏକ ପୁଣି ଅନେକ ।
ତା' ପାଇଁ ସରସ ଜୀବନ ହାଟ
ପଢାରେ ମୋର ସାଥି ସିଲଟ ।

ପଢୁଥାଏ ମୁହିଁ ତା' ସାଥେ ପାଠ
ଚାରିପଟେ ଥାଏ ଚାରିଟି କାଠ ।
ମିଶାଣ କରେ ଗୁଣ୍ୟକୁ ହରେ
ସଂଖ୍ୟାକୁ ଗୁଣେ ଫେଡାଣ ଫେଡେ ।
ଦେଖାଏ ସେ ମୋତେ ଉଚିତ ବାଟ
ସିଲଟ ଏ ମୋର ସାଥି ସିଲଟ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୯
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରୁଦ୍ଦିଷ୍ଟ ପ୍ରେମିକା



ସୁବ୍ରତ କୁମାର ଜେନା

ଏତେ କରି କହିଥିଲି,
ଟିପି ରଖ ହୃଦୟର କାଗଜରେ,
ନାଁ, ନଦୀ ଓ ସହର ମାନଙ୍କୁ,
ତୁ କଣ ଜାଣୁନୁକି ଏ ସହର ସାରା କାମାନ୍ଧଙ୍କ ଭିଡ଼,
ସାମାନ୍ୟ ଅସମାନ୍ୟତାରେ ଅନେକ ଅଘଟଣ,
ଦଳି ମକଚି ଫୋପାଡ଼ିଦେବେ ନହୁଲୀ ନିଶାରେ,
ପ୍ରତୀକ୍ଷଣ ଶୁଭେ ଚିତ୍କାର ବିଶ୍ୱାସ ଓ ଭରସାର ହତ୍ୟାରେ,
ଏମିତିରେ ଏତେ ସରଳପଣ ବୋକାମୀର କଥା,
ତୁ କହିଥିଲୁନା ଫେରିବୁ ବୋଲି,
ସେଇଦିନୁ ଅପେକ୍ଷାରେ ଭ୍ରାକ୍ରାନ୍ତ ପ୍ରେମିକଟେ ହୋଇ,
ଖୋଜିବୁଲେ ଇତସ୍ତତଃ ଅହରହ,
କେଉଁଠୁ କେବେ ତତେ ପାଇବା ଆଶାରେ ।

ମୁଁ ଜାଣିଥିଲି ନୀଳ ପ୍ରେମ ନିଆରା ବୋଲି,
ହେଲେ ସଖୀ ଦେଖୁନ ଏବେ ଏବେ ଫଗୁଣ ଆସିଛି,
ଚାରିଆଡେ ଆମ୍ବ ଚଣା ମହକୁଛି,
ଦୋଳ ବିମାନରେ ରସିକ ରାଜଙ୍କ ଜାତ,
ମୁଁ କିନ୍ତୁ ସେମିତି ଯନ୍ତ୍ରଣାରେ ପ୍ରବଂଚିତ ବାଟୋଇ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମକୁ ବାଟ ଦେଖାଇବାର ଥିଲା ଶପଥ,
ମୁଁ କିନ୍ତୁ ମୋ ବାଟକୁ ହଜାଇ ଦେଲି ଅବିଶ୍ୱାସର ଭିଡରେ ।

ଅନେକ ସମୟ ଲାଗେ, ଏ କେମିତି ଜୀବନ ?
କୂଟ କପଟତାର ଖେଳରେ ସବୁ ସ୍ୱାହା,
ସବୁଥାଇ ମାୟାରେ ମିଳେନି ବଞ୍ଚିବାର ସାହା,
ତଥାପି ଜାଣ ଗୋଟେ କଥା,
ତୁମେଯେ ସାଇତା ଜହ୍ନ ଆଲୁଅର ଛାଇ ହୋଇ,
ତୁମ ହସି କନ୍ଦାଇବାର ଅପେକ୍ଷାରେ ଆଜି ମୁଁ,
ଫେରି ଆସ ସଖୀ,
ଯେତେ ସବୁ ମାନ ଅଭିମାନକୁ ସମୁଦ୍ରେ ଫିଙ୍ଗି,
ଆଉଥରେ ଆଙ୍କିବା ନୂଆ ଜୀବନର ଚାରୁଚିତ୍ର,
ଭରିଦେବା ସବୁଠି ଭଲପାଇବାର ରଙ୍ଗ,
ଆଉ କେହି ହେବାନି ନିରୁଦ୍ଦିଷ୍ଟ କାହାଠୁ କେହି,
ସମ୍ପର୍କ ହେବ ଆମର ଯୁଗ ଯୁଗର,
ସଭିଏଁ କହିବେ ପ୍ରେମ ଅମର ପ୍ରେମ ଅମର ।।।

ଶୂରଡିହ,ନନ୍ଦିପୁର,ଯାଜପୁର
ଦୂରଭାଷ -୯୭୭୬୨୦୮୯୩୦ .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବାକୁ ଭାଗ୍ୟ ଦୋଷ

ବାଧିବାରୁ ବେଶି ବାଧ୍ୟ ହେଲି ଏଠି

କହିବାକୁ ଭାଗ୍ୟ ଦୋଷ



ତାରା ପ୍ରସାଦ ଜେନା

ବାଧିବାରୁ ବେଶି ବାଧ୍ୟ ହେଲି ଏଠି
କହିବାକୁ ଭାଗ୍ୟ ଦୋଷ
ବୟସଟା ଯାହା ଚିହ୍ନି ପାରିଲାନି
ଭଲ ମନ୍ଦ ଲୁହ ହସ
..........ବାଧିବାରୁ ବେଶି ବାଧ୍ୟ ହେଲି ଏଠି
କହିବାକୁ ଭାଗ୍ୟ ଦୋଷ ! ୦ !

ବଡ଼ ପଣ କରି ଆଖି ରଖିଥିଲି
ସବୁ ଆପଣାର ଭଜି
ଜାଣି ମୁଁ ନ ଥିଲି ପରଟାଏ ମୋତେ
କିଏ କରିଦେବ ଆଜି
ସ୍ୱାର୍ଥ ଦାଣ୍ଡଘରୁ ତଡ଼ାହେବି କାଳେ
ମିଳିଯିବ ଅପଯଶ
..........ବାଧିବାରୁ ବେଶି ବାଧ୍ୟ ହେଲି ଏଠି
କହିବାକୁ ଭାଗ୍ୟ ଦୋଷ ! ୧ !

ସାଧନାର ପ୍ରେମ ବାଛ ବିଚାରକୁ
ବିଶ୍ୱାସଟା ପୁଣି ଘୃଣା
ଭଲ ବାଟ ଆଉ ଠିକଣାକୁ ନାହିଁ
କରିଦେଲା ବାଟବଣା
ଅନ୍ଧ ଗଳିଟାରେ ଅନ୍ଧ ବାଟୋଇ ମୁଁ
ଆଲୋକଟା ଅବସୋସ
..........ବାଧିବାରୁ ବେଶି ବାଧ୍ୟ ହେଲି ଏଠି
କହିବାକୁ ଭାଗ୍ୟ ଦୋଷ ! ୨ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଅଭିଧାନେ ସୁଖ ଶବ୍ଦ ଖୋଜି

ପାଉନାହିଁ ଚିହ୍ନ ବର୍ଣ୍ଣ

ସ୍ୱାର୍ଥ ପାଇଁ ଆଜି ବେଙ୍ଗି ପିତଳ ମୁଁ

ଝଟକୁନି ଆଉ ସ୍ୱର୍ଣ୍ଣ

ଦୁନିଆର ମାୟା ବୁଝିବାର ଭାବ

ମୋହ ଠାରେ ବୋଧେ ଶେଷ

..........ବାଧିବାରୁ ବେଶି ବାଧ୍ୟ ହେଲି ଏଠି

କହିବାକୁ ଭାଗ୍ୟ ଦୋଷ ! ୩ !

ରଣପୁର(ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,

ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା

ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଲୁହର ଜନମ ନୁହଁ ଖାଲି ଝରିବାକୁ



ନୀଳମଣି ଚାନ୍ଦ

ଲୁହର ଜନମ ନୁହଁ ଖାଲି ଝରିବାକୁ
ଝରି ଝରି ନୟନରୁ ଶେଷେ ସରିବାକୁ ।

ସିଏ  କିଆଁ ଗଡ଼ିପଡ଼େ ମନ ଦୁଃଖ ଥିଲେ
ନୀରବରେ ବସି କିଏ ଅନୁତାପ କଲେ
ଦୁଃଖଶେଷେ କେବେ ଝରେ ସୁଖ  ଭରିବାକୁ ।

ପଢ଼ିପାରେ ଅନ୍ତରର  ଭାଷାଟିକୁ ପରା
ତା ବୁନ୍ଦାରେ  ପାରେ  ସିଏ ଭିଜେଇ ଯେ ଧରା
ଇଚ୍ଛାହୁଏ ଲୁହକୁ ମୁଁ ମିତ  କରିବାକୁ ।

ବୁଝିଥିଲା ଜାନକୀର ଅନ୍ତରର କୋହ
ଦେଖିଥିଲା ସଭା ମଧ୍ୟେ ଦୁଃଶାସନ  ଦ୍ରୋହ
ବେଶ୍‌ଜଣା କେବେକେବେ ନିଜେ ହାରିବାକୁ ।

କେତେବେଳେ ହୋଇଯାଏ ଭାରି ଆପଣାର
ପାଶେ ଆସି ଯାଉଥାଏ ଫେରି ବାରବାର
କିଏ ହସେ କିଏ ଥାଏ ଖାଲି ଥରିବାକୁ ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଜାପତି ଯେବେ ଫୁଲରେ ବସେ



ପ୍ରତିମା ମେହେର

ନଈ ପଠା ତଳ ପ୍ରେମ କାହାଣୀ
ସଞ୍ଜ ବେଳର ସେ ଗୋଧୂଳି ବେଳା
ଉଡୁଥିଲା ଯେବେ ପଣତ କାନି
ରଙ୍ଗ ମାଖୁଥିଲା ତୋ ନୀଳ ଆଖି

ମହୁଲି ନିଶାରେ ପ୍ରେମିକ ଗୋଟି
ଡୋଳିଥିଲା ଏକ ବିରହ ଗୀତି
ଦୂର ଗଗନରେ ଉଙ୍କି ମାରିଲା
ସୁନେଲି ରଙ୍ଗର ତାରା ହସିଲା

ଚୁପ୍ କିନା ଆସି ହାତରେ ମୋର
କିଏ ଦେଇଥିଲା ଚିଠିଟି ତୋର
ଜହ୍ନ ଆଲୁଅରେ ତୋ ଗୋରାଦେହ
ଲାଗୁଥିଲା ସତେ ଅପ୍ସରୀ ମୁହଁ

ଲାଖି ଯାଇଥିଲା ମୋ ଆଖି ଦୁଇ
ଲେଖାଥିଲା ଭାଷା ମନର ଯହିଁ
ପଢ଼ି ମନ ହେଲା ତୋ ପ୍ରେମେ ବାଇ
ଲଗାଇ ଓଠରେ ଗଲି ଯେ ଛୁଇଁ

ପ୍ରେମର ଚୁମ୍ବନ ଆଙ୍କି ମୁଁ ଦେଲି
ତୋ ମନ କଥାକୁ ପଢି ଯେ ଦେଲି
ମନେ ପଡ଼େ ଆଜି ଚଇତ ମାସେ
ପ୍ରଜାପତି ଯେବେ ଫୁଲରେ ବସେ

ପାଟଣାଗଡ଼, ଜି.ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ପଲ୍ଲୀପଥ



ଶଙ୍କର ବିଶ୍ୱାଳ

ଆକାଶର ସେହି ବିରଳ ମେଘରେ
ଗଗନ ରଖିଛି ଇନ୍ଦ୍ର ଜାଲ ,
କାଠଡଙ୍ଗା ପରି ଭାସିଗଲା ସିଏ
ପ୍ରକୃତି ଅଭିନ୍ନ କରନ୍ତ ।

ଯେବେ ବିରଳ ମେଘର ଗୋଲାପୀ ଛାଇରେ
ଆଲୋକିତ ହୁଏ ମୋ ଗ୍ରାମ,
ତରୁଣ, ବରୁଣ ଅର୍ଦ୍ଧ ଜୀର୍ଣ୍ଣକୀର୍ଣ୍ଣ
ତୃଷାରେ ଜାଳେ ହୃଷଣ ।

ଯେବେ ସୁବର୍ଣ୍ଣ ସ୍ରୋତରେ
ପର୍ବତ ଭିତିରେ ଅଟକି ଯାଏ ଗଗନ ,
ସବୁଜ କ୍ଷେତର ନୀଳ ଆସ୍ତରଣରେ ଯେ
ତୃଷାନଳପାଳଟେ ମନ ।

ଯେବେ ଭ୍ରମଣ କରିବ ମୋ ଗ୍ରାମ ପ୍ରକୃତି
ପରଳେ ରଖିବ ସତେ ,
ନଭୁଲି କେବେ ବି ମନେ ପକାଇବ
ସୂଦୁର ଶୈଳୀକୁ ଯେତେ ।

ଯେବେ ପଲ୍ଲୀ ପକୃତିର ସୁରୁଜ
ପୁରୁବ ଉଦୟ ହୁଏ ,
ପକୃତି ସେତିକି ଲାଜେଇ ଯାଇ
ପାହାଡରେ ଲୁଚି ଯାଏ ।

ଯେବେ ତରୁଣ ସୁନ୍ଦରୀ କୁଞ୍ଜୀ ବଖାଣିକି
ପାଞ୍ଜିଆରେ ମାଖିଥାଏ ,
ତାର ଭାଣ୍ଡିବା ଦେଖିକି ଯୁବଗୋଷ୍ଠି ତାକୁ
ଆପ୍ୟାୟିତ କରିଯାଏ ।

ଯେବେ ତରୁଣୀର ଛାର୍କାଟ୍ ମାଖେ
ଗରୁଣ୍ଡି ଗୁରୁଣ୍ଡି ଚାଲେ ,
ଚରୁଣ ପୁଅ ଯେ ପ୍ରେମ ତୃଷିତରେ
ନିରୋଳୀକି ହେଉଥାଏ ।

ଗୁଡ଼ିଆଳୀ, କବିସୂର୍ଯ୍ୟ ନଗର ,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନମୟୀ



ନିରଞ୍ଜନ ସାହୁ

ଗଭୀର ରାତିର ବହଳ ନିଦରେ
ସ୍ୱପ୍ନେ ଯେବେ ତୁମେ ଆସ
ସପନ ହୁଅଇ ରଙ୍ଗୀନ ରଙ୍ଗୀନ
ବାସୁଥାଏ ଚଉପାଶ ।

କେବେ ମଧୁଶଯ୍ୟା ମଧୁଯାମିନୀରେ
ଅବଗୁଣ୍ଠନରେ ଥାଅ
କେବେ ବୀଣାଜିଣା କଣ୍ଠସଙ୍ଗୀତରେ
ପ୍ରଣୟର ଗୀତ ଗାଅ
କେବେ ଏକାନ୍ତରେ ମୋହରି ସାଥିରେ
ଚୁପି ଚୁପି ହୋଇ ଭାଷ ।

କେବେ ରାଗିଥାଅ, କେବେ ରୁଷିଯାଅ
କେବେ ଅଭିମାନ କର
କେବେ ଭାଙ୍ଗିଯାଏ ସପନ ମୋହର
ଚୁନା ହୁଏ ସୁନା ଘର
କେବେ ଧରାଦିଅ, କେବେ ଦୂରେ ଯାଅ
କେବେ ଢାଳ ସ୍ମିତହାସ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ :— ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗାଆଁ ସ୍କୁଲ୍



ସରୋଜ କୁମାର ସାହୁ

ଦେଖିଲେ ସୁନ୍ଦର ଲାଗେ ମନୋହର
ଆମ ଗାଆଁ ସ୍କୁଲ ହତା
ସାମନାରେ ତାର ରହିଛନ୍ତି ବସି
ପୀଠେ ସରସ୍ୱତୀ ମାତା ॥

ଚର୍ତୁପାର୍ଶେ ତାର ବିରାଟ ପ୍ରାଚୀର
ରହିଛି ସବୁକୁ ଘେରି
ଗୁରୁମା' ଗଢନ୍ତି ଶିଶୁଙ୍କୁ ଯତ୍ନରେ
ଆଦର୍ଶ ମଣିଷ କରି ॥

ନିତି ସାରକଥା ଶିଖାନ୍ତି ଗୁରୁମା'
ଛବିକୁ ପାଖରେ ରଖି
ଭବିଷ୍ୟତ ସ୍ୱପ୍ନ ପଚାରି ବୁଝନ୍ତି
ଆଖିରେ ସ୍ୱପ୍ନକୁ ମାଖି ॥

ଟଗର ମନ୍ଦାର ଆମ୍ବ ତାଳଗଛ
ହୋଇଅଛି ସେଠି ଲଗା
ଖେଳକୁଦ ପାଇଁ ରହିଛି ପଛକୁ
ବିସ୍ତୀର୍ଣ୍ଣ ଘାସୁଆ ଜାଗା ॥

ଘରସାରା ଅଙ୍କା ହୋଇଛି ଟାଣୁଆ
ସ୍ୱାଧିନ ନେତାଙ୍କ ଛବି
ବାଘଭାଲୁ ଚିତ୍ର ଗଣେଶ ଶ୍ରୀରାମ
ଅବା କାଳିଦାସ କବି ॥

ମଧ୍ୟାହ୍ନ ଭୋଜନ ହୁଏ ପ୍ରତିଦିନ
ପୃଷ୍ଟିକର ଭାବେ ରନ୍ଧା
ସାନଠାରୁ ବଡ ସଭିଏଁ ଯେମିତି
ସ୍ନେହ ପ୍ରେମରେ ବନ୍ଧା ।

ଖୁଣ୍ଟୁଣୀ, ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ କବିତା



ସୁରେଶ୍ ଚନ୍ଦ୍ର ପାଢ଼ୀ

ମୋ କବିତା ଜୀବନ ମୋର

ମୋ କବିତା ପରିଚୟ ମୋର

କବିତା ପାଇଁ ମୁଁ ବଞ୍ଚିଛି

କବିତା ପାଇଁ ତ ସମ୍ମାନ ଲଭୁଛି

କବିତା ମୋ ଦୁଃଖ ନେଇ ଯାଏ

କବିତା ମୋ ମନ କଥା କୁ ଲେଖି ଦିଏ

କବିତା ମୋ ଆତ୍ମା ର ଭାଷା କହୁଛି

କବିତା ମୋତେ ଆଗକୁ ନେଉଛି

କବିତା ପାଇଁ ମୁଁ କେତେ କଥା

ଜାଣୁଛି

କବିତା ପାଇଁ ଆଜି ସବୁ ସ୍ଥାନ କୁ ଯାଉଛି

କବିତା ମୋ ଦୁଃଖକୁ ବୁଝୁଛି

କବିତା ମୋତେ ବଞ୍ଚିବାର ରାହା ଦେଉଛି

କବିତା ମୋ ଅନୁଭବ ରୁ ଆସେ

କବିତା ମୋ ପ୍ରତି ରକ୍ତ ବିନ୍ଦୁ ରେ ବସେ

କବିତା ଲେଖିବା ମୋ ନିଶା ହୋଇଛି

କବିତା ମୋ ମାନସ କନ୍ୟାରୂପେ ଜନ୍ମ

ନେଉଛି

କବିତା ମୋ ହୃଦୟ ରୁ ଝରି ପଡୁ ଥାଉ

କବିତା ମୋ କାଳଜୟୀ ହୋଇ ଚିରଦିନ ରହୁ

କବିତା ପ୍ରତି ପାଠକକୁ ସ୍ପର୍ଶ କରୁ ମୋର

କବିତାର ପ୍ରତି ଧାଡି ହୃଦୟସ୍ପର୍ଶୀ ହେଉ ମୋ

ଶ୍ରୋତାଙ୍କର

ବୁଗୁଡ଼ା,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ



ଦେବାର୍ଚ୍ଚନ
ମେହେର

କି ଭାବେ ସୃଷ୍ଟି କର୍ତ୍ତା
ଗଢ଼ିଲେ ତୁମକୁ,
ଆସିଲ ଏ ଧରଣୀ
ରାଣୀଙ୍କ କୋଳକୁ । ।

ପ୍ରଭୁଙ୍କ ମସ୍ତକେ, ଗଳାରେ, ପଦ୍ମରେ
ସର୍ବଦା କରିଲ ବାସ,
ତାଙ୍କରି ସେବାରେ
ନିଜ ପ୍ରାଣକୁ କରିଲ ଶେଷ । ।

ଏତେ ଭଲ ପାଇବା
ଦେଲ ଯେ ଲୋକଙ୍କୁ,
କିଏ ବା ମୁଣ୍ଡରେ କିଏ ବା କର୍ଣ୍ଣରେ
ଖୋସେ ଖୁସି ମନେ ତୁମକୁ । ।

ଆହା କି ସୌନ୍ଦର୍ଯ୍ୟ
ଦିଶଇ ତୁମ ଶରୀର,
ପ୍ରଭୁ ସଦା ତୁମକୁ
କରିଲେ ଆଦର । ।

ଆଉ ଗାଇବି ତୁମରି
କେତେ ଗୁଣ,
ଯେତେ ଗାଇଲେ
ନ ସରିବ ଜାଣ । ।


ଫୁଲ ବଗିଚା ଦେଖି
ବିଚଳିତ ମନ ଶାନ୍ତ ହୋଇଯାଏ,
ଫୁଲର ଚୁମ୍ବନ, ମୋହକ ପାଇ
ମନ ମୋହି ନିଏ । ।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳୀୟ ମାଟି



ତ୍ରିନାଥ ନନ୍ଦୀ

ଏ ମାଟି ଆମ ମାଆ ମାଟି,
ସ୍ନିଗ୍ଧ ଉତ୍କଳୀୟ ଏ ମାଟି ।।

ଆମେ ଯେ ତା କୋଳର ପ୍ରାଣୀ ,
ବୁକୁରେ ସେ ଦେଇଛି ପ୍ରାଣ ।।

ଏଇ ଯେ ଆମ ଉତ୍କଳୀୟ
ତା କାୟା ଯେ ସଂସ୍କୃତି ମୟ ।।

ଉଡ୍ର ଓଡ୍ର ନାମ ଛାଡି ଯେ ,
ଉତ୍କଳ କଳିଙ୍ଗ ଗାଏ ଯେ ।।

କାୟା ତାଯେ ପବିତ୍ର ସମ ,
ସାଥେ ବୀର ବିରତ୍ୱ ସମ ।।

ଭାଷା ଯେ ତା'ର ସାଂସ୍କୃତିକ ,
ନୃତ୍ୟ ଯେ ତା'ର ଅଲୌକିକ,

ମଧୁବାବୁ ଯେ ତାରି ପ୍ରାଣ ,
ଇତିହାସ ଦିଏ ପ୍ରମାଣ ।।

ପାଇକ ଏ ମାଟି ବିଦ୍ରୋହ ,
ସାଇତା ଆଜି ତା ବିଦ୍ରୋହ ।।

ଉତ୍କଳୀୟ ମନେ ତା ବଳ ,
ଜାଗିଛି ମନେ ଆଶା ବଳ ।।

କେତେ ଯେ କିର୍ତ୍ତୀରାଜି ତାର ,
ପାଦେ ମୁଁ କରୁଛି ବିଚର ।।

ଜଗତକର୍ତ୍ତାର ଏ ସ୍ଥାନ ,
ସାଜେ ସେ ଜଗନ୍ନାଥ ମୟ ।।

ତାହାରି ହସ ଆମ ଶ୍ୱାସ,
ତାରି ଦୁଃଖ ଆମ ନିଶ୍ୱାସ ।।

ଉତ୍କଳ ଦିଏନା ପିଡନା ,
ଦୁଃଖ ପାଇଁ ଏ ଆଶ୍ୱାସନା ।।

ଏ ମାଟି ଆମ ମାଆ ମାଟି ,
ସ୍ନିଗ୍ଧ ଉତ୍କଳୀୟ ଏ ମାଟି ।।

ଦେଉଳିପଞ୍ଝୁଘଣ୍ଟା ଜଳେଶ୍ୱର, ବାଲେଶ୍ୱର,
ମୋ-୮୧୧୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୋଳ ପରବ



ନିଶିଥ୍ ଚକ୍ରବର୍ତ୍ତୀ

ଆହା କି ସୁନ୍ଦର ଦେଖ ଗୋ ସଙ୍ଗାତ
ରାଧାଗୋବିନ୍ଦ ଙ୍କ ଦୋଳ ପରବ ,
ମନ ନିଏ କିଣି ଭକ୍ତି ହୁଏ ବୁଣି
ଦେଖି ଯୁଗଳ ମୁରତିଙ୍କ ବେଶ ।
ମୋ ଗାଁରେ ହୁଏ ଭାଗବତ ସପ୍ତାହ
ତଥା ନବପଞ୍ଜିକାର ପଠନ ,
ପାରାୟଣ ବଢେ ଗୀତାଯଜ୍ଞ ହୁଏ
ହରିହାଟେ ହୁଏଇ ଅନ୍ନଯଜ୍ଞ ।
ବଡ଼ ମନୋରମ ତା ବାଙ୍କଚାହାଣୀ
ଦୋଳବିଭାନେ ମୋ ରାଧାଗୋବିନ୍ଦ ,
ଆମ୍ବବଉଳ ଯେ ବାସେ ମହମହ
ମୋହୁଥାଏ ରାଧାବଲ୍ଲଭ ହୃଦ ।
ଫଗୁଖେଳ ହୁଏ ଅଭିର ମୁଠାରେ
ଗୁରୁଜନ ପାଦେ ଅରପି ରଙ୍ଗ ,
ମୋ ସଂସ୍କୃତି କୁହେ ସନାତନ ଗାଥା
ଭାଇଚାରାର ପରବ ଯେ ଦୋଳ ।


ଭୋଗ ଖାଏ କାହ୍ନୁ ସବୁ ଘରୁ ଯାଇ
ଲିପାପୋଛା ହୁଏ ଦାଣ୍ଡଦୁଆର ,
ଧୂପଦୀପ ଦେଇ ନୈବେଦ୍ୟ ନିବେଦି
ଭକ୍ତିରେ ଅରଚୁ ଛନ୍ଦା ଚରଣ ।
ମେଲଣ ପଡ଼ିଆ ଉଠିପଡୁଥାଏ
ବିଭାନରେ ପୂର୍ଣ୍ଣ ବହୁ ଗ୍ରାମର ,
ଭଜନ କୀର୍ତ୍ତନ ବାଡ଼ି ଖେଳ ହୁଏ
ପରମ୍ପରା ବାନା ଉଡ଼େ ଫରଫର ।
ବହଳ ଭିଡ଼ରେ ସାଙ୍ଗସାଥୀ ଦେଖା
ରୋମନ୍ଥନ ହୁଏ ସ୍ମୃତି ଗୁଡ଼ିକ ,
ଅପେକ୍ଷା ବି ଥାଏ ସବୁ ବରଷକୁ
ମନ ମୋ କୁହେ ଜୟ ରାଧାକୃଷ୍ଣ ।

ଇ-ମେଲ୍: nisith.imit@gmail.com
କାହ୍ନାଇ ଭବନ, ଗୁଲନଗର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଋତୁ ଏକ ସମସ୍ୟାର



ଡଃ ଜ୍ୟୋତ୍ସ୍ନା ମିଶ୍ର

ଜୀବନ ଭିତରେ ଯନ୍ତ୍ରଣା ଅଧିକ,
ଏବେତ ସମସ୍ୟା ଦିଶୁଛି ଅନେକ,
ଖୋଜେ ଏ ମାଟିରେ ଟିକିଏ ଆଲୋକ ।
କୁଆଡେ ଯେ ଗଲା ମିଳେନି ବିବେକ ।

ନିଜ ମାଟିରେ ସେ ଅଲୋଡା ଅଖୋଜା
କେମିତି ସହିବ କେତେଯେ ଏ ସଜ୍ଜା ।
କାଉଁରିଆ କାଠି ଭାଙ୍ଗିଗଲା ପରି
ନିରବେ କାନ୍ଦିବ ଗୁମୁରି ଗୁମୁରି ।

ନିଜ ମୁଲକରେ ସ୍ଥାନ ନାହିଁ ଯେଣୁ,
କି ହେବ ପ୍ରଚୁର ଧନ ଥିଲେ ତେଣୁ
ଯେତେ ଥିଲା ଶିକ୍ଷା, ପୁଣି ସେ ଜୀବିକା
ଅଧିକାର ନାହିଁ, ନିଜମାଟିରେ, ସେ ଏକା

ନିଜ ଦେଶ ଯଦି ପରାଧୀନ ହେଲା,
ଶାନ୍ତି ପୂର୍ଣ୍ଣନିଦ ଆଖିରୁ ହଜିଲା
ଗୁଳି ଓ ବନ୍ଧୁକ ଶବ୍ଦ ହେଲା ଭାରି
ଲୋଲୁପ ଦୃଷ୍ଟିରେ ରହିଛି ଶିକାରୀ ।

ମଣିଷପଣିଆ ହାରିଯାଏ ଏଠି,
କରିବା ନି ଯଦି ମନକୁ ଏକାଠି ।
କିଏ ବଞ୍ଚିଯିବ, କିଏ ହଜିଯିବ,
ଦେଶ ଲାଗି କିଏ ଜୀବନଟା ଦେବ ।

ନିଜ ଦେଶ ଛଡା ସାଥି ନାହିଁ ଆଉ
ଦେଶପାଇଁ ଯଦି କିଛି କରିଥାଉ,
ଯିବା ନାହିଁ ଏଠୁ ଛାଡି ଆନ ଦେଶ,
ନିଜ ମାଟିମା' ପାଖେ ମିଳେ ଯେ ସନ୍ତୋଷ ।

ବାଙ୍କୀ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଗୁଣର ସ୍ୱପ୍ନ



ଡଃ ମାଙ୍ଗଳିକା ମହାପାତ୍ର

ଆସିଲ ସାଥୀ ତୁମେ
ଫଗୁଣର ରଂଗ ନେଇ
ସେଇ ରଙ୍ଗରେ ଦେଲ
ଦେହ ଆଉ ମନକୁ ଭିଜେଇ...

ବେରଙ୍ଗ ଥିଲା ଏ ଜୀବନ
ଭରିଲ ସେଥିରେ  ସପନ
ଦେଖି ସେ ସୁନ୍ଦର ସପନ
ମତୁଆଲା ହେଇଗଲା ମନ...

ସତରେ ମ.. କାହିଁ ଥିଲ ତୁମେ
ଆସିଲ ଏତେ ଡେରିରେ ଜୀବନେ
ସ୍ୱୀକାରିଲି ତୁମକୁ ଏଇ ମନେ
ସାମିଲ୍ କଲି ତୁମକୁ ମୋ ସପନେ...

ମନ ଅଗଣାରେ ଫୁଟାଇଲ ଫୁଲ
ହେବେ ନାହିଁ କେହି ତୁମ ତୁଲ
ଅଜାଣତେ ତୁମକୁ ପାଇଗଲି ଭଲ
ତୁମ ସାଥେ ମିଳିଗଲା ଜୀବନର ମୂଲ..

ଅଛଡା ଏଇ ପ୍ରେମର ରଙ୍ଗ
ଅଭୁଲା ସଦା ସାଥୀ ତୁମ ସଙ୍ଗ
ଏତେ ଭଲପାଇବାରେ ଗଢା
ସମ୍ପର୍କକୁ କରିବନି ଗୋ ବେରଙ୍ଗ

ଦେଇଛ ଏ ଜୀବନେ ପରିପୂର୍ଣ୍ଣତା
ଭରିଛ ସେଥିରେ ଆନ୍ତରିକତା
ଅଛି ତହିଁ ଭାବନାର ସ୍ୱଚ୍ଛତା
ଅକପଟ ସ୍ନେହର ପବିତ୍ରତା...

ରେଭେନସା ବିଶ୍ୱବିଦ୍ୟାଳୟ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୋଲିଲି ଯେବେ ଆଖି ମୁଁ ପ୍ରଥମ



ସୁଶ୍ରୀ ସିମ୍ରନ
ଦେହୁରୀ

ଖୋଲିଲି ଯେବେ ଆଖି ମୁଁ ପ୍ରଥମ
ପ୍ରଥମେ ଦେଖିଲି ତୋହରି ମୁହଁ
ମୁହଁରୁ ମୋର ପ୍ରଥମ ଶବ୍ଦ
ଥିଲା ଡାକ ବୋଉର
ପ୍ରଥମ ଖାଦ୍ୟ ପେଟକୁ ଗଲା
ତୋର ସେଇ ଅମୃତ କ୍ଷୀର
ଦୁନିଆକୁ ଆସି ପାଇଲି
ପ୍ରଥମ ସ୍ପର୍ଶ ତୋ ହାତର
ପ୍ରଥମ ଆଶୀର୍ବାଦ ଦେଇଥିଲୁ ତୁ
ହୁଏ ମୁଁ ଭଲ ମଣିଷ
ପ୍ରଥମ ଝଗଡା ଥିଲା ତୋ ସହ
ଗାଳି ବି ପ୍ରଥମ ଶୁଣିଥିଲି ତୋ ଠାରୁ
ଗୁରୁ ସାଜି ମୋର ପ୍ରଥମ ଅକ୍ଷର
ଲେଖାଇଥିଲୁ ତୁ ଧରି ମୋର ହାତ
ପୋଛି ଦେଇଥିଲୁ ପଣତ କାନିରେ
ଝରିଥିବା ମୋ ପ୍ରଥମ ଲୁହ
ପ୍ରଥମେ ଚାଲି ଶିଖିଥିଲୁ ବୋଲି
ନିର୍ଭୟରେ ଆଜି ଚାଲିଛି ବାଟ

ପଖାଳ ଭାତକୁ ଶାଗ ବଡ଼ିଚୁରା
ତା ସହ ତୋ ହାତର ପରସା
ସତ କହୁଛିଲୋ ବୋଉ
ଖାଏ ନଖାଏ ମନେପଡିଗଲେ ପେଟ ପୂରିଯାଏ
ହାତରେ ମୋର ଧରିଇଥିଲୁ
ପ୍ରଥମ ପଇସା କରିବି ବୋଲି କିଛି ଖର୍ଚ୍ଚ
ପ୍ରଥମ ଦରମା ତୋତେ ଦେଇଥିଲି
ହେବ ବୋଲି ତୋ ମନ ଆନଂଦ
ପ୍ରଥମେ ସବୁ ଦେଇଛୁ ମୋତେ ତୁ
ବୋଉ ତୋ ସମର୍ପଣ ମହାନ
ଯାହା ବି କରିଲେ ଅସମ୍ପୂର୍ଣ ହେବ
ଭରିବ ନାହଁ ତୋ ସ୍ନେହ ର ମୂଲ୍ୟ
ଜାଗା ଠାରୁ ତୋତେ ପ୍ରଥମେ ପୂଜିବି
ଥିବା ଯାଏଁ ଏ ଜୀବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛ



ପ୍ରିତିଶ କୁମାର

ତୁମେ ମୋତେ
ବ୍ଲକ୍ କଲା ପରେ
କାରଣ ନକହି
ଛାଡ଼ି ଗଲା ପରେ,
ତୁମକୁ ନୂଆ କେହି
ମିଳିଗଲା ପରେ
ଜୀବନ ସହ ଲଢେ ମୁଁ
ହେଲେ ପ୍ରତିଥର ହାରେ
ହଁ ମୁଁ ପ୍ରତିଥର ହାରେ ।

ହାରେ ତୁମ ମିଛ ପ୍ରେମ ଆଗରେ
ହାରେ ତୁମ ମିଥ୍ୟା ପ୍ରତିଶ୍ରୁତି ଆଗରେ
ହାରେ ତୁମ ମିଛ ଚୁମ୍ବନ ଆଗରେ
ହାରେ ତୁମ ମିଛ କୋଳାଗ୍ରତ ଆଗରେ

ହାରେ ହାରେ ହାରେ
ବାର୍ ବାର୍ ହାରେ
ତୁମ ମିଛ ଲୁହ ଗଡା ଆଖିରେ ।

ହାରେ  ତୁମ ମିଛ ଗଳ୍ପ ମାନ ଆଗରେ
ହାରେ ତୁମ ମିଛ ସମ୍ପର୍କର ଆଗରେ
ହାରେ ତୁମ ମିଛ ଛୁଆଁ ଛୁଇଁ ଆଗରେ
ହାରେ ତୁମ ମିଛ ରାଗ ରୁଷା ଆଗରେ
ହାରେ ,ମୁଁ ହିଁ ହାରେ
କେବଳ ମୁଁ
ହଁ କେବଳ ମୁଁ ହିଁ ହାରେ
ତୁମ ମିଛ ପ୍ରେମ ପ୍ରୀତି ଆଗରେ ।

କଟକ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଳ୍ପ ନାୟିକା



ପୁଷ୍ପାଞ୍ଜଳି ପଣ୍ଡା

ମୁଁ ଯେ ଏକ ଅଧା ଗଳ୍ପ ନାୟିକା
ତୁମେ ଶ୍ରେଷ୍ଠ କଥାକାର
ଏମିତି କାହିଁକି ପ୍ରେମ ପ୍ରଣୟରେ
କର ମତେ ହତାଦର,
ଗଳ୍ପ ନାୟିକା ପାଇଁ
ନାୟକ ସଙ୍ଗ ନାହିଁ !
ଦୁଃଖ ଦୁର୍ଦ୍ଦଶା ପାରାବାର । ।
ବସନ୍ତ ଦେଖାଏ ବୈଶାଖ କୋପ
ଖଳ ନାୟକ ରୂପରେ
ବନ୍ଧୁ ପରିଜନ ମିଠା କଥା କହି
ଛୁରି ଭୁସନ୍ତି ପେଟରେ
କାହାଣୀ ଗତିକୁ ଦେଖି
ତୁମେ ବୁଜି କାହିଁ ଦିଅ ଆଖି
ଶେଷ ଅଙ୍କ ପୁର୍ଣ୍ଣ ବିଚ୍ଛେଦରେ । ।

ମିଠା ଖଟା ରାଗ ଜୀବନ ସୁଆଦ ଭରି
ହସର ଖୋରାକ ଢେର  ଯୋଗାଡ଼ କରି
ଦର୍ଶକ ମଜାପାଇଁ
ନାୟିକା ର କ୍ଷୋଭ ନାହିଁ
ଯାହା କଲମରେ ଉତାରୁଛ । ।
କେବେକିଛି ଦେଇନାହିଁ କିବା
ଅଭିମାନ ଅଭିଯୋଗ ନାହିଁ
ତୁମରି କଲମ ମୁନର  ହାତର
ସାଜେ ମୁଁ ଖେଳ କଣ୍ଢେଇ
ତୁମେ ଚିତ୍ରକାର ସାଜି
ରଙ୍ଗ ବୋଳିଥାଅ ବାଛି ବାଛି
କହିବାକୁ ବାଟ ଅବା କାହିଁ
ଖୁସି ମିଳେନି ହୁହୁର୍ତ୍ତ ପାଇଁ । ।

ଷ୍ଟାଟିଷ୍ଟିକାଲ୍ ଅଫିସର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଭାରି ମନେପଡ଼



ବାଲାଜୀ ସେଠୀ

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,

ଫଗୁଣର ରଙ୍ଗ ଦୋଳିରେ,,,

ବଉଳର ଆଦ୍ର ସୁଗନ୍ଧରେ,,,

ପଳାଶର  ରକ୍ତ ପାଖୁଡ଼ାରେ,,,

ପ୍ରଜାପତି ଉଡନ୍ତା ଡେଣାରେ,,,

ଭଅଁରର ମଧୁ ଗୁଞ୍ଜନରେ,,,, । ।

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,

ସକାଳର ଶିଶିର ବିନ୍ଦୁରେ,,,

ମଧ୍ୟାହ୍ନର ଉତ୍ତପ୍ତ ମନରେ,,,

ଗୋଧୂଳିର ବିଶ୍ରାନ୍ତ କୁଞ୍ଜରେ,,,

ପ୍ରତିକ୍ଷିତ ବାସର ଲଗ୍ନରେ,,,

ନିଦମଳା ପାହାନ୍ତି ସ୍ୱପ୍ନରେ,,, । ।

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,

ଏକାକିତ୍ୱ ନିରୋଳା ମୁହୂର୍ତ୍ତରେ,,,

କବିତାର ପ୍ରତ୍ୟେକ ପଂକ୍ତିରେ,,,

ସ୍ମୃତିଝରା ପ୍ରଣୟ ପୁଲକରେ,,,

ଆବେଗର ପତଳା ସ୍ପର୍ଶରେ,,,

ଆନମନା ସୂକ୍ଷ୍ମ ଭାବନାରେ,,, । ।

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,

ମଳୟର ନଗ୍ନ ତୂଳିକାରେ,,,

ଅବିରର ମଗ୍ନ ଧୂଳିକାରେ,,,

ଚନ୍ଦ୍ରମାର ମୁଗ୍ଧ ଆଲୁଅରେ

ଜୋଛନାର ସ୍ନିଗ୍ଧ କଣିକାରେ,,,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୋଇଲିର କୁହୁକ ମନ୍ତ୍ରରେ ,,, । ।

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,

ବହଳିଆ ନିଦର ଚଟାଣରେ,,,

ଗହଳିଆ ସ୍ୱପ୍ନର ଜଉଘରେ,,

ସେଫାଳିର ମିଠା ସ୍ପନ୍ଦନରେ,,,

ଶିଉଳିର ଶେଷ କ୍ରନ୍ଦନରେ

ଅଙ୍କୁରର ଆଦ୍ୟ ପଲ୍ଲବରେ,,,

ମନେ ପଡ଼ ତୁମେ,,,

ଭାରି ମନେ ପଡ଼,,,. । ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଥାପି ତୁମେ ମୋର



ଆଦରମଣି ପ୍ରଧାନ

ସବୁ ଦୁଃଖ ପଠାଇ ଦେଇଛି
ଆଞ୍ଜୁଳାଏ ଲୁହ ତର୍ପଣରେ,
ଅବଶୋଷ ଅବରୁଦ୍ଧ ଆଜି
ମୋ ଛାତିର ବନ୍ଦ କୋଠରୀରେ,
ଜୀବନରେ ମନ ଖୋଲି ପରା
ଯେତେ କମ ମୁଁ ହସିଛି,
ହୃଦୟର ଆବେଗକୁ ମୋର
ଅବସାଦେ ଚାପି ଯେ ଦେଇଛି,
ପାଣିକୁ ମୁଁ  ତ ବଢାଇନି ପାଦ
ପହଁରା ଶିଖିନାହିଁ ବୋଲି,

ଚାନ୍ଦ ପାଇଁ ଆଶା ମୁଁ କରିନି
ଉଡିବା ଜାଣିନାହିଁ ବୋଲି,
କରିନାହିଁ ତୁମକୁ ମୁଁ ପ୍ରଶ୍ନ
ଉତ୍ତର ପାଇବିନି ଜାଣି ,
ତଥାପି ତମେ ମୋର
ଅତି ସମ୍ମାନନୀୟ,
ରହିଥିଲ, ରହିଅଛ, ରହିଥିବ,
ତୁମ ପ୍ରତି ମୋ ମନରେ ପ୍ରେମ
କେବେ ହେଲେ ଊଣା ନ ହୋଇବ । ।

ଆଦର ମଣି ପ୍ରଧାନ, (ଗୋଲାପୀ)
ଚାନ୍ଦବାଲି, ଭଦ୍ରକ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀରୁ ସେବିକା ଯାଏଁ



ଚିନ୍ମୟ ଶୁଭ୍ରାଂଶୁ ସିଂହ

ଛୋଟରୁ ଆରମ୍ଭ କରି
ଜୀବନର ଶେଷ ଯାଏଁ,
ସମସ୍ତଙ୍କ ସେବା କରି
ଜୀବନ ମୋ ସରିଯାଏ ।

ମା' ରୂପରେ ମୁଁ ହାତେ
ସେନେହର ମଲମରେ,
ସେବା କରିଥାଏ ମୋର
ପିଲାପିଲିଙ୍କର ଆନନ୍ଦରେ ।

ପତ୍ନୀ ରୂପେ ହାତେ
ସାତ ଜନମର ଭାର,
ସେବା କରିଥାଏ ମୁଁ ଯେ
ପ୍ରାଣ ପ୍ରିୟ ସ୍ୱାମୀଙ୍କର ।

ଭଗିନୀ ରୂପରେ ମୁଁ ଯେ
ସେନେହର ଡୋରି ଦେଇ,
ସେବା କରେ ସଭିଙ୍କର
ଆଦର ଭଲପାଇବା ଦେଇ ।

ହାତରେ ଧରି ଝାଡୁ ଝୁଡ଼ି
ଆଉ କୋଦାଳ ତା' ସାଙ୍ଗେ,
କରେ ପୃଥିବୀକୁ ଆବର୍ଜନା ମୁକ୍ତ
ରଖେ ତାକୁ ତା' ନିଜ ରଙ୍ଗେ ।

ହାତରେ ମୁଁ ଧରି ଷ୍ଟେଥୋ
ଆଉ ସିରିଞ୍ଜର ସମାହାର,
ରୋଗୀର ସେବା କରିବାରେ
କଟିଯାଏ ଜୀବନ ମୋହର ।

ନୁହଁଇ ଅବଳା ନୁହେଁ ମୁଁ ଦୁର୍ବଳା
ସେବା କରିବା ମୋ ଧର୍ମ,
ଅଟେ ମୁଁ ସବଳା ସ୍ୱୟଂସିଦ୍ଧା ପୁଣି
ସେବା କରିବା ମୋ ଧର୍ମ ।।

ଗ୍ରା/ପୋ- କୁଆମରା, ଥାନା- ଖୁଣ୍ଟା
ମୟୂରଭଞ୍ଜ, ୭୫୭୦୨୭
ଦୂରଭାଷ - ୯୭୭୬୦୫୦୬୬୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆହେ ପ୍ରଭୁ ହେ...



ରାମ ପ୍ରସାଦ ସିଂହ

କାହିଁକି ଚିନ୍ତୁଛି ତୁମକୁ ପ୍ରଭୁହେ
କି ମାୟା ଗୋପନ ଭରା,
ଅନ୍ତରେ ଭରିଛି ଭାବର ସାଗର
ତୁମ ପ୍ରତିମା ଆସରା....

ପ୍ରାଣର ଶିହରୀ ତୁମରି ଶ୍ରୀଭୁଜେ
ଆଶିଷ ଟିକିଏ ଲୋଡ଼ା,
ବଞ୍ଚୁଛି ନ କରି ଭୟ ପ୍ରତିବିମ୍ବ
ଜୀବନ ବିଶ୍ୱାସ ବଢ଼ା...

ତୁମେ ଏକ ସତ୍ୟ ସ୍ୱଷ୍ଟ ଚିରସାଥୀ
ଏଇ ଝଲକ ଜୀବନେ,
ତୁମରି ନାମ ଭରା ଜପ କୀର୍ତନ
ନାଚୁଛି ସର୍ବଦା ମନେ....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଚିହ୍ନା ଚିହ୍ନା



ଦିବାକର ନାୟକ

ଦିନେ କଇଁ ଥିଲା ଜହ୍ନକୁ ଅଜଣା
ସୁରୁଜ ବି ଥିଲା ପଦ୍ମକୁ ଅଜଣା
ଯୋଉ ଦିନ ଚାରି ଆଖି
ହୋଇଗଲେ ଦେଖାଦେଖି
ଜଣକ ନାଆଁ ତଳେ ଲେଖା ହୋଇଗଲା
ଆର ଜଣକ ଠିକଣା (୦)

ଅଚିହ୍ନା ବେଳରେ ପାଖରେ ଥିଲେ ବି
ଅଣଦେଖା ହୋଇଯାଏ
ଚିହ୍ନାଲୋକଟିର ଛାଇକୁ ଦେଖିଲେ
ଦୂରରୁ ବି ଚିହ୍ନି ହୁଏ

ଆଜି ତୁ ଏମିତି ଏତେ ଯେ ଆପଣା
ପାଣିକୁ କହିବି ଦେଇଛୁ ତୁ ପଣା
ସେଦିନ ବାରଣ ଥିଲୁ
ବରଣ ଆଜି ତୁ କଲୁ
ଚାରଣା ଖୋଜି କି ବାରଣା ପାଇଲେ
ଲାଗେ ପାଇଛି ଷୋଳଣା (୧)

ଅଜଣା କେମିତି ଆପଣାର ହୁଏ
ଜାଣିଲି ତୋଠାରୁ ଏବେ
ସମୟ କାହାକୁ କା ସାଥିରେ କେବେ
ମିଶାଏ ଏମିତି ଯେବେ

ଭାବ ବିନିମୟ ନିଆରା ପାଉଣା
ଦେଇ ଜାଣେ ହେଲେ ନାହିଁ ତା ଭରଣା
ମନ ଯହିଁ ମିଶିଯାଏ
ମାଟିକୁ ଆକାଶ ଛୁଏଁ
ହୃଦୟ ମହଲେ ଏମିତିକା ଝୁଲେ
ସୁନା ସପନ ଝୁଲଣା (୨)

ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୭୬ ୧୯୯୮୧

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାଟି ମା’



ଅନିଲ କୁମାର ମିଶ୍ର

ଆସରେ ଆସରେ ଫୌଜ ସେନା

ଧରି ତୁମର ଗୁଳି,

ଗୁଳି ଚଳାଅ ଶତ୍ରୁମାନଙ୍କୁ

କାହାର ଭୟ ନ କରି........(୧)

ପଛରେ ଅଛି ମାଟି ମା' ଆମ

କାହାକୁ ଭୟ ଅବା କାହିଁ

କେତେ କେତେ ବୀର ଲଢି ଯାଇଛନ୍ତି

ଏଇ ମାଟି ମା' ପାଇଁ..........(୨)

ସେଇ ମାଟି ମା' ନା'କୁ ଧରିରେ


ଆଗେଇ ଯିବାରେ ଭାଇ.......(୩)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଦୀପଟିଏ



ଜ୍ୟୋତିର୍ମୟୀ ଓଝା

ଜୀବନ ମୋହର ଛୋଟ ଦୀପଟିଏ
କେତେବେଳେ ଲିଭିଯିବ,
ଛୋଟ ସଳିତାଟି ଏତେ ଆଶା ଦିଏ
ସବୁବେଳେ ସାଥେ ଥିବ । ।

ଜୀବନର ଏହି ଛୋଟ ରାସ୍ତା ପାଇଁ
ଅଛି ଅନେକ ସପନ,
ଡରଲାଗେ ଯଦି ରାସ୍ତା ସରିଯିବ
ପାହିଯିବ କେବେ ଦିନ । ।

ଅଧୁରା ସପନ ରହିଯିବ ମୋର
ଯୁଗଯୁଗ କାଳକାଳ,
ସପନଟି ମୋର ଅଧୁରା ହେବନି
ରଖିଛି ସେହି ବିଶ୍ୱାସ । ।

ବିଶ୍ୱାସ ଭିତରେ ଶେଷ ନିଶ୍ୱାସରେ
ହୋଇବ ସ୍ୱପ୍ନ ସଂପୂର୍ଣ୍ଣ,
ଭରଣ ହୋଇବ କୁନି ସ୍ୱପ୍ନ ମୋର
ହୋଇବ ଜୀବନ ଧନ୍ୟ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ଅନ୍ତର୍ଯ୍ୟାମୀ



ଭାଗିରଥୀ ଯାନୀ

ଆହେ ଅନ୍ତର୍ଯ୍ୟାମୀ  ତୁମ ନାମ ଧ୍ୟାୟୀ
ଦିନ ରାତି ବିତିଯାଉ,
ଏହି ମୋ' ମୁଖରେ ପ୍ରତି ମୁହୂର୍ତ୍ତରେ
ତୁମ ନାମ ଶୁଭୁଥାଉ ।

ଏତେ ଯେ' କଷଣ ଭୋଗୁଛି ଏ ମନ
ସଦା ଜୀବନ ବ୍ୟଥିତ,
କରମର ପଥ ଦିଶଇ ଏମନ୍ତ
ଲାଗେ ଖାଲି କଣ୍ଟକିତ ।

ଏଇ ଜନମରେ ଲେଖା ମୋ' ଭାଗ୍ୟରେ
ଭୋଗିବାକୁ ନାହିଁ ସୁଖ,
ମାନସ ନେତ୍ରରେ କ୍ଷଣ କ୍ଷଣକରେ
ଛାଡେ ନାହିଁ ଜମା ଦୁଃଖ ।

ଅନ୍ତରର କଥା ମନ ସିନା ବୁଝେ
ଓଠ ତ' କହି ପାରେନା,
ତଥାପି ଏ ମନ ନିଜ ବନ୍ଧୁ ପାଶେ
ନ କହି ରହି ପାରେନା ।

ଯେତେ କଷ୍ଟ ଅଛି ଆସୁ ଥାଉ ପଛେ
ପାଶେ ପାଶେ ତୁମେ ଥାଅ,
ସେହି କଷ୍ଟ ସବୁ ସହ୍ୟ କରିବାକୁ
ଅସୀମ ଶକତି ଦିଅ ।

ଏମିତି କାହାକୁ ଦୁଃଖ ପରେ ଦୁଃଖ
ନ ଆସୁ କେବେ ଜୀବନେ,
ଦୁଃଖୀଜନଙ୍କର ଦୁଃଖ ଥରେ ଶୁଣି
ଦୂର କର ପ୍ରତିକ୍ଷଣେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ମୋର ଆଶା ତୁମେ ମୋ' ଭରସା
ଏହି କ୍ଷଣିକ ଜୀବନେ,
ଆହେ ସୁଖଦାତା ଜାଗ୍ରତ କରାଅ
ଶୟନେ ଅବା ସପନେ ।

ଏ ଜୀବନ ପରା ଦୁଃଖ ସୁଖ ଭରା
ତୁମେ ନାହଁ ଏଠୁ ଭିନ୍ନ,
ଦୁଃଖ ଯନ୍ତ୍ରଣାକୁ କରି ଆପଣାର
ଜପୁଥିବି ତୁମ ନାମ ।

ମୋକ୍ଷ ଲଭିବାକୁ ଶେଷ ଇଚ୍ଛା ମୋର
ଏ ଜୀବନେ ପୂର୍ଣ୍ଣ କର,
ପୁନଃ ଜନ୍ମ ଆଉ ଲୋଡା ନାହିଁ ମୋର
ଏ ଭବୁ କର ଉଧାର ।

ସତ୍ୟର ପଥରେ ନେଇ ଯାଅ ପ୍ରଭୁ
ଧନ୍ୟ ହେଉ ଏ ଜୀବନ,
ମୂଢ ଭାଗିରଥୀ ଚରଣେ ସେବୁଛି
ଖଣ୍ଡନ କର କଷଣ ।

ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ
ବିଦ୍ୟାଳୟ ରାସଙ୍ଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାନ୍ତନୁ



ସ୍ମୃତି ରଞ୍ଜନ
ବାରିକ

ହସ୍ତିନାରାଜ୍ୟ ଗର୍ବ ପାଇ ଧନ୍ୟ,
ଭରତ ସମ୍ରାଟ ବାଣୀ ଯହିଁ ଗାନ ।
ସମ୍ରାଟ ଆସଇ ସମ୍ରାଟ ଲେଖଇ,
ଚକ୍ରବର୍ତ୍ତୀ ନାମେ ଶାସନ ଚାଲଇ ।
ମହାରାଜା ବନେ ପ୍ରଜାପାଳ ପତି,
ଶାନ୍ତନୁ ଲଭଇ ନବରାଷ୍ଟ୍ରପତି ।
ଆନନ୍ଦ ହସ୍ତରେ ଦାନ ତା'ର ନ୍ୟାୟ,
ପ୍ରଜାଗଣେ ଖେଳେ ଖୁସିଚିତ୍ତ ମୟ ।
ମହାରାଜା ଚାଲେ ରଥଧରି ବନ,
ଗଂଗାତଟ କୂଳେ ଦେଖେ ହୃଦମନ ।
କାମରାଜ ତୀର ମନେକରେ ଘାତ,
ବିବେକ ହରାଇ ଚାଲେ ଦେଖି ମିତ ।
କାମରେ ନିମଗ୍ନ ଦ୍ୱନ୍ଦ୍ୱରେ ହୃଦୟ,
ଗଂଗାଦେବୀ ଦେଖି ବୁଦ୍ଧି ହୁଏ କ୍ଷୟ ।
ଦେବୀ ଆଗେ ଦିଏ ପ୍ରସ୍ତାବର ବାର୍ତ୍ତା,
ଏହାଶୁଣି ଦେବୀ ଲାଜେ କରେ ମଥା ।

ସମ୍ମତି ଆଭାସ ଚାଲିଆସେ ଭାସି,
ନଦୀର ଗର୍ଭରେ ଲୁଚେ ଯାଇ ହସି ।
ବିବାହ କରଇ ମାନି ଗଂଗା ସର୍ତ୍ତ,
ବାଧା ତ ଦେବନି ଦେବୀ କାର୍ଯ୍ୟେ ସେତ ।
ଚାଲଇ ଶାନ୍ତନୁ ଦ୍ୱନ୍ଦ୍ୱହୀନ ମାର୍ଗ,
ରାଜକାର୍ଯ୍ୟେ ହୁଏ ରାଷ୍ଟ୍ର ମହାସ୍ୱର୍ଗ ।
ଜନମ ଲଭଇ ଗଂଗାକୋଳେ ପୁତ୍ର,
ଲୀନ ବି ହୁଅଇ ଗଂଗା ଗର୍ଭେ ମାତ୍ର ।
ସର୍ତ୍ତ ରଜ୍ଜୁ ବନ୍ଧା ମହାରାଜା ମୁଖେ,
ଦୁଃଖର ଗ୍ଲାନିରେ ଲୀନ ସବୁ ସୁଖେ ।
ଷଷ୍ଠ ପୁତ୍ରେ ତା'ର ସମାଧି ବାରିରେ,
ଏଇଥର ରାଜା କୁହେ ସାହାସରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେବଦତ୍ତ ଜନ୍ମେ ସପ୍ତମ ସନ୍ତାନ,

ଗଂଗା ଫେରିଯାଏ ରକ୍ଷାକରି ମାନ ।

କାମରାଜ ଶର ଭେଦେ ରାଜା ହୃଦ,

ସତ୍ୟବତୀ ଆଗେ ଦାନ କରେ ନିଦ ।

ସଂପର୍କ ଆଗରେ ଭୀଷ୍ମ ର ପ୍ରତିଜ୍ଞା,

କାମନା ସୁଖକୁ ତ୍ୟାଗ ଦୃଢ଼ ପ୍ରଜ୍ଞା ।

ହସ୍ତିନାପୁରର ଯୋଗ୍ୟ ସେ ସନ୍ତାନ,

ଅନ୍ୟାୟ ରଚଇ ପ୍ରତିଭା ଯେ ମ୍ଳାନ ।

ଶାନ୍ତନୁ ରାଜାର ଏକମାତ୍ର ଧନ,

ଜୀବନ କାଟଇ ଅଭିଶପ୍ତ ସନ ।

ଏହି କାର୍ଯ୍ୟେ ରାଜ୍ୟ ଅଶାନ୍ତିରେ ଭରେ,

ଶାନ୍ତନୁ ଜୀବନ ପଶ୍ଚାତାପେ ସରେ ।

ନାମ: ସ୍ମୃତିରଂଜନ ବାରିକ,
ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,
ଜିଲ୍ଲା:-ଜଗତସିଂହପୁର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମହାତ୍ମା ବିଦୁର



ବିଜୁ ମହେନ୍ଦ୍ର

ମହାଯୁଗ ମାର୍ଗଦର୍ଶୀ, ଅଟେ ମହାଜ୍ଞାନୀ,

ବେଦବ୍ୟାସ ଭୋଗେ ବଢେ, ଶୁଣ ତା'ର ବାଣୀ ।

ଅଜ୍ଞାତ ଜନ୍ମ ତା'ର, ଦାସୀ ଧରେ ଗର୍ଭେ,

ଭୂମିସ୍ୱର୍ଶେ ପାଦେ ପଡେ, ଆଚମ୍ବିତ ସର୍ବେ ।

ଜନ୍ମଭୂମି ଅରଜଇ, ଗର୍ବ ପୁଣି ଯେତେ,

ଯେବେ ଖେଳେ ନ୍ୟାୟଧିଶ, ଜନନୀର ହସ୍ତେ ।

ଦିବ୍ୟବାଣ ଅସ୍ତ୍ରହୀନ, ତା' ମୁଖୁ ବାକ୍ୟେ,

ମହାବଳୀ ଗର୍ବ ଭାଙ୍ଗେ, ବିଦୁରର ରାଜ୍ୟେ ।

ହସ୍ତିନାର ଭବିଷ୍ୟତ, ଭାବେ ଏଠି ଚିନ୍ତି,

ମହାମନ୍ତ୍ରୀ ସ୍ଥାନେ ଆଜି, ଖେଳେ ମହାନୀତି ।

ଅନ୍ଧରାଜା ପରାଜୟ, ଆଗେ ମହାନୀତି,

ପାଣ୍ଡୁହୁଏ ମହାରାଜା, ଲୋକପ୍ରତିନିଧି ।

ଏହାଦେଖି ପ୍ରଜାଗଣେ, ଦିଏ ଖୁସି ବାର୍ତ୍ତା,

ଚକ୍ରବର୍ତ୍ତୀ ରଚିଗଲେ, ଦେଶେ ମହାଗାଥା ।

ମହାନୀତି ଆଗେ ଆସେ, ଦେଖାଇ ତା ମତି,

ଟାଳିଦିଏ ମହାଦ୍ୱିଧା, ଦେଶେ ଆଗେ ଛାଡି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁସି ଖେଳେ ଆନନ୍ଦରେ, ମହାରାଜା ବଂଶେ,
କାଳପୁଣି ପ୍ରବେଶଇ,ଏହି ମହାଗ୍ରାସେ ।
ଶକୁନିର କୂଟନୀତି ଦିଏ ଆଜି ଦୁଃଖ,
ଦୁର୍ଯ୍ୟୋଧନ ନବୁଝଇ ଚାଲେ ମହାମୂର୍ଖ ।
କୂଟନୀତି ହାରିଚାଲେ ବିଦୂରର ଆଗେ,
ପଶାପାଲି ନିଏ ବଂଶ,ଅନ୍ଧକାର ରାଗେ ।
କୂଟିଳର କୂଟନୀତି,ଜଳେ ଯଉଘର,
ପାଣ୍ଡୁପୁତ୍ରେ ବଞ୍ଚିଯାଏ ବୁଦ୍ଧିରେ ବିଦୁର ।
ପଶାପାଲି ଟାଣିନିଏ ଯାଜ୍ଞସେନୀ ବସ୍ତ୍ର,
ଧର୍ମଦେଖି ଲୁଚିଯାଏ ସତୀତ୍ୱର ଅସ୍ତ୍ର ।
ଶୁଣିଲେନି ହରିଲେନୀ ଦ୍ରୋପଦୀର ଲଜ୍ଜା,
ନିଜେକୁହେ ସଭାମଧ୍ୟେ ବିଦୁର ଯେ ଏକା ।
ସତ୍ୟପ୍ରିୟ, ସତ୍ୟନିଷ୍ଠ, ବିଦୁର ସେ ଜ୍ଞାନୀ,
ଦୂରେଯାଏ ସଭାଠାରୁ କହି ସତ୍ୟବାଣୀ ।
ବିଦୂରର ପଳାୟନେ କୁରୁକ୍ଷେତ୍ର ରଣ,
ଭୟଙ୍କର ଯୁଦ୍ଧମଧ୍ୟେ ଦ୍ରୋପଦୀର ପଣ ।
ଟଳିପଡେ ବୀର ଏଠି, ଅଧର୍ମର ପକ୍ଷେ,
ଧର୍ମର ତ ଜିତ୍ ହୁଏ, କୌରବର ଅନ୍ତେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗର୍ବରେ କହୁଛି ମୁଁ ଓଡ଼ିଆ



ଶାନ୍ତନୁ କୁମାର ରାଉତ

ବାର ମାସରେ ତେର ଓଷା
 କ୍ଷୀରି ପୁରୀ ସଙ୍ଗେ ମଣ୍ଡା ଆରିସା
ବୋଉ ହାତରନ୍ଧା ଶାଗ ଭାତ ସଙ୍ଗେ
ସର୍ବୋଚ୍ଚରେ ଅଛି ମୋ ମାତୃଭାଷା  ! !

ଡିବିରୀ ଆଲୁଏ ସେ ଧାନ ବସା
ଓଳିଛା ପାଣିରେ ସେ ଡ଼ଙ୍ଗା ଭସା
ଓଡ଼ିଆ ମନରେ ଉଙ୍କି ମାରଇ
ତେନ୍ତୁଳି ସାଙ୍ଗକୁ ପଖାଳ କଂସା  ! !

ଅଙ୍କା ବଙ୍କା ନଇ ନନା ରଙ୍ଗରେ
ବୁଲି ବୁଲି ଯାଇ ମିସେ ସାଗରେ
କାକଳିର ମିଠା କୁହୁର ସ୍ୱର୍ଣ୍ଣତା
ଅସାର ଆନନ୍ଦ ନଦୀ ପଠାରେ  ! !

ଫର ଫର ଉଡେ ଶ୍ରୀକ୍ଷେତ୍ର ନେତ
ଶସ୍ୟ ଶ୍ୟାମଳରେ ସବୁଜ କ୍ଷେତ
ବାଧା ବିଘ୍ନ ସବୁ ହଟି ତ ଯାଏ
ସାହା ଯେ ହୁଅନ୍ତି ପ୍ରଭୁ ଜଗନ୍ନାଥ  ! !

ପର ଆପଣା ଏଠିତ ନାହିଁ
ସମସ୍ତେ ଯେ ଏଠି ଭଉଣୀ ଭାଇ
ଓଡ଼ିଆ ଜାତି ଭାଷା ବଢିଆ
ଗର୍ବରେ କହୁଛି ମୁଁ ଓଡ଼ିଆ   ! !

ପାଟରଙ୍ଗା, ଯାଜପୁର
୯୮୬୦୭୫୬୧୯୮
ଇମେଲ୍ - bubu9140@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଭିମାନୀ ଓଡ଼ିଆ



ଦୁଷ୍ମନ୍ତ ବେହେରା

ମୁଁ ଓଡିଆ..
ମୋ ପରିଚୟ ଓଡିଆ ଭାଷା
ପଖାଳ କଂସା କୁ ମୁଖେ ଓଡିଆ
ବିଶ୍ୱ ଦେଖି ଶୁଣି କହେ ଭାରି ବଢିଆ

ମୁଁ ଓଡିଆ..
ମୋ ମାଟି ଚଷା ପୁଅ ମୁଖେ
ହସ ବଢିଆ ଖେତ ରେ ଫଳିଛି
ନାନା ରକମର ନାନା ପନିପରିବା

ମୁଁ ଓଡିଆ..
ଏ ମାଟିରେ କେତେ ବୀର ପୁତ୍ର
ଜନ୍ମ ନେଇ ଇତିହାସ ପୃଷ୍ଠା କହେ
ତାଙ୍କର ବୀର ଜନ୍ମ ମାଟିର ଗାଥା

ମୁଁ ଓଡିଆ..
ମୋ ଓଡିଶା କାରୁକାର୍ଯ୍ୟ ଦେଖି
ବିଶ୍ୱ କହେ ବାଃ ବଢିଆ ଓଡିଆ
ବୋଲି କହେ ମଥା ଟେକି

ମୁଁ ଓଡିଆ..
ଜାତି ଜାତି ପ୍ରାଣ ରଖିଛି ନିଜ
ସ୍ୱାଭିମାନ ଚିତ୍ରପଟ କହେ
ଇଏ ଓଡିଶାର ସମ୍ମାନ

ମୁଁ ଓଡିଆ..
ଇଏ ମାଟି ନୁହଁ ମୋର ମା'ଆ ମାଟି
କୋଳେ ଥୋଇ ମଥା ସ୍ୱାଧୀନେ କହେ
ଇଏ ମୋ ଓଡିଶା ମୋ ସ୍ୱାଭିମାନ
ଓଡିଆ...

ରାସୋଲ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂଜିବା ମହାକାଳ ଗୋସାଇଁ



ପଙ୍କଜ କୁମାର
ମଙ୍ଗଳ

"ଆଲ ଘରଣୀ ଗଙ୍ଗା କୂଳ ଯିବା ସାଥିରେ କୁଟୁମ୍ବ ଧରି,
ବର୍ଷର ପ୍ରତୀକ୍ଷା ଅବସାନ ହେଲା ଆସୁଛନ୍ତି ବିଶ୍ୱ ବିହାରୀ ।
ଚୈତ୍ର ପୂର୍ଣ୍ଣିମା ର ପାବନ ଦିନରେ ମିଳିଛି ପୁଣି ସୌଭାଗ୍ୟ,
ଆସ ଆହେ ଭାଇ ଆତ୍ମ ସହୋଦର ପୂଜିବା ଦେଇ ନୈବେଦ୍ୟ ।
ବ୍ରହ୍ମା ବିଷ୍ଣୁ ହର କୃପା କରିଛନ୍ତି ଏଦିନ କୈବର୍ତ୍ତ ପାଇଁ,
ଭକ୍ତିରେ ନିଜକୁ ସମର୍ପଣ କରି ଆମେ ପୂଜିବା ମହାକାଳ ଗୋସାଇଁ ।

ସଜାଇବି ଆଜି କୁଡ଼ିଆ ମୋର ସେ ଆସୁଛନ୍ତି କୁଣିଆ ହୋଇ,
ଗୋମୟ ଲିପିବୁ ଝୋଟି ତୁ ଆଙ୍କିଦେ ପୁଷ୍ପ, ତୁଳସୀ, ବେଲ୍ୱପତ୍ର ସଜେଇ ।
ବିଷ୍ଣୁଙ୍କ ପ୍ରିୟ କୋମଳ ରଖିଥା ଦୁଦୁରା ଗୋଇଁସ ହରଙ୍କ ପାଇଁ,
ପ୍ରଜାପତି ପ୍ରୀତ ହୁଅନ୍ତି କେତକୀ ଦେଖିଲେ ସେ କଥା ଭୁଲିବୁ ନାହିଁ ।
ଧୋଇଦେ ତରଣୀ ଝୋଟି ତୁ ଆଙ୍କିଦେ କୁକୁମ ସିନ୍ଦୁରର ଟିକା ଦେଇ,
ମଙ୍ଗରେ ଢାଳି କ୍ଷୀର ପଇଡ଼ ର ପାଣି ଆମେ ପୂଜିବା ମହାକାଳ ଗୋସାଇଁ ।

ପୁରୋହିତ ଦାସୀ ଆଲମ ସାଥିରେ ଗଙ୍ଗା କୂଳରେ ପହଞ୍ଚି,
ପାଛୋଟି ଆଣିବା ତ୍ରିଭୁବନ ବିହାରୀଙ୍କୁ ଗୋମୟ ପାଣି ଛିଞ୍ଚି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଲମ ଆମ୍ଭର ଡଙ୍ଗାର ପ୍ରତିକ ତିନିଦିନ ପୂଜା ହେବ,

ଗୁଆ, ଘଟ ଥଇ ଚୂଳରେ ବାନା ବନ୍ଧା ହବ

ଗଣ୍ଠି ଯେମିତି ନ ପଡ଼ିବ ।

ତିନିଦିନ ପାଇଁ ଜୀବିକା ତ୍ୟାଗିବା ଆମେ ମୀନ ମାରିବା ନାହିଁ,

ଭକ୍ତିରେ ନିଜକୁ ସମର୍ପଣ କରି ଆମେ ପୂଜିବା ମହାକାଳ ଗୋସାଇଁ ।

ପ୍ରଭୁ କୃପା କରିଥିଲେ ଦ୍ୱାପର ଯୁଗରେ ଆମ କୂଳର ଉଧାର ପାଇଁ,

ଭ୍ରାତା ଓ ପତ୍ନୀ ସହିତ ବିଜେ କରିଥିଲେ ଗଙ୍ଗା ପାରିହେବା ପାଇଁ ।

ଯେଉଁ ପାଦପଙ୍କଜ ସ୍ପର୍ଶ ପାଇଁ ବ୍ରହ୍ମା ଶଙ୍କର ଙ୍କୁ ସୁଯୋଗ ମିଳି ନାହିଁ,

ଏ ଅଧମ କୈବର୍ତ୍ତର ଅଳି ରଖି ପ୍ରଭୁ ବଢ଼ାଇଲେ ପୟର ଧୋଇବା ପାଇଁ ।

ସେ ତ୍ରିଲୋକ ନାଥଙ୍କୁ ସ୍ମରଣ କରିବା ପତିତ ଜନର ଉଧାର ପାଇଁ,

ଭକ୍ତିରେ ନିଜକୁ ସମର୍ପଣ କରି ଆମେ ପୂଜିବା ମହାକାଳ ଗୋସାଇଁ ।

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏ ସୃଷ୍ଟିର ପରମ ଆଧାର,

ସ୍ରଷ୍ଟା, ପାଳନ ଓ ସଂହାର ଜଗତେ ଅକ୍ଷୟ ଯଶ ଅମର ।"

ବଡ଼ପାହି, ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରହିବ ମୋ ମନେ



ରାକେଶ ଷଡ଼ଙ୍ଗୀ

କେବେ ଏକ ତରୁତଳେ

କେଉଁ ଏକ ସାୟାହ୍ନ ଲଗନେ

ତୁମ ସାଥେ ହୋଇଥିଲା ଭେଟ

ଆଜୀବନ ରହିବ ମୋ ମନେ ।।

ଯଦି କେବେ ଭୁଲିବାକୁ

ଚାହିଁଲେ ବି ମୁହିଁ

ତୁମକୁ ଚିହ୍ନାଇ ଦେବ

ସ୍ମୃତି ତୁମ ଛାଇ ପରି ରହି ।।

ପ୍ରତିଦିନ ଅପରାହ୍ଣେ

ସନ୍ଧ୍ୟା ଯେବେ ଆସିବଟି ନଇଁ

ମନ୍ଦିରର ମୁଖ୍ୟଦ୍ୱାରେ

କାହ୍ନୁଥିବ ଦୀପ କଇଁ କଇଁ ।।

ସେତେବେଳେ ତୁମକଥା

ପଡ଼ିବ ମୋ ମନେ

ଏଇ ଭଳି ସଂଧ୍ୟାକୁ ଯେ

ଅତିପ୍ରିୟ ମଣୁଥିଲା ଜଣେ ।।

ମାଳ ମାଳ ପକ୍ଷୀ ଯେବେ

କ୍ଳାନ୍ତ ହୋଇ ଆସିବେ ଗୋ ଫେରି

ରାତ୍ରିର ଚାଦର ଯେବେ

ଚନ୍ଦ୍ରମାକୁ ରହିଥିବ ଘେରି ।।

ମନେ ମୋର ରହିବ ସେ

ଶୁଭରାତ୍ରି ବେଳେ

ତୁମକୁ ମୁଁ ଦେଖୁଥିଲି

ନିତି ତାରା ମେଳେ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେଟିଥିଲି ଏକ ଦିନେ

ସାକ୍ଷୀ ଥିଲା ଆକାଶର ନୀଳ

ହସିଥିଲା ମତେ ଦେଖି

ଦିନ ଶେଷେ ବନର ଶ୍ୟାମଳ ।।

ହୁଏତ ପଡ଼ିବ ମନେ

ତୁମର ସେ ମଧୁମୟ ବାଣୀ

ତଥାପି ରହିବ ମନେ

ତୁମରି ସେ ଚକ୍ଷୁର ଚାହାଣି ।।

ଖାଲି ତ ନଥିଲ ସାଥି

ସାଥି ଠାରୁ ଥିଲ ତୁମେ ବଡ଼

ତୁମ ପାଇଁ ହସୁଥିଲା

ଜୀବନ ଲଭି ଘର କାନ୍ଥ ବାଡ଼

ଚାହିଁଲେ ବି ଯାଅ ଭୂଲି

ଯାଅ ଯେତେ ତୁମେ

ତଥାପି ସ୍ମୃତିଟେ ହୋଇ

ରହିବ ମୋ ମନେ ।।

ମୁକୁନ୍ଦଦାଶପର, ବାଲିପାଟଣା , ଖୋର୍ଦ୍ଧା

ମୋ - ୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅତି ନିଜର



ନରେନ୍ଦ୍ର ପ୍ରସାଦ
ବେହେର

ସାହିତ୍ୟ ମଞ୍ଚରେ    ସାମ୍ବାଦିକ ଭାବେ
ପାଇଲି ଯେବେ ସମ୍ମାନ
ମନ ମୋ ଆନନ୍ଦ    ହୋଇଲା ସେଦିନ
ଭାବିଲି ହେଲି ମହାନ    ।୧ ।

ଲେଖି ମୁଁ ଜାଣିନି    କବିତା ଲେଖିବା
କହିଲେ ପଢ କବିତା
ମିଛ ମୁଁ କହିଲି    ଆଣିନି କବିତା
କିପରି ଦେବି ବାରତା    ।୨ ।

ଭାରି ତ ବାଧିଲା    ସେଦିନ ପ୍ରୋଗ୍ରାମେ
ହେଲି ମୁଁ ଅପମାନିତ
ମନରେ ଭାବିଲି    କବିତା ପାଇଁ କି
କାହାକୁ କରିବି ମିତ    ।୩ ।

ଭାବିଲି ମନରେ    ଲେଖିବି କବିତା
ଗୁରୁଟିଏ ଦରକାର
ମୋବାଇଲ ଖୋଲି    ଖୋଜିଲି ଅନେକ
ହେବ କିଏ ଗୁରୁ ମୋର    ।୪ ।

ଭଲଥିଲା ସେହି    କବିତା ତାଙ୍କର
ଆନନ୍ଦେ ବସି ପଢିଲି
ସୁନ୍ଦର କବିତା    ପଢିଲା ପରେ ମୁଁ
ଭାବିଲି ଗୁରୁ ପାଇଲି    ।୫ ।

ସମ୍ପର୍କ ଗଢିଲି    ମୋବାଇଲ ଧରି
ମେସେଜରେ ଦେଲି ଲେଖି
ଦୁଃଖ କଥା ମୋର    ଜଣାଇ କହିଲି
ଦେବକି ଖୋଲି ମୋ ଆଖି    ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଲା ପରିଚିତ    ମୋବାଇଲ ମୋତେ
ମିଳିଲା କିଛି ସାହସ
ମନର କଥାକୁ    କବିତାରେ ଲେଖ
ହୋଇବ ଯେବେ ସନ୍ତୋଷ    ।୭ ।

ଲେଖିଦେଲେ ଏକ    ସୁନ୍ଦର କବିତା
ପଢିଲି ଯାଇ ମଞ୍ଚର
ସ୍ନେହ ମମତାର    କବିତାଟି ଥିଲା
ପାଇଲି କେତେ ଆଦର    ।୮ ।

ପର କବିତାରେ    ପାଇବା ଆଦର
ପାଇଲା ନାହିଁ ମନକୁ
ଧରିବି କଲମ    ଲେଖିବି କବିତା
ଡରିବି ନାହିଁ କାହାକୁ    ।୯ ।

ବିନୟ ହୋଇଣ    କହିଲି ତାହାଙ୍କୁ
ମୋତେ ଟିକେ ଦୟାକର
ଆରମ୍ଭ କରିବି    କବିତା ଲେଖିବା
ଦୟାଥିଲେ ଦେବ ବର    ।୧୦ ।

ଦେଇ ପ୍ରତିଶ୍ରୁତି    ଆଦରେ କହିଲେ
ହାତରେ କଲମ ଧର
ସବୁ ଲେଖା ଯାଜ    ମୋ ପାଖେ ପଠାଅ
କବିତା ଶେଷରେ ତୋର    ।୧୧ ।

ତାଙ୍କରି ପରଶ    ପାଇ ଏ ସମାଜ
ଆଖିଖୋଲି ଦେଖୁଅଛି
କି ବର୍ଣ୍ଣିବି ମୁହଁ    ମହିମା ତାଙ୍କର
ନୟନେ ଯାହା ଦେଖୁଛି    ।୧୨ ।

କବିତାର ଗୁରୁ    ହେ ମମତାମୟୀ
ବିଶ୍ୱ କଲ୍ୟାଣୀ ରାଉତ
ତାଙ୍କରି ଆଶିଷେ    ଏ ଭାରତ ବର୍ଷେ
ହୋଇଅଛି ପରିଚିତ    ।୧୩ ।

ହୁଅନି ବିବ୍ରତ    ହେ ମମତାମୟୀ
ଦେଖି ଫେସବୁକ୍ ଚିତ୍ର
ହ୍ୱାଟ୍ସଆପ୍ ଖୋଲି    ପଢିନିଅ ଥରେ
ଲେଖିଛି ତୁମକୁ ପତ୍ର    ।୧୪ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁରୁ ସାଜିଲ ଭଉଣୀ ମୋହର
କରୁନି ତୁମକୁ ପର
ଅଗ୍ରପୂଜ୍ୟା ତୁମେ ମୋ ହୃଦୟ ମଧ୍ୟେ
ସମ୍ପର୍କ ଯୁଗ ଯୁଗର ।୧୫ ।

ପାହାଡରୁ ସୃଷ୍ଟି ନଦୀ ବହି ଚାଲେ
ସାଗରକୁ କରି ଘର
କରନାହିଁ ମନ ଉଣାରେ ଭଉଣୀ
ମୁଁ ପରା ଅତି ନିଜର ।୧୬ ।

ତୁମରି ସାହସେ ଲଙ୍ଘି ମୁଁ ଚାଲିଛି
ଗିରିବନ ନଦୀଜଳ
ଠେଲିଦେଇ ପାଦେ ଯିବନି ଦୂରେଇ
ହୋଇଯିବି ମୁଁ ଦୁର୍ବଳ ।୧୭ ।

ଭାଙ୍ଗିବାକୁ ଘର ଅନେକ ଅଛନ୍ତି
ସଜାଡିବା କିଏ ଜାଣେ
ମନ ପୋଡି ଗଲେ କେହି ନଜାଣିନ୍ତି
ଜାଣଇ କେବଳ ଜଣେ ।୧୮ ।

ଗୋଟିଏ ରକ୍ତରୁ ନହୋଇ ଜନମ
କରୁନାହିଁ କେବେ ପର
କରିନାହିଁ କେବେ କାହାକୁ ଆଜି ମୁଁ
ତୁମଠୁ ବେଶି ନିଜର ।୧୯ ।

କରେ ନିବେଦନ ତୋ ଭାଇ ନରେନ୍ଦ୍ର
ଖଇରା ଅଟେ ମୋ ଘର
ସବୁ ସନ୍ଦେହର ଘଟିଯାଉ ଅନ୍ତ
ନ ଉଠୁ ମନେ ପ୍ରାଚୀର ।୨୦ ।

ଆହେ ଦୟାମୟ ବିଶ୍ୱର ଠାକୁର
କରନାହିଁ ମୋତେ ପର
ସତ ମୁଁ କହୁଛି ମମତା ଭଉଣୀ
ଅଟନ୍ତି ଗୁରୁ ମୋହର । ।୨୧ । ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ- ୯୮୫୩୧୪୭୫୧୦,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ବୋଧେ ପ୍ରେମ



ଜନ୍ମଜୟ ନାୟକ

ସେ  ଅଛି ମୋ ଭିତରେ
ମୁଁ ବି ଅଛି ତା' ଭିତରେ
ହେଲେ ବି କାହିଁ  ବୁଝେନି ମନ
ସତେ କି ଯୋଜନ ଯୋଜନ ଦୂରେ ସେ ..

ଲାଜ ଜୁଡୁବୁଡୁ ତା ମହୁଆ ହସରେ
ମାଦକତା ମନେ ଭରେ,
ପ୍ରଣୟ ନିଶାରେ ଶିହରି ଉଠଇ
ପାହାନ୍ତିଆ ସପନରେ..

ମୋ ଅଙ୍ଗେଅଙ୍ଗେ ଆଙ୍କି ଦିଏ  ପ୍ରେୟସୀ
ମଧୁର ମିଳନର ମିଠା ଦାଗ ହସିହସି,
ଲାଜରେ ବିରହ ଫଗୁଣ ଫେରିଯାଏ,
ମଧୁଝରା ଚାନ୍ଦିନୀ ଈର୍ଷାରେ ଜଳିଯାଏ..

ନିରିମାଖି ତା' ହରିଣୀ ଚାହାଣି
ମୋ ଠାରୁ ମୋତେ ନିଏ କିଣି
ତା' ଲମ୍ବାବେଣୀର  କାଳିମାରେ
ଛପିହେଇଯାଏ ପୂର୍ଣ୍ଣ ଇନ୍ଦୁ
ହସିଦେଲେ ସେ ଗହନ ରାତିରେ
ତାରାମାନେ ବି ଆଖି ଫେରାଇପାରନ୍ତିନି...

ମୁଁ ଚାତକ ପରି
ତା' ପ୍ରୀତିବରଷାରେ ଭିଜେ
ସପନ ରାଇଜେ ପ୍ରାସାଦ ତୋଳେ
ସରଗପୁରୀର ପାରିଜାତ ସମ
ମୋ ଅଗଣାରେ ଫୁଟି ମୋତେ ମହକାଏ ସେ..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତରଳିଯାଏ ମୁଁ ମହମ ସମ
ତା ପୀରତି ବହ୍ନିରେ
ଦୁଇ ପ୍ରାଣ ଏକାକାର ହେଇଯାଏ
ହଜିଯାଏ ମୋ ଅସ୍ତିତ୍ୱ
ପ୍ରେମବେଦୀର ଯଜ୍ଞକୁଣ୍ଡରେ..

ସିନ୍ଦୂରା ଫାଟିଲେ
ସପନର ନୀଡ ଭାଙ୍ଗିଯାଏ
ନିମିଷକେ ମୁଁ ହାରିଯାଏ
ମୁଁ  ତୃଷାର୍ତ୍ତ ପଥିକ ସାଜେ
ମରୁମରୀଚିକା ପାଇଁ..

ତା' ପ୍ରତୀକ୍ଷାରେ ସବୁଋତୁ
ପ୍ରେମର ଫଗୁ ନେଇ ଆସେ
ଭାବନାରେ ଭିଜିଯାଏ ତନୁମନ
ପୁଣି ଆଶା ସବୁ ଝରିପଡେ
ପର୍ଣ୍ଣମୋଚୀ ଅରଣ୍ୟ ପରି..

ନିରୋଳାରେ ଗୁମୁରିକାନ୍ଦେ
ନିଜ ସହ ନିଜେ କଥାହୁଏ
ଅଭିମାନର ଆୟୁଷ ବଢେ
ମୁଠାଏ ବିଶ୍ୱାସ ବଞ୍ଚିବାର ରାହା ଦେଖାଏ..

ତଥାପି ହାରିବା ମୋ ଜାତକରେ ନାହିଁ
ଯେଣୁ ମୁଁ ଜଣେ ପ୍ରେମିକ
ଫେରିବା ବାଟକୁ ଚାହିଁ ବଞ୍ଚିବି
ଯେଣୁ ମୋ ପ୍ରେମ
ଜନ୍ମଜନ୍ମାନ୍ତରର ବନ୍ଧନ..

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର, ୯୩୩୭୮୦୦୫୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଙ୍କାଳ



ରାଜେନ୍ଦ୍ର କୁମାର ବିଷୋୟୀ

ଶୂନ୍ୟତାରୁ ଝରେ ଶବ୍ଦ
ଶବ୍ଦରୁ ଜଂଜାଳ
ଜଂଜାଳରେ ଜଂଜାଳରେ
ଆଜିର କଙ୍କାଳ
ଭୁଂଜିବାକୁ ନାହିଁ ବେଳ
ଥାଇ ଅନ୍ନ ଥାଳ
ଭାଗ୍ୟେ ନାହିଁ ପିଇବାକୁ
ନିର୍ଝରର ଶୁଦ୍ଧପୁତ ଜଳ...
ତଥାପି ମେଣ୍ଟାଏ ତୃଷା
ପିଇ ପିଇ ବିଦେଶୀ ଗରଳ ।
ଏ କଙ୍କାଳ
ସାଜି ରାଜନେତା
ଖେଳୁଛି କଣ୍ଢେଇ ଖେଳ
ଭୂଲି ମଣିଷତ୍ୱ
ପିସ୍ତଲ, ବନ୍ଧୁକ, ଛୁରୀ
ଧାରୁଆ ଭୁଜାଲି
ସାଜୁଛନ୍ତି ରକ୍ଷାକର୍ତ୍ତା
ଚଉପାଶ ଘେରି
ତଥାପି ମନରେ ଭୟ
ସର୍ବଦା ଉଦ୍ଧତ
କାଳେ କେ ମାରୀଚ ସାଜି
ଘଟାଇବ କ୍ଷତି ।
କଙ୍କାଳ ଅଭିପ୍ସା କରେ
ଗାଇବାକୁ ଗୀତ
କେବେ କେବେ
ବାରମାସୀ ଚଢେଇର ସୁରେ
କିନ୍ତୁ ସିଏ ଛନ୍ଦା ପରା
ସ୍ୱାର୍ଥ ଶୀକୁଳିରେ...
ଚିହ୍ନାକୁ ଅଚିହ୍ନା ପୁଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରକୁ ଆପଣା
ଭୋକ ବିଛି ବିଛି
ଜାଲ ପାତିବା କୌଶଳେ
କୁମ୍ଭୀର କାନ୍ଦଣା କରି
ହୁଏ ବାଟବଣା ।
କେବଳ ସେ ଚେପଟା କଡେଇରେ
ଚଟୁ ପରି ଘୁରିଘୁରି
ସ୍ୱାଦ ଚାଖିବାକୁ
ଆଉଟୁ ପାଉଟୁ ଆଜି
ଅଦୃଶ ଆଂକାକ୍ଷା...
କିନ୍ତୁ ଆଜି ଏ କଙ୍କାଳ
ଅନୁତପ୍ତ ହୋଇ
ଇଟାଭାଟିର ନିଆଁ ପରି
କୁହୁଳି କୁହୁଳି
ଖୋଜେ ବାଟ ମୁକୁଳିବା ପାଇଁ
ଦରପୋଡା ଇତିହାସର
ପୃଷ୍ଠା ଓଲଟାଇ
ଖୋଜୁଛି ରାଜପଣ୍ଡିତ
ଦିବ୍ୟ ପରାମର୍ଶ ପାଇଁ ।

ହେ ରାଜପଣ୍ଡିତ
କବି ରବି ବଳଦେବ
ଫେରିଆସ ଫେରିଆସ
ଏ କଙ୍କାଳ ପାଶେ
ଜୀବନ୍ୟାସ ଦେଇ ତୁମ
କାବ୍ୟ ଲେଖନୀକୁ
ସଚେତ କରାଅ ଏଇ
ଅଚେତ କଙ୍କାଳେ
ରଚିଯାଅ ଏ ମାଟିରେ
ନୂଆଁ ଶବ୍ଦ ନୂଆଁ ରୂପ ନେଇ
ଭିନ୍ନ ଏକ
"ଜଗତେ କେବଳ"
ଯାହାକୁ ପଠନ କରି
ହେବେ ନିଶ୍ଚେ ସଚେତନ
ଏ କଙ୍କାଳ ପରି
ଏ ମାଟିର
ଅସଂଖ୍ୟ କଙ୍କାଳ..... ।।

ପଳାସପଲ୍ଲୀ, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟ ମୋ ଜୀବନ



ଟୋନିସ୍
ରୋହିଦାସ

ଲେଖୁଛି ଲେଖୁଥିବୀ ସଦା କବିତା ମୋ ସାହିତ୍ୟ ଭାଷା...
ଜୀବନ ର ପ୍ରତିଟି ମୁହୂର୍ତ୍ତ ଲେଖେ ସାହିତ୍ୟ ପ୍ରତି ଅଛି ମୋର ଆଶା.... ! !

ଜୀବନ ବାଟରେ କେତେ ଯେ ଝଡ଼ ବୈଶାଖୀ ତଥାପି ହାରେନି...
ନୂଆ ସକାଳର ସେଇ ସୁରୁଜ ହୋଇ
ଦୁନିଆରେ ଦିନେ ରହିବି କି ଜାଣିନି... ! !

ଯେତେ ଲେଖିଲେ ମଧ୍ୟ କଲମ ସତେ ଆଉ ଯେ ରହୁନି...
ଚାରି ପାଖରେ ଯାହା ଦେଖେ ମୋ ଆଖି ଲେଖି ବସେ କେବେ ସେ ସରେନି.... ! !

କୁହୁ କୁହୁ କରେ କୋଇଲି ସତେ
ଗୀତ ଯେ ମଧୁର ବାଣୀ...
ହସେ ଆଜି ଦେଖ ମୋ ପରିବେଶ ଧନ୍ୟ ହୋଇ ଯାଏ ମା ଧରଣୀ.... ! !

ଯୁଗେ ଯୁଗେ ଲେଖା ହୋଇଛି କେତେ ପୂରଣ ପୋଥି ସେଇ କାହାଣୀ...
ଜ୍ଞାନ ବଳେ ସଫଳ ହୁଏ ସେ ଲେଖା ଅଛି ସାଧୁ ବାଣୀ.... ! !

ପ୍ରେମ ମଧ୍ଯ ଏଇ ସଂସାରେ ସାର ସତ୍ୟ ଧର୍ମ ର ହୋଇଛି କେତେ ଯେ ଲଢେଇ...
ମିଛ କୁହେ ଯିଏ ଅସତ୍ୟ ବାଟରେ ଯାଇ ସଦା ବିଫଳ ସେ ହୁଅଇ .... ! !

ଗାଁ-ପାମରା ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାବିଷୁବ ସଂକ୍ରାନ୍ତି



ବାସନ୍ତୀଲତା
ଜେନା

ସଉର ମାସର ପ୍ରଥମ ଦିନକୁ
କହିଥାନ୍ତି ସଙ୍କରାନ୍ତି
ମେଷ ସଂକ୍ରାନ୍ତିର ଅନ୍ୟ ନାମ ପରା
ମହା ବିଷୁବ ସଂକ୍ରାନ୍ତି ।୧।

ଏହି ଦିନ ଠାରୁ ଗ୍ରୀଷ୍ମ ଋତୁ ଆସେ
ଝାଞ୍ଜି ପବନ ବହଇ
ସୁରୁଜଙ୍କୁ ପଣା ଭୋଗ ଦିଆଯାଏ
କ୍ଷୀର ଛେନା କୋରା ଦହି ।୨।

ତୁଳସୀ ମୂଳରେ ଛାମୁଣ୍ଡିଆ କରି
ଘଡି ବସାଇଣ ଥାନ୍ତି
ଘଡ଼ିର ମଧ୍ୟରେ କଣାଟିଏ କରି
ଜଳପୂର୍ଣ୍ଣ କରିଥାନ୍ତି ।୩।

ମାତା ବୃନ୍ଦାବତୀ ଜଳଧାରା ପାଇ
ସୁଶୀତଳ ହୋଇଥାଏ
ଆଶୀର୍ବାଦ ଦିଏ ସନ୍ତାନମାନଙ୍କୁ
ମନସ୍କାମ ପୂର୍ଣ୍ଣ ହୁଏ ।୪।

ନଡ଼ିଆ କଦଳୀ ଦୁଗ୍ଧ ଦହି ଛେନା
ପଣାରେ ମିଶାଇ ଥାନ୍ତି
ଅଙ୍ଗୁର ଆପେଲ କାଜୁ ମିଶାଇଣ
ସୁମଧୁର କରିଥାନ୍ତି ।୫।

ଠାକୁରଙ୍କ ପାଖେ ପଣା ଭୋଗ ହୁଏ
ବନ୍ଧୁଜନଙ୍କୁ ବାଣ୍ଟନ୍ତି
ପରିବାର ଲୋକେ ଖୁସି ମନାଅନ୍ତି
ପଣାସେବନ କରନ୍ତି ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭିନ୍ନ ସ୍ଥାନରେ ପାଟୁଆ ଯାତରା
ହୋଇଥାଏ ଏହି ଦିନ
ଦଣ୍ଡ ଯାତ୍ରା ହୁଏ ଛଉ ନୃତ୍ୟ ହୁଏ
ହନୁମାନ ଜନ୍ମଦିନ ।୭।
ଝାମୁ ଯାତ୍ରା ହୁଏ ପଣାସଂକ୍ରାନ୍ତିରେ
ରଡ଼ ନିଆଁରେ ଚାଲନ୍ତି
ଦେବୀଙ୍କର ନାମ ତୁଣ୍ଡରେ ଧରିଣ
ଭକ୍ତ ପାରି ହୋଇଥାନ୍ତି ।୮।
ହିନ୍ଦୁ ନବବର୍ଷ ପାଳିତ ହୁଅଇ
ପଣା ସଙ୍କରାନ୍ତି ଦିନ
ମନ୍ଦିର ଯାଆନ୍ତି ପୂଜା କରିବାକୁ
ସୁଖେ କଟିଯାଉ ଦିନ ।୯।
ହିନ୍ଦୁ ମାନଙ୍କର ଉତ୍ସବର ଦିନ
ମନ ଖୁସିରେ ନାଚଇ
ବାର ମାସରେ ତ ତେର ପର୍ବ ହୁଏ
ଖୁସିକୁ ବାଣ୍ଟିବା ପାଇଁ ।୧୦।

ଗାନ୍ଧିନଗର, ପୋଷ୍ଟ /ଜିଲ୍ଲା : ନବରଙ୍ଗପୁର.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ତୁମେ ?



ଲିଟୁ ନାୟକ

ତୁ ଜହ୍ନ ଟେ କି.. ?

ତୋ ବିନା ଆକାଶଟା ଲାଗେ ଖାଲି ଖାଲି

ତୁ ତାରା ଟେ କି... ?

ମନ ଆକାଶରେ ମୋର ହେଉ ଝିଲିମିଲି

ତୁ ପରୀ ଟେ କି..... ?

ଡେଣା ଝାଡ଼ି ବୁଲୁ ଥାଉ ମନ ଆକାଶରେ

ତୁ ସାରୀ ଟେ କି.... ?

କୁହୁ କୁହୁ ଗୀତ ଗାଇ ବୁଲୁ ନିରନ୍ତରେ

ତୁ ମଲ୍ଲୀଟେ କି... ?

ମହକିଲୁ ମୋ ଜୀବନେ ଆଣି ସାତ ରଙ୍ଗ

ତୁ ବହିଟେ କି... ?

ପଢିଦେଲେ ମନ ମୋର ହେଉଛି ଆନନ୍ଦ

ତୁ ବଂଶୀଟେ କି... ?

ଓଠରେ ରହିଛି ସାତ ସୁରର ମୂର୍ଚ୍ଛନା

ତୁ ସାଥିଟେ କି... ?

ଯାହା ପାଇଁ ଏ ହୃଦୟ ହେଇଚି ଦିୱାନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିଦେଲା କଥା



ଡା ନୀଳମାଧବ କର

କହିଦେଲା କଥା

ବହିଗଲା ପାଣି

ଆଉ କି ଫେରେ

*

ବିନା ବାଡ଼ବତାରେ, ମନ ଖୋଲି

ସବୁ କଥା କହି ପକେଇବା

ବେଳେବେଳେ

ଲଙ୍ଗଳା ହେଇଯିବା ପରି

ସମସ୍ତଙ୍କ ଆଗେ

*

ଅସଂଯତ କଥାସବୁ

ବାନ୍ତି ପରି,

ମୁହଁ ଫେରେଇ ନାକ ଟେକନ୍ତି ସମସ୍ତେ

କହିବା ଲୋକର ମଥାରେ ଯେମିତି

ଚିତାକୁଟା ହେଇଯାଏ ଶବ୍ଦସବୁ

*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିହକୁ ଛୁଇଁଥିବା କଥାସବୁ, ଭୁଲି ହୁଏ ନାହିଁ

ପରେ ଯେତେ ସଜେଇ ହେଇ, ମୁହଁରେ ରଙ୍ଗ ମାଖି

ମାଜିମୁଜି କଥା ହେଲେ ବି

କଥା ବଦଳେଇବାର, ସୁଧାରିବାର ଚେଷ୍ଟା

ଖାଲି ଅନ୍ୟ ଆଖିରେ ଧରା ପଡ଼େ ସିନା

ବାନ୍ତିର ଗନ୍ଧ ଯାଏନା,

ଆପଣାପଣିଆ ଫେରେନା

*

ମନ ଭିତରର ଆବର୍ଜନାକୁ

ସମସ୍ତଙ୍କ ଆଗରେ ନିସଂକୋଚରେ ବିଛେଇ

ନିଜ ହାତରେ ନିଜ ଜିଭ କାଟିବାଠୁ

ଉଛନ୍ନ ହେଇଯିବାଠୁ, ଭଲ

ଟିକିଏ ସଂଯମ, ମାପିଚୁପି ଦି ପଦ

ଖୁସିର ନ ହେଉ ପଛେ, ଦୁଃଖ ନ ଦେଉ, ସେ ଶବ୍ଦ

ସହି ହେଲାପରି, ଅନ୍ୟ ପାଇଁ, ନିଜ ପାଇଁ

ନିଜେ ଶୁଣି ପାରିଲା ପରି

ହେଉ ସେ ଶବ୍ଦ

*

ଦୁଆର ଯେମିତି ବନ୍ଦ ନ ହେଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାସବୁ ପରେ, ...

ବରଂ ସକାଳଟେ ପାଇଁ ରାସ୍ତା ଖୋଲିଗଲା ପରି

ସେ ଶବ୍ଦ ସବୁ ହେଉ

*

ନିଜ ଶବ୍ଦସବୁକୁ ଘଷି ମାଜି, ତିଆରି,

ଅନ୍ୟମାନଙ୍କ ପାଇଁ ପରଷିବା,

ଶାନ୍ତ ସମିରରେ ହେଉ କି ଘୁର୍ଣ୍ଣିରେ,

ମୋତି ବିଛେଇବା ପରି,

ଆପଣା ମହତ ଆପେ ରଖିବା ପରି

***

Listen to Odia Podcast on https://anchor.fm/aahwaan

ଓଲଭରହାମ୍ପଟନ, ୟୁକେ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଁ କୁହ...



ଉଦ୍ଧବ ପାତ୍ର

କାହିଁକି....... ?
ଏ ସୁନ୍ଦର କୋମଳ ମନକୁ
ନିଷ୍ଠୁର ଶିଳାରେ ଚାପିଦେଉଛ ।
ଆଖିକୁ ,
ଓଢ଼ଣୀର ଆଳରେ ।

ତୁମେ କ'ଣ ଭାଙ୍ଗିପାରିବ
ମୋ, ପ୍ରତିଛବି......
ଯାହା ତୁମ ହୃଦୟରେ
ଘର କରିକି.....

ଭୁଲି ପାରିବ ଆମ ସେ
ମିଠା,
ଆଳାପ .... ।
ଯାହା ଏବେ ବି
ମୋ' କାନେ ବାଜୁଛି ।
କ'ଣ ପାଇଁ ? ତୁମର ଏ
କଠୋରତା ।

କାଳେ ଭାଷିଦେବି ମୋ ପ୍ରେମବାରତା
ଏଇ ସମାଜ ଆଗରେ ।
କୁହ !
ତୁମେ କୁହ !

ତୁମେ କହିଲେ, ସବୁଦିନ ପାଇଁ
ବାନ୍ଧିଦେବି ଏ ପାଟିକୁ,
ଖବର ପାଇବନି ମସ୍ତିଷ୍କ ।

ବାସ୍ ଏତିକି କୁହ !
ତୁମେ ମୋର .....ମୁଁ ତମର......
ହଁ, କୁହ !
ତୁମେ କୁହ !

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଦ୍ୱିତୀୟ ବର୍ଷ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୃଢ଼ନିଶ୍ଚୟ !



ଅମୃତ ନାରାୟଣ ଶତପଥୀ

ମନ ଭାବନାରେ ହୃଦ ଚେତନାରେ ଥାଏ ଯେ ଦୃଢ଼ ନିଶ୍ଚୟ,
ଶତ ପରାଜୟ ହୋଇଲେ ଶେଷରେ ହୁଏ ଅନ୍ତିମ ବିଜୟ ।(୧)
ସେ ବିଜୟ ତାନ ଡିଣ୍ଡିମ ସମାନ ବତାଏ ସେ ବଳୀୟାନ,
ସବୁ ସମସ୍ୟାର ସମାଧାନ କରେ ସତରେ ସେ ଗରୀୟାନ ।(୨)
ଇତିହାସ ପୃଷ୍ଠା ହୁଏ ସୁସଜ୍ଜିତ ତାହାରି ନାମରେ ପୁଣି,
ପ୍ରସିଦ୍ଧି ପୁଣି ତ ବଢ଼ିଯାଏ ଯଦି ମାରେନି କେବେ ଫୁଟାଣି ।(୩)
ଦୃଢ଼ ନିଶ୍ଚୟର ସହ କାର୍ଯ୍ୟ କଲେ ଅବସମ୍ଭାବୀ ଯେ ଫଳ,
ବିଫଳତା ପୁଣି ଅସଫଳତାରୁ ସମୟାନୁକ୍ରମେ ସଫଳ ।(୪)
ଏଥିପାଇଁ ସର୍ବେ ଥିବା ଯାଏଁ ନିଜ ଶରୀରେ ଶେଷ ନିଶ୍ୱାସ,
ଦୃଢ଼ ନିଶ୍ଚିତତା ମନେ ଭରିଥାଅ ତା' ସହ ଆତ୍ମବିଶ୍ୱାସ ।(୫)

ଠିକଣା:- ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ମାଠିଆ କହୁଛି



ରାଧାମୋହନ୍ ପୂଜାହାରୀ

ଅସହ୍ୟ ଗ୍ରୀଷମେ ଭୂପୃଷ୍ଠରେ ଯେବେ
ଅଗ୍ନୀ ବର୍ଷା ବିନ୍ଦୁ ପଡ଼େ,
କୁମ୍ଭାର ଭାଇ ମୋ କେତେ ଶରଧାରେ
ନିଜ ହାତେ ମୋତେ ଗଢ଼େ । (୧)

ଝାଞ୍ଜି ର ପ୍ରଭାବେ ବାଟୋଇ ର ଗଳା
ଅତି ଯେବେ ଶୁଖିଯାଏ,
ପଥପ୍ରାନ୍ତେ ଜଳ ମୋ ଦେହେ ଶୀତଳ
ଦେଖି ଶୋଷ ଭୁଲିଯାଏ । (୨)

ମୋ ପାଖକୁ ଆସି ବାଟୋଇ ଭାଇ ମୋ
ଦେହେ ଦେଖେ ଥଣ୍ଡା ପାଣି,
ପିଇ ତା'ର ତୃଷ୍ଣା ମେଣ୍ଟାଏ ଉଲ୍ଲାସେ
ମୋ ଦେହୁ ଜୀବନ ଆଣି । (୩)

ମୋ ପାଣି ଶରୀର ପାଇଁ ହିତକର
ଏ କଥା ଭୁଲି ନ ଯାଅ,
ଚିନ୍ତି ବି ନ ଥିବ ତୁମେ ଯେ ମୋ ଜଳ
ପିଇ କେତେ ଲାଭ ପାଅ । (୪)

ବାଟୋଇ ଭାଇ ମୋ ତୋତେ ରେ ଆଜି ମୁଁ
କହେ ମନ ଦେଇ ଶୁଣ,
ବଖାଣୁଛି ମୋର ଶୀତଳ ଜଳର
ଗୋଟି ଗୋଟି ସବୁ ଗୁଣ । (୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେଟ ଥଣ୍ଡା ହେବ ପିଇବୁ ଯଦି ତୁ
ମୋ ଦେହେ ପାଣି ପୁରେଇ,
ବଦ୍‌ହଜମି ଓ ଏସିଡ୍ ରୋଗର
ସମସ୍ୟା ଯିବ ଦୂରେଇ । (୬)

ମୋ ପାଣି ପିଇ ତୋ ଶରୀରରେ ହେବ
ହରମୋନ୍ ନିୟନ୍ତ୍ରିତ,
ଠିକ୍ ହୁଏ ମେଟାବୋଲିଜିମ୍ କ୍ରିୟା
ଜାଣି ମନ ହେବ ପ୍ରୀତ । (୭)

ମୋ ଦେହ ପାଣିରେ ରୋଗ ପ୍ରତିରୋଧ
ଶକ୍ତି ଥାଏ ଭରପୁର,
ମୋ ଦେହର ବିଶେଷତ୍ୱ ପାଇଁ ପାଣି
ଅଶୁଦ୍ଧତା ହୁଏ ଦୂର । (୮)

ମୋ ଦେହ ପାଣି ତୋ ଦେହକୁ ଜରୁରୀ
ମିନେରାଲ୍ସ ଦେଇଥାଏ,
ତୋ ଦେହରୁ ଥଣ୍ଡା କାଶ ଯେ ନାନାଦି
ରୋଗ ହରି ନେଇଥାଏ । (୯)

କେବଳ ସେତିକି ନୁହେଁ ନର ମୋର
ଆଉ ଅଛି ଗୋଟେ ଗୁଣ,
ମୁଁ 'ମାଠିଆ' କହେ ଶେଷକଥା ମୋର
ମନ ଦେଇ ଟିକେ ଶୁଣ । (୧୦)

ଖରାରେ ମୋ ପାଣି ତୋତେ ଅଂଶୁଘାତ
ବିପଦୁ ଉଦ୍ଧାରି ଥାଏ,
ତେଣୁ ଖରାଦିନେ ବିଭିନ୍ନ ସ୍ଥାନେ ମୁଁ
ଜଳଛତ୍ରେ ଶୋଭା ପାଏ । (୧୧)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ତୁହି ନର ଖରାମାସେ ଥଣ୍ଡା
ପାଣିଟକ ପିଇଯାଉ,
ସେଥିପାଇଁ ପରା ଘରେ ତୋର ଫ୍ରିଜ୍
ବ୍ୟବହାର କରିଥାଉ । (୧୨)

ଯଦିଓ ବା ଫ୍ରିଜ୍ ପାଣିଟା ତୋହର
ପାଟିକୁ ଲାଗଇ ଭଲ,
ସେହି ପାଣି ପିଇ ପେଟ ଗରମରେ
ହେଉ କିନ୍ତୁ କଲବଲ । (୧୩)

ବାଟୋଇ ଭାଇ ମୋ ଫ୍ରିଜ୍ ପାଣି ଠାରୁ
ଯେତେ ପାରୁ ଦୂରେ ରହ,
ସତ କହୁଛି ନା ମିଛ କହୁଛି ମୁଁ
ନିଜେ ଚିନ୍ତାକରି କହ ! (୧୪)

ପ୍ରାକୃତିକ ଉପାୟରେ ପାଣି ମୋର
ଥଣ୍ଡା ହୋଇଥାଏ ବୋଲି,
ଶରୀରର କିଛି କ୍ଷତି ନ ହୁଏ ତୋ
କହୁଛି ମୁଁ ହୃଦ ଖୋଲି । (୧୫)

ସତର୍କ କରୁଛି ତୋତେରେ ବାଟୋଇ
ତୋର ଦେହ କଥା ଜାଣି,
ଶୋଷ ଲାଗୁଥିଲେ ପିଇଦେବୁ ମୁନ୍ଦେ
ମୋ ଦେହର ଥଣ୍ଡା ପାଣି । (୧୬)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର, (ଜିଲ୍ଲା : ଅନୁଗୋଳ)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୋଳପୂର୍ଣ୍ଣିମା



ପ୍ରହ୍ଲାଦ ସାହୁ

(ଦୋଳ ପୂର୍ଣ୍ଣମୀ ଓ ରାଇଦାମୋଦରଙ୍କ ରାହାସ କେଳି)

ଋତୁ ବଦଳିଲେ ରଂଗ ବଦଳିଯାଏ ଧରାବକ୍ଷରେ
ଆନନ୍ଦେ ହସି ଉଠେ ପ୍ରକୃତି ରାଣୀ ନବ ପଲ୍ଲବେ ।
ଶୀତ ପରେ ବସନ୍ତ ଆହା କି ମଧୁର ଫାଲ୍ଗୁନ ବାଆ
ଆମ୍ବ ବଉଳର ବାସନା ଚହଟି ଯାଏ ସାରା ଦୁନିଆ ।
ପଳାଶ ଫୁଲର ରଂଗ ଛଟା ଆହା କି ମନଲୋଭା
ଆସିଛିରେ ଆଜି ରଙ୍ଗର ପରବ ଦୋଳ ଯାତରା ।
ହୋଲି ନୁହେଁ ସେ'ତ ସ୍ନେହ ଭରା ଭାଇଚାରା ପର୍ବ
ଭୁଲିଯିବା ଆସ ରାଗ, ଅହଂକାର, ହିଂସା ଓ ଗର୍ବ ।
ଦ୍ୱାପର ଯୁଗର ସେ'ତ କୃଷ୍ଣ ଲିଳାମୃତ ରଙ୍ଗପସରା
ରାସ ରଚିଥିଲେ ଶ୍ରୀବନମାଳୀ କୁଞ୍ଜେ କରି ଲୀଳା ।
ରାଧା ସଙ୍ଗେ କଦମ୍ବ କାନନେ କରିଥିଲେ ସେ କେଳି
କୁଞ୍ଜବନେ ନାଚିଥିଲେ କୃଷ୍ଣପ୍ରେମେ ଗୋପର ଗୁଆଳି ।
ସେ ନଈ ଆରପାରିରେ ଝୁରିଛନ୍ତି କେତେ ରାଧା ରାଣୀ
ଯମୁନା ପୁଲିନେ ନଟ କରନ୍ତି ଯଶୋଦା ମାଆର ମଣି ।
ରାଧାକୃଷ୍ଣଙ୍କର ଅପୂର୍ବ ସେହି ଅଲୌକିକ ପ୍ରେମର ଗାଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲତା ଗହଳେ ଆହା କି ସୁନ୍ଦର ସେ ରାସଲୀଳା ବ୍ୟବସ୍ଥା ।

ଯମୁନା ଘାଟେ କଦମ୍ବ ଡାଳେ ଲୁଚି ବସିଥାନ୍ତି ଗୋପ ନନ୍ଦନ

ହଟହଟା କରି ଗୋପବାଳାଙ୍କୁ କରିଛନ୍ତି କେତେ ବସ୍ତ୍ର ହରଣ ।

କଦମ୍ବ ମୂଳିଆ, ବାଙ୍କ ଚୂଳିଆ ସେ ଯେ ରାଧା ମନ ମୋହନ

ବସ୍ତ୍ରା ସଂଗେ ଗାଇ ପ୍ରତିକ୍ଷୀତ ଶୁଣିବାକୁ ତାଙ୍କ ବଇଁଶୀ ଶୁନ ।

ଏକାଦଶୀ ଠାରୁ ଦୋଳ ମେଲଣ ପାଞ୍ଚ ଦୋଳ ସଭିଏଁ ଜାଣ

ଦୋଳ ବିମାନରେ ଶ୍ରୀରାଧା ଗୋବିନ୍ଦ କରିଥାନ୍ତି ପରିଭ୍ରମଣ ।

ଭଜନ, କୀର୍ତ୍ତନ ସଂଗେ ପୁଣି ପୂର୍ଣ୍ଣାହୂତୀ ଦଧି ହାଣ୍ଡି ଭଞ୍ଜନ

ଗ୍ରାମ ପରିକ୍ରମା କରି ରାଇ ଦାମୋଦର ରଖନ୍ତି ଭକତ ମନ ।

ଦୋଳ ମଣ୍ଡପରେ ଦେଖ ରାଧାକୃଷ୍ଣଙ୍କର ଯୁଗଳ ପ୍ରେମ

ପିଚକାରି ସଂଗେ ଅବିର ରଂଗେ ଅମୃତ ମୟ ସେ ମିଳନ ।

ଫାଲଗୁନ ପୂର୍ଣ୍ଣିମା ମେଲଣରେ ରାଧାମାଧବଙ୍କ ରାହାସ କେଳି

ଦୋଳି ମଞ୍ଚାଳନ୍ତି ଗୋପନାଗରୀ ରାଇ ଦାମୋଦର ଝୁଲନ୍ତି ଦୋଳି ।

ଆସିଛିରେ ଆଜି ରଙ୍ଗର ପର୍ବ ହୋଲି ଖେଳିବାକୁ ସଜବାଜ

ତରିବାକୁ ହେଲେ ଭବ ସାଗରୁ ସେହି ରାଧାକୃଷ୍ଣ ନାମ ଭଜ ।

ନୂଆଦିଲ୍ଲୀ

(ଫୋନ୍ ନଂ. – ୮୧୭୮୨୪୪୨୭୬)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିରସିତ ଯାତ୍ରା



ଅନସୂୟା ପଣ୍ଡା

ତୁମେ ଗଲ ଯେ ଗଲ,
ମୋ ଭିତରେ ତମକୁ କାହିଁ ଛାଡିଗଲ
ଅପ୍ରକାଶ୍ୟ ଯନ୍ତ୍ରଣାଟେ ହେଇ
ଜୀବନକୁ ଜିହ୍ୱାହୀନ କଲ ।

ତୁମେ ଯଦି ଗଲ, ପୁରା ଗଲନି,
ବିସ୍ଥାପିତ କି ଅନୁବାଦଟେ ହେଇ କାହିଁକି ରହିଲ
ନାଗଫେଣୀର ଦେହରେ
ପୁଣି କାହିଁକି କଳ୍ପନାର ରଙ୍ଗ ବୋଳ ।

ହାଡରେ ରକ୍ତରେ ଧମନୀରେ
ଶିଥିଳତାରେ ଉଷ୍ଣତା ଭର
ତୁମେ ମୁଁ ଭିନ୍ନର ଭିନ୍ନ ରାଗ ଭିନ୍ନ ଋତୁଚକ୍ର
ଯେଉଁଠି ନଥାଏ ହାରଜିତ୍ ଖେଳ
କେବଳ ଥାଏ କଳ୍ପନାରେ ବିଭୋର,
ଭାବନାରେ ସ୍ୱକଳ୍ପିତ ସହର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦ୍ରାଲୋକେ ଭିଜା ଭିଜା ହସର ବଳୟ
ତୁମେ ଆସ ନିଃଶବ୍ଦରେ ସହର ଶୋଇବାପରେ
ପ୍ରତ୍ୟନ୍ତରେ ଆବୋରିନିଅ ଅଧା ରାତି
ସ୍ୱପନୀଳ କରିଦିଅ ଶର୍ବରୀର ପରିପାଟୀ
ମନ ଉଡେ ପ୍ରଜାପତି ପରି ଅସୂର୍ଯ୍ୟ ଆକାଶେ
ଡେଣା ଝାଡି ଆକତାମାକତା ହେବାଯାଏ ।

ପକ୍ଷୀର କାକଳିରେ ଆଖି ଖୋଲେ
ଦେଖେ ବାସ୍ତବତା ଡାକୁଛି ହାତ ଟାଣି
ଉଠ କେତେବେଳୁ ରଜନୀ ଗଲାଣି ତୋତେ ଛାଡି
ତୁ ଆଉ ତୃଷ୍ଣା ତଟିନୀକୂଳେ ନଖୋଜ ସମ୍ପର୍କର ଲେଉଟାଣି
ସେ ପଳାୟନ ପନ୍ଥୀ ଅନ୍ଧାରରେ ଥିଲା
କେଉଁ ବେଖିଆଲି ଅନିମନ୍ତ୍ରିତ ଅତିଥି ।

ବୁର୍ଲା, ସମ୍ବଲପୁର, ୭୬୮୦୧୮
ଭ୍ରାମ୍ୟଭାଷ : ୯୪୩୯୨୧୯୯୭୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିର୍ବାଣୋନ୍ମୁଖୀ ଚେତନା



ସନ୍ତୋଷ କୁମାର ରାଉତ

ଖୁବ ଆକର୍ଷିତ କରେ...

ଅତି ନିକଟରୁ ପାଇବାର ଅଭୀପ୍ସା ।

ବିଚଳିତ କରେ...

ଅଭିଳଷିତ ସ୍ପର୍ଶର ଅନୁଭବ ।

ବିମୋହିତ କରେ...

କଳ୍ପନାର ରେଖାଙ୍କିତ ଛବି ।

ଆଲିଙ୍ଗନ କରେ...

ମାଦକତା ଭରା କ୍ଷଣର ବୋଧ ।

ଆକୃଷ୍ଟ କରେ...

ହୃଦ ସ୍ପନ୍ଦନର ସ୍ପନ୍ଦିତ ଶୀର୍ଣ୍ଣ ଶବ୍ଦ ।

ପୁଲକିତ କରେ...

ଉଷ୍ମ ନିଶ୍ୱାସର ଶିହରଣ ।

ବିଲୀନ କରେ...

ଅର୍ଦ୍ଧ ସଂଜ୍ଞାହୀନ ରୋମାଞ୍ଚର ଉପଲବ୍ଧି ।

ଆଉ ....ଶେଷରେ .....

ନିର୍ବାପନ ହୁଏ...

ବ୍ୟାକୁଳିତ କାୟା କାମନାର ପ୍ରଜ୍ୱୋଳନ ।

ଅନୁଭବ ହୁଏ...

ନିର୍ବାପିତ ପ୍ରାୟ ଅତୀନ୍ଦ୍ରିୟ ଚେତନା ।

କେନ୍ଦ୍ରାପଡା, ଓଡ଼ିଶା

ଭ୍ରାମ୍ୟ ଭାଷ – ୭୦୦୮୦୩୯୪୮୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେରିଯିବ ତୁମେ ? ? ?



ସନ୍ଦୀପ ଶେଖର

ଛାଡ଼ିବାକୁ ଇଛା ନାହିଁ ତୁମ ମଳୟକୁ
କେମିତି ଯେ ଛାଡ଼ିଯିବ ତୁମେ ?
ଏବେ ଏବେ ପରା ଆସିଥିଲ ବୋଧେ
ଏବେ ପୁଣି ଫେରିଯିବ ତୁମେ ?
ଉତ୍ତାଳ ତରଙ୍ଗ ଆଲୋଡନ ଭରି
ଯୌବନ ମହାସାଗରେ,
ଶିହରିତ କରି ଏ ପ୍ରାଣ ପୁଲକ
ବିଦାୟ କି ମାଗିପାରେ ?
ଦେଇଛ ଯେ କେତେ ରମ୍ୟ ଉପହାର
ବିନିଦ୍ର ରଜନୀ ପ୍ରୀତିର ଆସର,
ରସସିକ୍ତ କରି କାୟା କଳେବର
ଭାଙ୍ଗିଛ ମୋହର ମର୍ଯ୍ୟାଦା ପ୍ରାଚୀର ।

ଲଂଘନ କରି ଲଜ୍ୟା କ୍ଷୀତିଜ ମୁଁ
ପ୍ରୀତି ନିବେଦନ କରେ
ରସୋତ୍ସବ ସାରି ଫେରିଯାଅ କାହିଁ
ତୃଷ୍ଣା କି ଅଳ୍ପରେ ମରେ ?
କୋକିଳ କାକଳି ଆମ୍ର ବନରେ
ନିଃଶବ୍ଦ ତ ହୋଇନାହିଁ,
ତରୁପଲ୍ଲବେ କଳିକା ସମ୍ଭାର
ଅବଶେଷ ହୋଇନାହିଁ ।
ତୁମ ବିନା ଧରା ଲାଗେ ନାହିଁ ଧରା
ରୌଦ୍ର ଦଗ୍ଧ କାଳ ଆସେ,
ଅଜ୍ଞାତ କି ତୁମେ କୀର୍ତ୍ତି କିରୀଟିନୀ
ତୁମ ଅନ୍ତେ କାଳ ଗ୍ରାସେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହିଁ ମାଗ ତୁମେ ବିଦାୟ ଧରାରୁ

ରହିଯାଅ କିଛି ଦିନେ,

ପିଇବାକୁ ଦିଅ ତୁମ ରୂପାମୃତ

କାହିଁ ଫେରିଯିବ ତୁମେ ?

ନୁହେଁ ମୁଁ ଅକ୍ଷୟ ଲେଖିବି ତୁମକୁ

ଫଗୁଣର ଶେଷ ଚିଠି,

"ହେ ଫଗୁଣ ତୁମେ ଗଲା ପରେ ପରେ

ଅନେକ ଯାତନା ଏଠି"

ମନତ ଭରିନି ହୃଦୟ ପୁରିନି

ମଧୁଲୁବ୍ଧ ମଧୁବନେ,

ଏବେ ଏବେ ପରା ଆସିଥିଲ ବୋଧେ

ଏବେ ଫେରିଯିବ ତୁମେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୁଦ୍ଧ : ୟୁକ୍ରେନ୍ ବନାମ ଋଷିଆ



ଦଣ୍ଡାସି ପ୍ରଧାନ

ଯେ କେଉଁ ଭବ୍ୟତା

ଅବା ସଭ୍ୟତାର ଦିବ୍ୟ ବିକାଶ ?

ସଂକୀର୍ଣ୍ଣ ସ୍ୱାର୍ଥ ନିଶାରେ

ଯୁଦ୍ଧ ଖୋର ରୁଷିଆ ମସଗୁଲ--

ମାରଣାସ୍ତ୍ର ବିମାନ ଉଡାଣରେ;

ଆଜିର ପ୍ରଶ୍ନ-

ବିଶ୍ୱ ପରିବେଶ ନିୟନ୍ତ୍ରଣ,

ଆଭୂବନ ଭାତୃତ୍ୱ ଭାବ—

ଆନ୍ତର୍ଜାତିକ କଲ୍ୟାଣ --

ଶାନ୍ତି ମୁଖା ଚୁଡାନ୍ତ ଚୁକ୍ତି, ଏଠି କ'ଣ

ଚୁମ୍ବନ ଦିଏ, ଅଗ୍ନିସ୍ତ୍ର ମିଶାଇଲରେ ?

ନା ମାରଣାସ୍ତ୍ର ବିମାନ ଉଡାଣରେ ? ?

ଚରମ ବୁଦ୍ଧିମାନ ବର୍ବରତା, ଧ୍ୱଂସ କରିଚାଲିଛ,

ମଣିଷପଣିଆକୁ ।

ସୁସଭ୍ୟ ଦାୟାଦ

ସାର୍ବଭୌମତ୍ୱର ଉତ୍ତର ଦାୟିତ୍ୱବୋଧକୁ ।୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ୟୁକ୍ରେନ୍ ସହର ସହରେ

କୁହକୁହ ନିରୀହ ମୁର୍ଦ୍ଦାର,

ଚତୁର୍ଦିଗ ତ୍ରାହି ତ୍ରାସିତ ଚିତ୍କାର ;

ଭୟଙ୍କର ଯୁଦ୍ଧ

ବିଭୀଷିକାର ସଂକୀର୍ଣ୍ଣ ସଂହାର ।

ଆଜି ଧରାଶାୟୀ

ସୁଶୋଭିତ ରାସ୍ତାଘାଟ, ରସ-ରାସାୟନ

ମନୁଷ୍ୟ ମାନ-ମୂଲ୍ୟବୋଧ ଅନୁଷ୍ଠାନ ।

ଅଶୋଚନୀୟ ଧ୍ୱଂସର ଆକ୍ରମଣ ତାଣ୍ଡବେ

ଧୂଳି ଓ ଧୂଆଁରେ ଧୂଳିସାତ୍

ଆଖି ପିଛୁଳାରେ ସୁମନୋହର

ମାଳ ମାଳ ସହର ।

ସ୍ୱାଚ୍ଛନ୍ଦ୍ୟ ଜୀବନ କରୁଛି ସଙ୍କଳ୍ପ ସଂଘର୍ଷ ,

ସ୍ୱାଭିମାନକୁ ବଞ୍ଚାଇ ରଖିବାର ଶପଥ ଉତ୍କର୍ଷ ।

ଶସ୍ୟ ସୁଫଳା ୟୁକ୍ରେନ୍ ଦୁର୍ଗନ୍ଧେ ଗନ୍ଧଉଛି ;

ଯୁଦ୍ଧର ବାରୁଦ ବିଧ୍ୱସ୍ତ ଗନ୍ଧରେ ,

କୋଳାହଳ ମୟ ସମୃଦ୍ଧ ଦେଶ

କ୍ଷେପଣାସ୍ତ୍ର ଅବିଶ୍ୱସ୍ତ ଅଗ୍ନିରେ ଦହନ କରୁଛି । ୦୨

ବ୍ୟର୍ଥ ସ୍ୱାଭିମାନ ପଶାପାଲିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହ ଶାବକ ଗୋଟି ସାଜି --

ରୁଟି ଖୋଜୁଛି ପ୍ରାଣ ବିକଳରେ ।

ନା ଜଳ ନା ଆଲୁଅ ।

କୁକୁର, ବିଲୁଆ, ଶାଗୁଣା ବି ନାକ ଟେକିଲେଣି

ଏତାଦୃଶ ବର୍ବରତାକୁ ।

ମୂଲ୍ୟବାନ ମଣିଷର ଜୀବନ

ବୈଷୟିକ ବିଜ୍ଞାନ ଆଧାରିତ ଜ୍ଞାନ

କଳୁଷିତ କଳଙ୍କ ଫଳକରେ ଲେଖୁଅଛି-

ଅମାନବିକତାର ଇତିହାସ ।

ମଣିଷ ପଣିଆ ହଜି ହଜିଯାଏ ଦିନୁ ଦିନ ।

ବିଶ୍ୱ ସମୁଦାୟ ସ୍ତବ୍ଧ ଚକିତ ।

ନିରବ ଦର୍ଶକ କିଂକର୍ତ୍ତବ୍ୟ ବିମୂଢ଼ ।

ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାରେ

ଆଶଙ୍କିତ ପୃଥିବୀ ।

ମୃତ୍ୟୁ ଭୟ ଭୟଙ୍କର ।

ରୁଷିଆର ଭୟାର୍ତ୍ତ ଯୁଦ୍ଧାସ୍ତ୍ର ମାଡରେ

ଭୁଷୁଡି ଯାଇଛି ଦମ୍ଭ । ।୦୩

ବୃକ୍ଷର ପାରିଲା ପତ୍ର ସଦୃଶ

ଆକ୍ରମଣରେ ଉଡୁଛି ନଭଶ୍ଚୁମ୍ବି ଅଟ୍ଟାଳିକା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଜ ଆଚ୍ଛାଦିତ

ଘନ ସବୁଜିମା ଘେରା ଦଗ୍ଧେ ଫିକା ଫିକା ।

ୟୁକ୍ରେନ୍ ନଗର କାନ୍ତି;

ଅଧୁନା ବିବର୍ଣ୍ଣ ପାଂଶୁଳା -

ବିବର୍ତ୍ତିତ ଭଗ୍ନ ସୌଧ ମନେ ଭରେ

ଉତପ୍ତ ମରୁଭୂମି ଭ୍ରାନ୍ତି ।

ସଙ୍କୁଚିତ ସୁପ୍ରଶସ୍ତ ପଥ ।

ଥମୁନାହିଁ ହିଂସାକାଣ୍ଡ ।

ଶାନ୍ତିର ମାହୋଲ ମାର୍ଗକୁ ଆବୋରି-

ଅବରୋଧ କରିଛି କୂଟନୈତିକ ପାଚେରୀ ।

'ନାଟୋ' ନିରବ ଦର୍ଶକ ।

'ଜାତିସଂଘ' ଶବ ସବାରୀ ମୁର୍ଦ୍ଧାର--

ଧୃତରାଷ୍ଟ୍ର ମୁକ ଦରବାର !! ।୦୪

ଯୁଦ୍ଧର ଫଳାଫଳ ଯାହା ହୁଏ ଇତିହାସ କହେ

ସୁନାର ଶୂନ ସମଷ୍ଟି ନିଶ୍ଚିତ ମାତ୍ର, ପାଉଁଶ ମୁଠାଏ ।

ବିଜୟ ହେଉ କି ପରାଜୟ;

ମାନ ଅବା ନ ମାନ ହେ ନିରଦୟ ନିର୍ଭୟ !! ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ମଶାନ ଶବ ଉପରେ ବିଜୟ ପତାକାର ମାନେ କଣ ?

ବିଶ୍ୱ ଭବିଷ୍ୟତ ପୀଢି କୁ କି ଉତ୍ତର ତୁମେ ଦେବ ? ?

ହେ ସୁହୃଦ୍ ବିଶ୍ୱବାସୀ !

ଭବିଷ୍ୟତ ସମୟକୁ—କହିବ କି ,

ଆମେ ସବୁ ନୀରବ ଦ୍ରଷ୍ଟା ! ! !

ନା ନିରପେକ୍ଷ ବାଦୀ ?-------

ବନ୍ଦ ହେଉ ବନ୍ଦ ହେଉ ବିରୁଦ୍ଧ ଯୁଦ୍ଧର

ବାରୁଦ ବିଷାଦ ।

ଭାଙ୍ଗିଯାଉ ମମତ୍ୱର ଅବିଶ୍ୱାସୀ ବାଡ,

ଫେରିଆସୁ ଶାନ୍ତି-ମୈଇତ୍ରୀ-ମାନବ ପ୍ରୀତି-

ଜାଗରିତ ହେଉ ସ୍ନେହ, ମମତାର ଭାବ;

ହସି ଉଠି ଗାନକର, ବିଶ୍ୱ ପ୍ରେମ ଗୀତି ହେ ବିଶ୍ୱ ବାସୀ !! ।ଠ୫ ।*******

ସାହିତ୍ୟ ସମ୍ପାଦକ ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ

ଭ୍ରାମ୍ୟଭାଷ : ୦୮୭୨୦୧୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରଶ୍ନରେ ଈଶ୍ୱର ?



କୃଷ୍ଣଚନ୍ଦ୍ର ବାରିକ

ସତ କୁହ; ତୁମେ ବିକୃତ ନା ନିରାକାର ?
ତୁମେ ରୂପର ରାଜକୁମାର ନା ଗୁଣର ଗଜପତି ?
ତୁମେ ବେଳେ ବେଳେ ଅସ୍ପଷ୍ଟ ରହସ୍ୟ ମନେ ହୁଅ
ତୁମେ ଭକ୍ତିର ଭିକାରୀ ନା ଅନାଦୃତ ସମ୍ପତ୍ତି ?

ଯଦି ତୁମେ ଜଣାଶୁଣା ଧର୍ମ ଅଧର୍ମର ପ୍ରତ୍ୟକ୍ଷ ବକ୍ତା;
କିନ୍ତୁ କାହିଁକି ଦେଲ ଏତେ ସବୁ ଧର୍ମର ବିଜ୍ଞପ୍ତି ବାର୍ତ୍ତା ?
ମଣିଷ ଧର୍ମକୁ ଘୃଣା କରେ ନା ମଣିଷକୁ ?
ସମରରେ ସମାଧାନ କର ଯଦି ତୁମେ ମହାଭାରତର କର୍ତ୍ତା !

ତୁମେ ଚେତନାର ଚୈତନ୍ୟ ନା ଶିକ୍ଷାର ଚାଣକ୍ୟ ?
ଉପନିଷଦର ଉପାସକ ନା ବେଦର ବିଶେଷ୍ୟ ?
ତୁମେ ସମୟର ସମ୍ବାଦ ନା ପରିସ୍ଥିତିର ବିବାଦ ?
ନୀୟତିର ନୀରବ ଦର୍ଶକ ନା ପ୍ରକୃତିର ପୂର୍ଣ୍ଣ ପରିଚାଳକ ?

ତୁମେ ଆଧୁନିକ ପ୍ରତିଛବି ନା ପ୍ରସ୍ତରର ପ୍ରତିମୂର୍ତ୍ତୀ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଅଭାବର ପୂର୍ତ୍ତି ନା ଦାନରେ ଶାନ୍ତି ?

ତୁମେ ମୋହର ମହୋଦଧି ନା ତ୍ୟାଗର ସମାଧି ?

ତୁମେ ଆତ୍ମାର ସଦ୍ଗତି ନା ଶରୀରର ଅବଧି ?

ତୁମେ  ବୋଧେ କଳ୍ପନାର କଣ୍ଢେଇ !

ତୁମେ ଭାବରେ ବିକ୍ରି ହୁଅ ନା ଅର୍ଥରେ ?

ତୁମେ ପୁସ୍ତକ ଲେଖାରେ ନା ଆର୍ତ୍ତ ଆକାଂକ୍ଷାରେ

ଠିକ୍ କରି କହିବ ! ରହିଲି ଅପେକ୍ଷାରେ ..

ରଜିବ, ବାଙ୍କୀ, କଟକ

ଯୋଗାଯୋଗ: ୭୩୭୦୧୯୦୦୭୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଦ ସ୍ପର୍ଶ



କଲ୍ୟାଣୀ ଦାଶ

ଶୁଣିଥିଲି ଦିନେ ରାମ ପାଦ ସ୍ପର୍ଶେ
ପୁର୍ନଜନ୍ମ ନେଲା ଶିଳା
ଥିଲା ସେ ଅହଲ୍ୟା ମହାପତିବ୍ରତା
ଦିବ୍ୟ ସୁନ୍ଦର ସୁଶୀଳା
ବେଶୀ ଇଛା ନାହିଁ ଆଶା ମୋ ଏତିକି
ସ୍ପର୍ଶ ତୁମ ଥରକ
ପାରିବିନି ହେଇ ଅହଲ୍ୟା ତ କିନ୍ତୁ
ଜନ୍ମ ହେବ ମୋ ସାର୍ଥକ
ତୁମ ପଦସ୍ପର୍ଶେ ଚାଲିଯାଉ ମୋର
ମୁଢତା ମିଥ୍ୟା ର ଭାର
ପାଦତଳେ ତୁମ ସବୁକୁଛି ଅଛି
ନାହିଁ କାହାକୁ ମୋ ଡର
ଅହଲ୍ୟା ନୁହଁ ମୁ ରାମ ନୁହଁ ତୁମେ
ଚାହେଁନା ଧନ ପୌରସ
ଲୋଡ଼ା ନାହିଁ କିଛି ଚାହେଁ ମୁ ଏତିକି
ପାଇବାକୁ ତୁମ ପାଦସ୍ପର୍ଶ

ବ୍ରହ୍ମପୁର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁରୁଷାକାର



ଡଃ ମନୋରଞ୍ଜନ
ବିଷୋୟୀ

ପୁରୁଷର ସଂଜ୍ଞା କ'ଣ ?
ଏବେ ବି ଏ ପ୍ରଶ୍ନବାଚୀ
ମୋ ନିଷିଦ୍ଧ ନିଥର ପ୍ରାନ୍ତରେ ।
ବୋଧହୁଏ ମୋ ଜୀବନ ଉପତ୍ୟକା
ଆବିଷ୍କୃତ ହେବନାହିଁ
ଏବେ ବି ଅପେକ୍ଷମାଣ କଲମ୍ବସ
କିମ୍ବା ଭାସ୍କୋଡ଼ାଗାମାର ସ୍ୱପ୍ନରେ ।

ମୁଁ ପୁରୁଷ
କିନ୍ତୁ ଏ ବ୍ୟକ୍ତିତ୍ୱ ବିକଳାଙ୍ଗ
ଜୀବନ ଓ ଜୀବିକା ପଥରେ ।
ବ୍ୟକ୍ତିତ୍ୱ ବିହୀନ ସ୍ମୃତି
ମୁଠା ମୁଠା ନେଇ
ଏଠାରେ ମୁଁ ବୃହନ୍ନଳା
ଆସନ୍ନ ସ୍ୱପ୍ନରେ ।

-0-

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ୍ତ୍ରୀ ସୁଶାନ୍ତ ସିଂ



ବିଶ୍ୱନାଥ ଭୁଏ

ଗୁଟେ ସରଲ୍, ନିଷ୍କପଟ୍ ,ସେବା ମନୋବୃତ୍ତିର ଜୀବନ୍ ବିତଉଥିବାର୍ ଭଗବାନ୍ ଲେଖେ ମୁନୁଷ୍ ଟେ ଅନ୍ ଆମର୍ ମନ୍ତ୍ରୀ ସୁଶାନ୍ତ ସିଂ । ଭିନ୍ ଭିନ୍ ଲୋକ୍ ଭିନ୍ ଭିନ୍ କଥା କହେସନ୍ - ସବୁ ନେତା ମନ୍ତ୍ରୀ ପଇସା ଲାଗି ରାଜନୀତି କରୁଛନ୍ ବୋଲି । ହେଲେ ଏନ୍ତା ଭାବ୍'ନା କାଁ କରି ଆଏସି ? ଯେନ୍ ମାନେ ଏନ୍ତା ଭାବୁଛନ୍ ସେମାନେ ମନ୍ତ୍ରୀ ସୁଶାନ୍ତ ସିଂ ଆଜ୍ଞାଙ୍କର୍ ସାଂଗେ ଥରେ ଭେଟ୍ ହେଇ ଦେଖୁନ୍ ତେହେରୁ ଜାନ୍'ବେ ମନ୍ତ୍ରୀ ସୁଶାନ୍ତ ସିଂ ଆଜ୍ଞାଙ୍କୁ । ଗୁଟେ ସତ୍ କଥା ଜାନି ପାର୍'ବେ ଯେ ଆମର୍ ମନ୍ତ୍ରୀ ଆଜ୍ଞା ମୁଖ୍ୟ କାମ୍ ଲୋକଙ୍କର୍ ସେବା ଆଏ । ସେ ଦିନ୍ ରାଏତ୍ ଏକ୍ କରି କରି ଲୋକଙ୍କର୍ ସେବା କରିଚାଲୁଛନ୍ । ହେଥିର୍ ଲାଗି ତ ଅସହାୟ ଲୋକ୍ ମାନେ ତାକର୍ ବିପଦ୍ ସମିଆଁକେ ମନ୍ତ୍ରୀ ସୁଶାନ୍ତ ସିଂ ଆଜ୍ଞାଙ୍କୁ ଶୋର୍ କର୍'ସନ୍ ଅଉ ତାଙ୍କର୍ ପାସ୍'କେ ଯାଏସନ୍ ।କାରଣ ମନ୍ତ୍ରୀ ସୁଶାନ୍ତ ସିଂ ଆଜ୍ଞାଙ୍କର୍ ଉପ୍'ରେ ବିଶ୍ୱାସ୍ ଅଛେ । ଚିକିତ୍ସା କ୍ଷେତ୍ରରେ ହଉ କି ପାଠ୍ ପଢ଼ା କ୍ଷେତ୍ରରେ ହଉ ସବୁ କ୍ଷେତ୍ରରେ ସେ ଲୋକଙ୍କୁ ସାହାଯ୍ୟ କର୍'ସନ୍ । ସବୁବେଲେ ସେ ଲୋକଙ୍କର୍ ସେବାଥି ଅଛନ୍ । ଯେନ୍ ମାନେ କହୁଛନ୍ ସେ ରାଜନୀତି କର୍'ବାର୍ ଲାଗି ଲୋକଙ୍କର୍ ସେବା କରୁଛନ୍ ବୋଲି ସେମାନେ ଭୁଲ୍ କହୁଛନ୍ । ସେମାନଙ୍କୁ ସମ୍'କୁ ଅନୁରୋଧ୍ ଥରେ ଭଲ୍ କରି ଚିନ୍ତା କରୁନ୍ । ସତ୍ କଥା କହେବାର୍ କେ ଗଲେ ସେ ସେବା କର୍'ବାର୍ ଲାଗି ବଲି ରାଜନୀତି କେ ଆସିଛନ୍ । ଇ ରାଜନୀତି ମାଧ୍ୟମ୍ ଥି ସେ ଲୋକଙ୍କର୍ ସେବା କର୍'ବାର୍ ବହୁତ୍ ସୁଯୋଗ୍ ପାଇଛନ୍ । । ଇ ଲେଖା ଟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଜନୀତିର ଲେଖା ନୁହେ । ଯେନ୍'ଟା ସତ୍ ଆଏ ସେଟା ଲେଖା ହେଇଛେ । । ଇ ଲେଖା ଟା ସେବାର୍ ଲେଖା ଆଏ । ହୁଏତ ଇ ଲେଖା ପଢ଼ିକରି ବହୁତ୍ ଅସହାୟ ଗରିବ୍ ଲୋକ୍ ବିଶ୍ୱାସ୍ କରି କରି ମନ୍ତ୍ରୀ ସୁଶାନ୍ତ ସିଂ ଆଜ୍ଞାଙ୍କର୍ ସେବା ପାଇ ପାର୍'ବେ ଅଉ ଇ ସମାଜ୍ ନୁ ଆଗ୍'କେ ବଢ଼ିପାର୍'ବେ ।

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ - ୯୬୭୮୨୮୫୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋହ



ପଙ୍କଜ କୁମାର ପାଣିଗ୍ରାହୀ

ଆତ୍ମଦର୍ଶନ, ବିଚାରଶୀଳତା, ନିବନ୍ଧିତ ଗ୍ରହଣୀୟତା ରହିତ ଏକ ପାରିବାରିକ ବନ୍ଧନ ଯାହା ମଣିଷକୁ ମାନସିକ ତୃପ୍ତି ପ୍ରଦାନ ପୂର୍ବକ ସାମାଜିକ କର୍ତବ୍ୟନିଷ୍ଠତାର ଦିଗ୍ଦର୍ଶକ ଭାବେ ଭାବାବେଗ ସୃଷ୍ଟି କରିଥାଏ ମନରେ । ମୋହରେ ବନ୍ଧା ପାରିବାରିକ ଓ ସାମାଜିକ କର୍ତ୍ତବ୍ୟବୋଧତା ମଣିଷର ନିଜସ୍ୱ ଚେତନାକୁ କ୍ଷୀଣ କରି ଅପ୍ରାକୃତିକ, ଅନୈତିକ ବିଚାର ସୃଷ୍ଟି କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ମୋହରେ ମୋହିତ ମଣିଷ ଦିଗହରା, ବିକାର ଯୁକ୍ତ ତଥା ଅମାନବୀୟ ଚରିତ୍ର ପ୍ରବାହ ପୂର୍ବକ ଅସାମାଜିକ କାର୍ଯ୍ୟ ତଥା ଅନ୍ୟର କ୍ଷତି ସାଧନ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ତିଳେ ହେଲେ ଦ୍ୱିଧା ଅନୁଭବ କରିନଥାଏ । ମୋହ ମଣିଷକୁ ଅମାନବୀୟତାର ଚରମ ଶୀର୍ଷରେ ପହଞ୍ଚାଇ କର୍ତ୍ତବ୍ୟ, ଅକର୍ତ୍ତବ୍ୟର ସଜ୍ଞା ବହିର୍ଭୁତ ପୂର୍ବକ ସ୍ୱାର୍ଥାନ୍ଧ କରିଦିଏ ଯଦ୍ୱାରା ସେ କରୁଥିବା କର୍ମର ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହୋଇଥାଏ । ଅତଃ ଅନେକ ସମୟରେ ଦୁଃସ·ରିତ୍ରିକ ଚରିତ୍ର ପ୍ରବାହ ଜନିତ ସାମାଜିକ ଅମଙ୍ଗଳ ସାଧନ କରି ନିଜର ବ୍ୟକ୍ତିତ୍ୱ, ପରିଚୟ ନଷ୍ଟ କରିବାରେ ପଛଘୁଞ୍ଚା ଦେଇନଥାଏ ମୋହିତ ।

ମୋହ ଏକ ସାମାଜିକ ଚରିତ୍ର ଯାହାର ଘନତ୍ୱ ନିର୍ଭର କରିଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପୃକ୍ତ ପାରିବାରିକ ପୂର୍ବଜଙ୍କ ବି·ରଧାରା ତଥା ପାରମ୍ପରିକ ଗୁଣ ପ୍ରବାହ ଶୈଳୀ ଉପରେ । ମୋହର ଆନୁପାତିକ ଭିନ୍ନତା ଦେଖା ଦେଇଥାଏ ଗୋଟିଏ ପରିବାରର ବିଭିନ୍ନ ମଣିଷଙ୍କ ପାଖରେ, ଯାହାର ଆନୁପାତିକ ଭିନ୍ନତା ପରିଲକ୍ଷିତ ହୋଇଥାଏ ଏକକ ବ୍ୟକ୍ତିଙ୍କ ଜନ୍ମ ଚରିତ୍ରକୁ ନେଇ ଯାହା ସେମାନଙ୍କ ପିତା, ମାତାଙ୍କ ଚାରିତ୍ରିକ ଜିନ୍ ଗତ ଗୁଣ ଉପରେ ନିର୍ଭର କରିଥାଏ । କେତେକ ବ୍ୟକ୍ତି ବିଶେଷଙ୍କ ପାଖରେ ମୋହର ପରିମାଣ ଅତ୍ୟନ୍ତ କ୍ଷୀଣ ରହିଥବା ବେଳେ ଅନ୍ୟ କେତେକ ମୋହରେ ବନ୍ଧା ନିଜତ୍ୱ ଭୁଲିଯାଇ ଥା'ନ୍ତି କେବଳ ନିଜର ପାରିବାରିକ ସମ୍ପର୍କ ସହିତ । ମୋହରେ ଅନ୍ଧ ମଣିଷ ଗୁଡିକ ଅନେକ ସମୟରେ ନିଜକୁ ଜଳାଞ୍ଜଳି ଦେଇ ନିଜ ପରିବାର ସଦସ୍ୟଙ୍କ ଉଦ୍ଦେଶ୍ୟରେ ଏତେ ଉତ୍ସର୍ଗୀକୃତ ହୋଇଥା'ନ୍ତି ଯେ ସେମାନେ କେବଳ ନିଜକୁ ଏକ ପିତୁଳା ଭଳି ବଞ୍ଚାଇ ରଖି ନିଜ ପରିବାର ତଥା ଜାୟା, ସନ୍ତାନଙ୍କ ପ୍ରତି ନିଜ ପ୍ରାଣ ଦେବା ପାଇଁ ମଧ୍ୟ ପଛଘୁଞ୍ଚା ଦେଇନଥା'ନ୍ତି । ମୋହରେ ଅନ୍ଧ ଏହିଭଳି ମଣିଷଙ୍କ ମାନସିକ ବିଡମ୍ବନା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ ସତେ ଯେପରି ସେମାନଙ୍କ ଜନ୍ମ ହୋଇଥିଲା କେବଳ ଏହିମାନଙ୍କୁ ଉତ୍ତୋଳନ କରି ଗଢି ତୋଳିବାକୁ ଯେଉଁଠି ତା'ର ପରିଚୟ ଏକ ମହା ମରୀଚିକା ସଦୃଶ୍ୟ ହୋଇଥାଏ । ଅନେକ ସମୟରେ ସେମାନେ ନିଜେ ଜଳି ଜଳି ପାରିବାରିକ ବନ୍ଧନକୁ ଏମିତି ସନ୍ତୁଳିତ କରିଥା'ନ୍ତି ଯେ ସେମାନଙ୍କ ସର୍ବସ୍ୱ ଏହି ସମ୍ପର୍କୀୟ ମାନଙ୍କ ଭଳି ଅନୁଭୂତି ଦେଖିବାକୁ ମିଳେ ଅନେକ କ୍ଷେତ୍ରରେ । ଅନ୍ୟ ପକ୍ଷରେ କେତେକ ମଣିଷ କେବଳ ସାମାଜିକ ନିବନ୍ଧତାକୁ ଆଖି ଆଗରେ ରଖି ପ୍ରଥମେ ନିଜସ୍ୱ ବିଚାରଧାରା ସହିତ ବ୍ୟକ୍ତିଗତ ଚରିତ୍ରକୁ ସୁସଜ୍ଜିତ କରିବା ପରେ କିଛି ଅଂଶ ପରିବାର ପ୍ରତି ନିୟୋଜିତ କରିଥା'ନ୍ତି । ସେମାନଙ୍କ ବିଚାରଧାରା ଏକ ସମାନ୍ତରାଳ ରେଖାରେ ପ୍ରବାହିତ ହେଉଥାଏ ନିଜ ପ୍ରତି ଏବଂ ପାରିବାରିକ ବନ୍ଧନର ସନ୍ତୁଳନ ରକ୍ଷା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ।

ମୋହ ଏକ ମାନସିକ ବିକାର ଜନିତ ରାସାୟନିକ ପ୍ରକ୍ରିୟା ଯାହା ମଣିଷକୁ ଅନେକ କିଛି ଶିକ୍ଷା, ଦୀକ୍ଷାରେ ସଂଭୁସିତ କରି ସ୍ୱାର୍ଥାନ୍ଧ କରି ଦେଇଥାଏ । ମୋହିତ ମଣିଷ ସବୁବେଳେ ଅଲୌକିକ ବିଚାରଧାରା ପ୍ରବାହ ତଥା ଅଲୌକିକତା ଉପରେ ଯଥେଷ୍ଟ ବିଶ୍ୱାସ, ଗୁରୁତ୍ୱାରୋପ କରିଥା'ନ୍ତି । ପ୍ରତ୍ୟେକ ସମୟରେ ପାରିପାର୍ଶ୍ୱିକ ସନ୍ଦେହ ଜାଗ୍ରତ ହେବା ସହିତ କ୍ଷଣ କ୍ଷଣ ନିଜକୁ ଏବଂ ନିଜ ପରିବାର ପ୍ରତି କୌଣସି ଅସୁରକ୍ଷିତ ରହିଥିବା ଅନୁଭବ ହୋଇଥାଏ ସେମାନଙ୍କର । ମୋହ ମଣିଷକୁ ଅହରହ ଅଶାନ୍ତ କରି ରଖିବାରେ ଯଥେଷ୍ଟ ସହାୟକ ହେଉଥିବା ବେଳେ ଭବିଷ୍ୟତ ଅସୁରକ୍ଷିତ ଅନୁଭବ ସେମାନଙ୍କର ଏକ ସହଜାତ ଚେତନା ଭଳି ପରିଲକ୍ଷିତ ହୋଇଥାଏ । ମୋହରେ ବନ୍ଧା ମଣିଷ ସବୁବେଳେ ବର୍ତ୍ତମାନକୁ ପ୍ରତ୍ୟାଖ୍ୟାନ କରି ଭବିଷ୍ୟ ବିଚାର ରଖିବା ସହିତ ସମସ୍ତଙ୍କୁ ଭବିଷ୍ୟ ସୁରକ୍ଷା ନିମନ୍ତେ ଅନେକ ଜ୍ଞାନ ବାଣ୍ଟିଥା'ନ୍ତି । ପାରିବାରିକ ସୁରକ୍ଷା ତଥା ଭବିଷ୍ୟଦ୍ରଷ୍ଟା ବିଚାର କାରଣରୁ ନିଜ ପରିବାର ପ୍ରତି ରଖିଥିବା ପ୍ରଗାଢ଼ ମୋହକୁ ଲୁକାୟିତ ରଖି ସେମାନଙ୍କ ବର୍ତ୍ତମାନକୁ ମଧ୍ୟ ଅଣଦେଖା କରିବା ତଥା ପାରିବାରିକ ଲୋକଙ୍କ ପ୍ରତି ଅଯୌକ୍ତିକ ବିଚାର ବାଢ଼ିଥା'ନ୍ତି । ଯଦ୍ୱାରା ସେମାନଙ୍କ ପରିବାର ଲୋକେ ମଧ୍ୟ ସମ୍ପୃକ୍ତ ମଣିଷଟିର ମୋହକୁ ବୁଝିନପାରି ସେମାନଙ୍କ ପ୍ରତି ବିପରୀତମୁଖୀ ଭାବନା ସୃଷ୍ଟି କରିଥା'ନ୍ତି ମନରେ । ଅର୍ଥାତ ନିଜ ପରିବାର ପ୍ରତି ମୋହିତ ଶୁଭଚିନ୍ତକ ମଧ୍ୟ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଅନେକ ସମୟରେ ଆକ୍ରୋସର ଶିକାର ହେବାପାଇଁ ପଡିଥାଏ । ଏହି ପରିସ୍ଥିତିକୁ ହୃଦୟଙ୍ଗମ କରି ଉଭୟ ପକ୍ଷ ଭବାନ୍ତର୍ଭୁକ୍ତ କରିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ ହୋଇଥବା ବେଳେ ପାରିବାରିକ ଅଶାନ୍ତି ଜନିତ ଦୁଃଖୀ ଜୀବନ ଯାପନ କରିବାରେ ଉଭୟ ପକ୍ଷ ପକ୍ଷପାତିତା କରିବାକୁ ବାଧ୍ୟ ହୋଇଥା'ନ୍ତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଡମ୍ବନାର ବିଷୟ ଏହାକି ମଣିଷ ମନର ଅନ୍ୟାନ୍ୟ ଆନୁସଙ୍ଗିକ ରିପୁ ଗୁଡିକୁ କିଂଚିତ ବିଶ୍ଳେଷଣ କରି ବୁଝିବା ସାମର୍ଥ୍ୟ ରଖିଥିବା ମଣିଷ ମଧ୍ୟ ମୋହର ସଜ୍ଞାକୁ ଏତେ ସହଜରେ ବୁଝି ନପାରି ଜୀବନ ଅସନ୍ତୁଳିତ ଅବସ୍ଥାରେ ବିତାଉଥିବା ଏକ ଦୁଖଦଃ ପରିବେଶ ଦେବାକୁ ମିଳିଥାଏ ଏକ ମୋହିତ ପରିବାର ମଧ୍ୟରେ ।ଅର୍ଥାତ ମୋହକୁ ବୁଝିବା ତଥା ତାକୁ ସନ୍ତୁଳିତ କରି ପାରିବାରିକ କର୍ତବ୍ୟ ପରିଚାଳିତ କରିବା ଏତେ ସହଜ ନୁହେଁ ଯାହା ସାଧାରଣ ମଣିଷ ପାଖରେ ସମ୍ଭବ ହୋଇପାରିବ ।ମୋହକୁ ସମୀକ୍ଷା କରି ସନ୍ତୁଳିତ କରି ଜୀବନଚର୍ଯ୍ୟାରେ ଅଂଗୀକାର କରି ଏକ ମାନବୀୟ ଚରିତ୍ର ପ୍ରବାହ କରିବା ଏକ ଜଟିଳ ଜ୍ଞାନ ।ତେଣୁ ଅଧିକାଂଶ ମଣିଷ ପାରିବାରିକ ମୋହରେ ଅନେକ ଅସାମାଜିକ, ଅମାନବୀୟ ଚରିତ୍ର ପ୍ରବାହ ପୂର୍ବକ ନିଜର ଗାରିମା ତଥା ପରିଚୟ ନଷ୍ଟ କରିବାରେ କୌଣସି ଚେତନା ମୂଳକ ବିଧି ପ୍ରବାହ କରିବାରେ ଯଥେଷ୍ଟ ଅସହାୟକ ହୋଇଥାନ୍ତି ଆମ ସମାଜରେ ।କିନ୍ତୁ ମୋହକୁ ସଂକୁଚିତ କରି ମାନବୀୟ ଚରିତ୍ର ପ୍ରବାହ କରିବାରେ ସମ୍ପୃକ୍ତ ମଣିଷର ପରିବାର ତଥା ସମାଜରେ ବ୍ୟକ୍ତିତ ବୃଦ୍ଧି ପାଇବା ସହିତ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିବେ ବୋଲି ସାଧାରଣ ଜ୍ଞାନ ଶୂନ୍ୟ ମଣିଷଙ୍କ ଜୀବନ ଶୈଳୀ ଏକ ଭିନ୍ନ ଢଙ୍ଗରେ ପରି·ଳିତ ହୋଇଥାଏ ।

ମୋହ ମଣିଷକୁ ଜ୍ଞାନଶୁନ୍ୟ କରି ଅବାଟରେ ପରି·ଳିତ କରିଥାଏ ।ମୋହ ଏକ ପ୍ରକୃତିଦତ୍ତ ଚରିତ୍ର ମଣିଷର ଯାହା ମାନସିକ ସ୍ତରରେ ସଂରଚିତ ହୋଇ ମସ୍ତିଷ୍କରେ ବ୍ୟାପକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ ।ସେହି ରାସାୟନିକ ପ୍ରତିକ୍ରିୟା ହେତୁ ମଣିଷର ଚେତନା ଜ୍ଞାନ ପ୍ରଭାବିତ ହୋଇ ଆକୃଷ୍ଟ ଭାବ ସୃଷ୍ଟି ହୋଇଥାଏ ।ଆକୃଷ୍ଟ ଭାବ କୌଣସି ବସ୍ତୁ, ପଦାର୍ଥ କିମ୍ବା ମଣିଷଙ୍କ ପ୍ରତି ହୋଇଥାଏ ଯାହା ସ୍ଥଳ ବିଶେଷକୁ ନେଇ ତାହାର ଘନତ୍ୱ ସୃଷ୍ଟି କରିଥାଏ ।ମୋହ କେମିତି ପ୍ରାକୃତିକ ଉପାୟରେ ମଣିଷ ମନରେ ସୃଷ୍ଟି ହୋଇଥାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାହା ବୁଝିବା କଷ୍ଟକର ବ୍ୟାପାର ହୋଇଥିବା ବେଳେ ଗୋଟିଏ ଉଦାହରଣ କିଂଚିତ ଜ୍ଞାନ ପ୍ରଦାନ କରିପାରେ । ଉଦାହରଣ ସ୍ୱରୂପ ମା' ନିଜର ନବ ଜନ୍ମିତ ସନ୍ତାନ ପ୍ରତି ଯେଉଁ ଲାଳସା ସୃଷ୍ଟି କରିଥାଏ ଏବଂ ତାକୁ ନିଜର ସ୍ତନ୍ୟ ପାନ କରାଇବା ପାଇଁ ଯେଉଁ ବ୍ୟାକୁଳତା ସୃଷ୍ଟି ହୋଇଥାଏ ତା' ମନରେ ତାକୁ ସହଜରେ ବୁଝି ହେବ ନାହିଁ । କାରଣ ତାହା ଏକ ପ୍ରାକୃତିକ ଆକୃଷ୍ଟତା ଯାହାକୁ ଛାଡି ସେ ବଞ୍ଚିପାରିବ ନାହିଁ । ସତେ ଯେମିତି ନିଜର ସର୍ବସ୍ୱ ହରାଇଲା ଭଳି ମାନେ ହେଉଥାଏ ଯଦି ସେ ତାର ସନ୍ତାନକୁ ସ୍ତନ୍ୟପାନ କରିବାରେ ବାଧା ବିଘ୍ନ ସୃଷ୍ଟି ହୁଏ । ସେହି ଅନାବିଳତାରୁ ସୃଷ୍ଟି ମୋହକୁ ପରିତ୍ୟାଗ କରି ନିଷ୍ଠୁର ଭାବ ପ୍ରଦର୍ଶନ କରିବା କୌଣସି ମା' ପ୍ରତି ଏକ ମୃତ୍ୟୁ ସମାନ ହୋଇପଡେ । ଏହା ଏକ ପ୍ରାକୃତିକ ଭାବାବେଗ ଜନିତ ମୋହ । ଏବଂ ସେହି ମୋହରୁ ଜାଗ୍ରତ ତାର ମନରେ ଆକୃଷ୍ଟ ଭାବ ମଧ୍ୟ ସେହି ନବଜାତ ଶିଶୁର ମନ ମାନସରେ ପ୍ରତିଫଳିତ ହୋଇ ପରବର୍ତୀ ସମୟରେ ତାହାର ପ୍ରକୋପ ସାବ୍ୟସ୍ତ କରି ମଣିଷକୁ ଏକ ମୋହରେ ବାନ୍ଧି ରଖିବାରେ ସହାୟକ ହୋଇଥାଏ । କାଳକ୍ରମେ ସେହି ମୋହ ବିଭିନ୍ନ ବସ୍ତୁ, ପଦାର୍ଥ ସହିତ ନିଜସ୍ୱ ପରିବାର ପ୍ରତି ଏତେ ପ୍ରଗାଢୋକ୍ତି ପ୍ରକାଶ କରିଥାଏ ଯେ ମଣିଷ ଏକ ରକମ ଜଡ଼ ପଦାର୍ଥ ଭଳି ମୋହିତ ହୋଇ ରହିଥାଏ । ତେଣୁ ସଂସାରର ସବୁ ମଣିଷ ମୋହରୁ ବାଦ ପଡିବାରେ ଅସମର୍ଥ ହୋଇଥା'ନ୍ତି । ଏବଂ ସମୟକ୍ରମେ ସେହି ମୋହ ମଣିଷକୁ ଏକ ଅତୁଟ ବନ୍ଧନରେ ବାନ୍ଧି ରଖିଥାଏ ଯାହା ତାକୁ ମାନବିକତା ଶୂନ୍ୟ କରି ସମୟ ଚକ୍ରରେ ଭିନ୍ନ ଦିଗରେ ପରି·ଳିତ କରିଥାଏ ଯାହା ସେ ନିଜେହିଁ ବୁଝି ପରେ ନାହିଁ । ତେଣୁ ସଂସାର ଏକ ବନ୍ଧନରେ ବାନ୍ଧି ହୋଇ ଚାଲିଛି ଯାହା ମଣିଷକୁ ବାସ୍ତବ ଜ୍ଞାନ ପ୍ରଦାନ କରିବାରେ ଅସମର୍ଥ ହୋଇଥାଏ । କି'ନ୍ତୁ ମୋହରେ ବନ୍ଧିତ ମଣିଷର ଯାହା ସବୁ ଅନ୍ତର୍ଭାବ ସୃଷ୍ଟି ହୋଇଥାଏ ବାସ୍ତବିକ ସେସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରାକୃତିକ ନୁହେଁ । ମୋହରୁ ଦୁରେଇ ସଂସାରକୁ ଭିନ୍ନ ଦୃଷ୍ଟିରେ ଦେଖିଲେ ଜାଣିହେବ, ପ୍ରକୃତ ମଣିଷ ଜୀବନର ବାସ୍ତବତା କ'ଣ । କିନ୍ତୁ ସାଧାରଣ ମଣିଷଙ୍କ ତାହା ପ୍ରତି କୌଣସି ଆଗ୍ରହ ସୃଷ୍ଟି ହେଉନଥିବା ହେତୁ ପୋକ ମାଛି ପରି କୋଟି କୋଟି ମଣିଷ ଜନ୍ମ ହେଉଛନ୍ତି, କି'ନ୍ତୁ ନିଜ ଜୀବନ ସମ୍ପର୍କରେ କୌଣସି ଜ୍ଞାନ ପାଇବାରେ ସମର୍ଥ ହୋଇନଥା'ନ୍ତି । ମଣିଷ ଜୀବନର ବାସ୍ତବ ଜ୍ଞାନ ପାଇବା ପରେ ମଣିଷର ମୋହ କ୍ଷୁର୍ଣ୍ଣ ହୋଇ ନିଜର ପରିଚୟ ପାଇବାରେ ସହାୟକ ହୋଇ ପାରିବ ଯାହା ପ୍ରତି କାହାର ନିଘା ନାହିଁ କିମ୍ବା କୌଣସି ଆଗ୍ରହ ନାହିଁ । କିନ୍ତୁ ମଣିଷ ନିଜର ପ୍ରାକୃତିକ ପରିଚୟ ପାଇବା ନିଶ୍ଚିତ ସମ୍ଭବ ଯାହା କେହି ଜାଣନ୍ତି ନାହିଁ । ମୋହ ଏକ ଅସାଧାରଣ ମାନସିକ ତତ୍ୱ ଯାହା ଏତେ କ୍ଷୀଣ ଆଲୋଚନା, ଲେଖା ମାଧ୍ୟମରେ ବିଶ୍ଳେଷଣ କରି ବୁଝାଇ ହେବ ନାହିଁ । ମୋହକୁ ସମ୍ପୂର୍ଣ୍ଣ ବିଶ୍ଳେଷଣ, ବ୍ୟାଖ୍ୟା କରିବା ଏକ ବ୍ୟାପକ ବିଷୟ ଯାହା ଏତେ ସାଧାରଣରେ ହେବା ସମ୍ଭବ ନୁହେଁ । କେବଳ କିଂଚିତ ଜ୍ଞାନ ସ୍ୱରୂପ ସମ୍ପୃକ୍ତ ବିଶ୍ଳେଷଣଟି ସାଧାରଣ ମଣିଷଙ୍କ ଭାବାବେଗକୁ ପ୍ରଭାବିତ କରି ଆଗକୁ ପ୍ରେରଣା ଯୋଗାଇବ ବୋଲି ଆଶା କରି ଉପସ୍ଥିତ ଆଲେଖ୍ୟଟିରେ ମୋହରୁ ନିଜକୁ ଦୁରେଇ ରଖି ପ୍ରାକୃତିକ ଉପାୟରେ ନିଜର ଜୀବନ ଶୈଳୀକୁ ସଞ୍ଚାଳିତ କଲେ ହୁଏତ ପ୍ରକୃତ ଜ୍ଞାନ ପାଇପାରିଥା'ନ୍ତା ମଣିଷ ଯାହା ଦ୍ୱାରା ଏକ ପ୍ରେମମୟ ମଣିଷ ସମାଜ ଗଠନ ହୋଇ ପାରିଥା'ନ୍ତା ବୋଲି ଆମ ଅନୁମାନରେ ଆପଣଙ୍କ ଅନୁଭୂତି କ'ଣ ..... ? ? ! !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୭୨୪୯୦୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିପ୍ଲବୀ ଭଗତ ସିଂ



ଅକ୍ଷୟ କୁମାର
ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟ ଚେତନା । ଯେଉଁ ଦେଶ ପ୍ରେମରେ ଉଦ୍ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ ।

ଭଗତ୍ ସିଂ ଜେଜେବାପା ଅର୍ଜ୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ୍ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଲବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଚୟ ହେଲା ।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଲବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା । ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢ଼ିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା ।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୭ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଲବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି ।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା । ପିତା କିଷନ୍ ସିଂ ବଡପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୁଟିଏ ଆଣିବାକୁ ମନସ୍ତ କରିଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ୍ୟ କରାଯିବ ନାହିଁ । ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୯୨୮ ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ । ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ " ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମି " ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ  ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଲବୀ ଯୋଗଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଲବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରା ସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଲବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଲବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ  ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର  ।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଲବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶ ହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫାଶୀଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ । ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ "ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଲବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।" ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ । ଭଗତ୍ ସିଂ କହିଲେ- "ମାଜିଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଲବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ" । ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର
ମୋ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ବୈଷ୍ଣୋଦେବୀ



ପ୍ରହ୍ଲାଦ ସାହୁ

ମାଆ ବୈଷ୍ଣୋଦେବୀ ପୀଠ ଜମ୍ମୁ ପରିକ୍ରମା କରିବାର ଏକ ଅଭୁଲା ସ୍ମୃତି । ସେଦିନ ଦିଲ୍ଲୀରୁ ଆମେ ମାଆଙ୍କ ଦର୍ଶନ ଲାଗି ବାହାରିଥିଲୁ । ମନରେ ଅନେକ ଉତ୍ସାହ ଉଦ୍ଦୀପନା ଲହଡି ମାରୁଥାଏ । ମାଆଙ୍କ ପାଖରେ ଯେ ପର୍ଯ୍ୟନ୍ତ ନପହଂଚିଛନ୍ତି ସେ ପର୍ଯ୍ୟନ୍ତ ମନ ଅସ୍ଥିର । ନିଜର ଆସବାବପତ୍ର ଦୁଇଟି ବ୍ରିଫକେଶରେ ପେକ୍ କରିନେଲୁ । ସାମାନ୍ୟ କିଛି ସ୍ନାକ୍ସ ସହିତ କିଛି ଫ୍ରୁଟ ଏବଂ ଦୁଇ ତିନୋଟି ପାଣି ବୋତଲ ସଙ୍ଗେ କେଇଯୋଡା ଗରମ କପଡା ମଧ୍ୟ ସାଙ୍ଗରେ ଥିଲା ।

ଘରୁ କ୍ୟାବ୍ ବୁକ କରି ଉତ୍ତମ ନଗର ୱେଷ୍ଟ ମେଟ୍ରୋଷ୍ଟେସନ ପହଞ୍ଚିଗଲୁ । ମାମା(ଝିଅ), ବାବା(ପୁଅ), କ୍ରୀଷ୍ଣା ଆଉ ମୁଁ । ନିଯୁଦିଲ୍ଲୀ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ମେଟ୍ରୋରେ ଗଲୁ । ରାଜିବ ଚୌକ ମେଟ୍ରୋ ଷ୍ଟେସନ ସବୁଠାରୁ ବଡ ମେଟ୍ରୋ ଷ୍ଟେସନ ଏବଂ ମେଟ୍ରୋ ଜଙ୍କ୍ସନ୍ । ସେଠାରୁ ଓହ୍ଲାଇ ପୁଣି ତଳକୁ ଯିବାକୁ ପଡେ । ଆଉ ଏକ ମେଟ୍ରୋ ଟ୍ରେନ ଧରି ନିୟୁଦିଲ୍ଲୀ ରେଲୱେ ଷ୍ଟେସନ ଯିବାକୁ ପଡେ । ସେଠାରେ ଅଦଳ ବଦଳ ହେବା ଭିତରେ ଆମେ ଟିକିଏ ଆଗ ପଛ ହେଇଯାଇଥିଲୁ ।

ନିୟୁଦିଲ୍ଲୀ ରେଲୱେ ଷ୍ଟେସନରେ ପହଞ୍ଚିବା ପରେ ବହୁତ ଖୁସି ହୋଇଯାଇଥିଲୁ କାରଣ ପ୍ରିୟ ଦୋସ୍ତ ସତବିନ୍ଦରଜି ଏଣ୍ଡ ଫେମିଲି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତୋଷଜି ଏଣ୍ଡ ଫେମିଲ, କପିଲ ଏବଂ କପିଲର ମମି, ଦିଦି, ଜିଜା, ଭଣଜା, ଇତ୍ୟାଦି ସମସ୍ତେ ଆମକୁ ଅପେକ୍ଷା କରିଥିଲେ ।

କିଛି ସମୟ ପରେ ନିୟୁଦିଲ୍ଲୀ - କଟ୍ରା ଟ୍ରେନରେ ବସିଗଲୁ । ଏକ ଏକ କେବିନ ବୁକିଂ କରାଯାଇଥିଲା ତେଣୁ ନିଜ ନିଜ ଫେମିଲ୍ ସହିତ ବେଶ ଆରାମରେ ବସିଗଲୁ । ରାତିରେ ଟ୍ରେନ ପେନଟ୍ରି କାରରୁ ମିଲ ମଗାଇ ଖାଇବାରେ ମଜା ଆଉ କିଛି । ଭେଜ-ଆଇଟମ ସାଙ୍ଗକୁ କିଛି ସୁଇଟ୍ସ, ରାବିଡ଼ି ଆହୁରି ରାତ୍ରି ଭୋଜନର ଆନନ୍ଦ ଦିଗୁଣିତ କରିଦେଲା ।

କିଛି ସମୟ ଅନ୍ତାକ୍ଷରି, କିଛି ମଜା କଥା ତାପରେ ନିଜ ନିଜ ବେଡ ଧରିନେଲୁ । ଟ୍ରେନ ଚାଲିଥାଏ । ମଝିରେ ମଝିରେ ମୁଁ ଉଠିପଡି ସମସ୍ତଙ୍କୁ ଦେଖୁଥାଏ । ଲଗେଜ୍ ସବୁ ଠିକ୍ ଭାବେ ଅଛିକି ନାହିଁ ତାକୁ ମଧ୍ୟ ଦେଖୁଥାଏ ।

ଠିକ୍ ସାଢେ ପାଞ୍ଚଟାରେ ଆମେ ଜମ୍ମୁ ରେଲୱେ ଷ୍ଟେସନରେ ପହଞ୍ଚିଲୁ । ସେଠାରୁ ଅଟୋ ବୁକ କରି କଟରା ଆସିଲୁ । କଟରାରେ ହୋଟେଲ ବାଲା ଡାକୁଥାନ୍ତି ତାଙ୍କ ହୋଟେଲରେ ରହିବା ପାଇଁ । ଯାହାହେଉ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ୪ଟା ରୁମ ବୁକ କରିନେଲୁ । ଗାଧୋଇ ପାଧୋଇ ଫ୍ରେସ ହେଲୁ । କିଛି ଟିଫିନ ଖାଇନେଲୁ ।

ଦିନ ୧୧ଟା ସୁଦ୍ଧା ଆମେ ରୁମ ଛାଡି ମାତା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଦେଇଥିଲୁ । ସେୟାରିଂ ଅଟୋରେ ବସି ପାହାଡର ପାଦ ଦେଶରେ ପହଞ୍ଚିଲୁ । ସେଠାରୁ ଚାଲିବା ଆରମ୍ଭ କଲୁ । ଅଙ୍କାବଙ୍କା ସର୍ପିଳ ପାହାଡ ରାସ୍ତା । କମ୍ ପ୍ଲେନ୍ ରାସ୍ତାର ଚାଲିଥିଲୁ କିନ୍ତୁ ଅଧିକ ଉପରକୁ ଉପରକୁ ପାହାଡ ଚଢିବାକୁ ପଡୁଥିଲା ।

କେହି କେହି ପିଠୁରେ ବସିକି ଯାଉଥିଲେ ତ କେହି ସବାରିରେ । କିନ୍ତୁ ଅଧିକାଂଶ ଲୋକ ଚାଲି ଚାଲି ଯାଉଥିଲେ । ଥକିଗଲେ କିଛି ସମୟ ବସି ଯାଉଥିଲୁ । ମାମାଙ୍କୁ ଚାଲିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଷ୍ଟ ହେଲା । ପାଞ୍ଚ ବର୍ଷର ଛୋଟ ପିଲା ପାହାଡ ଯିଏ ଦେଖି ନଥିଲା ସେ ପାହାଡ ଚଢିବା ତା ପାଇଁ କଠିନ ଥିଲା । ତଥାପି ସେ ହାର ମନି ନଥିଲା ।

ଏମିତିରେ ମଜା ମଜା କାହାଣୀ କହୁ କହୁ ବହୁତ ଆନନ୍ଦ ସହିତ ଆମେ ଯାଇ କେତେବେଳେ ଅଧକୁଆଁରି ପହଞ୍ଚି ସାରିଥିଲୁ  ଆମେ ବି ଜାଣି ପାରି ନଥିଲୁ । ସେତବେଳକୁ ସନ୍ଧ୍ୟାଧୂପ ଆରମ୍ଭ ସମୟ । ମାଆ ଅଧକୁଆଁରି ମନ୍ଦିର ଭିତରକୁ ଗଲୁ । ପୂଜା ଅର୍ଚନା କଲୁ । ବହୁତ ସମୟ ଧରି ବୁଲାବୁଲି କଲୁ ସମସ୍ତେ ।

ସେଠାରେ ଏକ ମନୋରମ ସୁଡ଼ଙ୍ଗ ଅଛି । ଯାହା ମଧ୍ୟ ଦେଇ ୩୦୦ ମିଟର ଯିବାକୁ ପଡେ । ଶେଷରେ ଅଧକୁଆଁରି ମନ୍ଦିର ଭିତର ପଟରୁ ବାହାରକୁ ଆସିବାକୁ ହୁଏ । ନବରାତ୍ର ସମୟ ଥିବାରୁ ପ୍ରବଳ ଭିଡ ଥିଲା ସେଠାରେ । ଆମେମାନେ ଟିକେଟ ପାଇଲୁ ନାହିଁ । ସୁଡ଼ଙ୍ଗ ଭିତରକୁ ନ ଯାଇପାରି ଆମେ ସୁଡ଼ଙ୍ଗର ଶେଷ ଭାଗ ଦେଖିଥିଲୁ ସେହି ମନ୍ଦିର ଭିତର ପଟରୁ ।

ପୂଜାପଣ୍ଡାମାନେ ଆମକୁ ବାରଣ କରୁଥିଲେ ସେ ସୁଡ଼ଙ୍ଗ ଦ୍ୱାର ପାଖକୁ ନଯିବା ପାଇଁ । କାରଣ ସୁଡ଼ଙ୍ଗର ତଳୁ ଉପରକୁ ଆସିବା ସହଜ ନଥିଲା । ଆନୁମାନିକ ୭/୮ ଫୁଟ ଗଭିର ଏବଂ ଆବଡ ଖାବଡ ମଧ୍ୟ ଥିଲା ସେହି ସୁଡ଼ଙ୍ଗର ପ୍ରସ୍ଥାନ ଦ୍ୱାର । ମନ୍ଦିର ବି ବେଶ ଭଲ ଭାବେ ପୂଜା ପାଇଁ ଡେକୋରେସନ କରାଯାଇଥିଲା । ଲିଚୁ ଲାଇଟରେ ମନ୍ଦିର ଚମକୁଥିଲା ।

ରାତି ୯ଟାରେ ପାଖ ବଜାରରୁ ଡିନର କରିନେଲୁ । ପୁଣି କିଛି ସମୟ ସେହି ମନ୍ଦିର ରେ ରେଷ୍ଟ ନେଲୁ । ପକ୍କା ଚଟାଣ ଉପରେ କିଛି ସମୟ ପାଇଁ ଗଡିଗଲୁ । ପାଖାପାଖି ଏକ ଘଣ୍ଟା ଆମେ ରେଷ୍ଟ ନେଇଥିଲୁ । ସମୟ ରାତ୍ରି ୧୨ ଘଟିକା । ଆରମ୍ଭ ହେଲା ମୁଖ୍ୟ ଯାତ୍ରା ମାଆ ବୈଷ୍ଣୋଦେବୀଙ୍କ ଅଭିମୂଖେ । ଏହି ଯାତ୍ରା ଥିଲା ସବୁଠାରୁ କୌତୁହଳପ୍ରଦ ଏବଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଷ୍ଟଦାୟକ । ଯଦିଓ ସେଠାରୁ ଅଟୋରିକ୍ସାର ବ୍ୟବସ୍ଥା ଥିଲା ଆମେ କିନ୍ତୁ ପାଦରେ ଚାଲି ଚାଲି ଯିବାକୁ ପସନ୍ଦ କରିଥିଲୁ ।

କିଛି ବାଟ ଯିବାପରେ ମାମା ଆଉ ଚାଲି ପାରିଲା ନାହିଁ । ବାବା ତାକୁ କିଛି ରାସ୍ତା ନାଉ କରି ନେଲା । ମୁଁ କିଛି ରାସ୍ତା କାନ୍ଧେଇ ନେଲି । କ୍ରୀଷ୍ଣା କାଖ କରି କିଛି ବାଟ ନେଇଗଲା । ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ବାଡି ଥାଏ । ବାଟ ଚାଲିବାରେ ସହାୟକ ହେଉଥିଲା । ସେହି ବାଡିରେ ମାମାକୁ ସଙ୍ଗିବାଉଁଶ କରି ବାବା ଏବଂ ମୁଁ ତାକୁ ଟେକି ନେଇଥିଲୁ ।

ରାତି ୩ଟାରେ ଆମେ ମନ୍ଦିର ତଳେ ପହଞ୍ଚିଯାଇଥିଲୁ । ରାସ୍ତା କଡରେ ଟିକିଏ ବିଶ୍ରାମ ନେଲୁ । ସେହିଠାରେ କୌଣସି ଏକ ଦୋକାନରେ ଆମର ବେଗପତ୍ର ସବୁ ରଖିଦେଲୁ ।

୪ଟା ୩୦ରେ ଫ୍ରେସ ହେଇ ଗାଧୋଇପାଧୋଇ ମାଆଙ୍କ ଦର୍ଶନ ନିମନ୍ତେ ଉପରକୁ ଚଢିଲୁ । ବହୁତ ଭିଡ ଥିବାରୁ ଆଗକୁ ବଢିବା କଷ୍ଟ ହେଉଥାଏ । ଘଣ୍ଟାଏ କାଳ ଲାଇନରେ ଠିଆ ହେବା ପରେ ଆମେ ମାଆଙ୍କ ଦରବାରରେ ପହଞ୍ଚିଲୁ । ବହୁତ ମନୋରମ ଦୃଶ୍ୟ । ମନ ଲାଖି ଯାଇଥାଏ ସେହିଠାରେ ।

ଦୁଇପଟେ ବିଶାଳ ପାହାଡ । ମଝିରେ ମାତାରାଣୀଙ୍କ ମନ୍ଦିର । ଶୀତୁଆ ସକାଳର ଭିଜା ଭିଜା କଅଁଳ ଘାସ ଉପରୁ ବାଷ୍ପିଭୂତ କାକର ବିନ୍ଦୁ ସ୍ଫଟିକ ସଦୃଶ ଚକମକ କରୁଥାଏ । ସମ୍ପୂର୍ଣ୍ଣ ପାହାଡ ସପ୍ତ ରଙ୍ଗର ଆଲୋକ ମାଳାର ରଙ୍ଗାୟୀତ । କୃତ୍ରିମ ହେଲେବି ସେହି ଆଲୋକ ରଶ୍ମି ବାଷ୍ପିୟ କାକର ବିନ୍ଦୁ ଉପରେ ପଡି ଇନ୍ଦ୍ରଧନୁ ସୃଷ୍ଟି ହେଉଥାଏ ।

ବହୁତ କଡା ସିକୁରିଟ । ଯାଂଚ ପରତାଳ ଚାଲିଥାଏ । ଜଣେ ଜଣେ କରି ମାତା ରାଣୀଙ୍କ ଦର୍ଶନ କରି ଚାଲିଥାନ୍ତି । ଦୁର୍ଭାଗ୍ୟ ହେଉ କି ସୌଭାଗ୍ୟ ହେଉ ମାଆର ଦର୍ଶନ ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମିଳୁଥିଲା କିନ୍ତୁ ଆମେ ଯେମିତି ଚାହୁଁଥିଲେ ସେମିତି ନୁହେଁ । ଗୋଟିଏ ସେକେଣ୍ଡରୁ କମ ସମୟ ଏବଂ ଚାଲୁଚାଲୁ ମାତା ରାଣୀକୁ ମୁଣ୍ଡ ଟେକି ଅତିକ୍ରମ କରିବାକୁ ପଡୁଥିଲା । ଏ ମନ ଚାହୁଁଥାଏ ଆଉ ଟିକିଏ ମାଆକୁ ଦେଖିଯିବାକୁ । କିନ୍ତୁ ଅବଧି ସମୟ ସୀମା ଭିତରେ ସବୁ କିଛି କରିବାକୁ ପଡିଥିଲା ।

ଧିରେ ଧିରେ ମନ୍ଦିରରୁ ବାହାର ଆଡକୁ ଅଗ୍ରସର । ଶଙ୍ଖା, କତୁରି, ଓଢଣୀ, ନଡିଆ, ଧୂପ ମାଆକୁ ଅର୍ପଣ କରି ମାଆଙ୍କ ଚରଣାରବିନ୍ଦେ ମଥା ଟେକି ବାହାରର ରାସ୍ତା ଅବଲୋକନ କରିଥିଲୁ ।

ନୂଆଦିଲ୍ଲୀ

(ଫୋନ୍ ନଂ. – ୮୧୭୮୭୪୪୭୨୭)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୭ ମଇ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan